R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୧୩
ତିଥି : ପ୍ରତିପଦ
୦୯ ମେ' ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା-୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 213
09 May 2024, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur Jeypore

# ପଦବୀ ଛାଡ଼ିଲେ ପିତ୍ରୋଡା



ନୂଆଦିଲ୍ଲୀ, ୮।୫ : ବିବାଦୀୟ ବୟାନ ପାଇଁ କଂଗ୍ରେସର ଓଭରସିଜ୍ ମୁଖ୍ୟ ସାମ୍ ପିତ୍ରୋଡା ଦଳରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫା ପତ୍ରକୁ ଏଆଇସିସି ସଭାପତି ଗ୍ରହଣ କରିଛନ୍ତି ବୋଲି କଂଗ୍ରେସର ଯୋଗାଯୋଗ ମୁଖ୍ୟ ଜୟରାମ ରମେଶ ଏକ୍ସରେ ସୂଚନା ଦେଇଛନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ ସାମ୍ ପିତ୍ରୋଡା କଂଗ୍ରେସରୁ ଇସ୍ତଫା ଦେବାପାଇଁ ନିଜଆଡୁ ନିଷ୍ପତ୍ତି ନେଇଛନ୍ତି ଓ କଂଗ୍ରେସ ସଭାପତି ତାହାକୁ ଗ୍ରହଣ କରିନେଇଛନ୍ତି । ସୂଚନାଯୋଗ୍ୟ ଏକ ସାକ୍ଷାତକାରରେ ଗଣମାଧ୍ୟମକୁ ପିତ୍ରୋଡା ବର୍ଣ୍ଣବାଦ ନେଇ ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟକୁ ନେଇ କଂଗ୍ରେସ ଉପରେ ବିଜେପି ବର୍ଷିଥିଲା । ପିତ୍ରୋଡା କହିଥିଲେ ଯେ ଦକ୍ଷିଣ ଭାରତର ଲୋକମାନେ ଆଫ୍ରିକା ପରି ଦିଶନ୍ତି ଓ ପୂର୍ବ ଭାରତ ଲୋକମାନେ ଚାଇନିଜ୍ ଭଳି ଓ ପଶ୍ଚିମଭାରତ ଲୋକମାନେ ଆରବ ଓ ଉତ୍ତର ଭାରତ ଲୋକମାନେ ଗୋରା ଭଳି ଦିଶିଥାନ୍ତି । ତେବେ ଏହି ବିବିଧତା ମଧ୍ୟରେ ଭାରତରେ ଏକତା ରହିଛି । ଏହା ହେଉଛି ଭାରତ ବିଶେଷତ୍ୱ । ମାତ୍ର ଏହି ବୟାନ ବିଜେପିକୁ ରାଜନୀତି କରିବାକୁ ବେଶ୍ ଖୋରାକ୍ ଯୋଗାଇଥିଲା । ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ସମ୍ପର୍କରେ ରାହୁଲ ଗାନ୍ଧିଙ୍କ ମନ୍ତବ୍ୟ ଦାବି କରିଛନ୍ତି । ସେ କହିଛନ୍ତି ଯେ ବର୍ଣ୍ଣବାଦକୁ ନେଇ ହୋଇଥିବା ଅସମ୍ମାନକୁ ଆମେ ସହ୍ୟ କରିବୁନାହିଁ । ରାହୁଲ ଗାନ୍ଧି ଏହାର ଜବାବ ଦିଅନ୍ତୁ । ଦେଶବାସୀଙ୍କୁ ସେମାନଙ୍କ ବର୍ଣ୍ଣ ନେଇ ଅସମ୍ମାନିତ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ପରେ ବିଜେପିର ନେତାମାନେ ଏହାକୁ ନେଇ ମନ୍ତବ୍ୟ ଦେବାରେ ଲାଗିଥିଲେ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କଠୁ ଆରମ୍ଭ କରି ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବିରେନ୍ ସିଂ, ବିଜେପି ମୁଖପାତ୍ରମାନେ ମଧ୍ୟ ବୟାନ ରଖିଥିଲେ । ଅଭିନେତ୍ରୀରୁ ନେତ୍ରୀ ବନିଥିବା କଙ୍ଗନା ରଣାବତ୍ ମଧ୍ୟ ଏହା ଉପରେ ମନ୍ତବ୍ୟ ରଖିଥିଲେ । ଜାତୀୟ ଗଣମାଧ୍ୟମଗୁଡ଼ିକ ମଧ୍ୟ ଏହାକୁ ପ୍ରସଙ୍ଗ କରିଥିଲେ । ଶେଷରେ ପିତ୍ରୋଡା କଂଗ୍ରେସ ଛାଡ଼ିଛନ୍ତି ।

### ବିବାଦୀୟ ବୟାନ ଯୋଗୁ କଂଗ୍ରେସ ପଦ ଛାଡ଼ିଲେ

### ମୃଦୁ ପାନୀୟରେ ନିଶା

## ଯୁକ୍ତ ୨ ଛାତ୍ରୀଙ୍କୁ ୮ ସହପାଠୀଙ୍କ ଗଣଦୁଷ୍କର୍ମ : ୫ ଗିରଫ

ବ୍ରହ୍ମପୁର, ୮।୫ (ସବ୍ୟୁ) : ରେଶମ ସହର ବ୍ରହ୍ମପୁର ସହରରେ ଏକ ଲୋମହର୍ଷକାରୀ ଘଟଣା ଘଟିଛି ।ସହରର ଜଣେ ନାବାଳିକା ତଥା ଯୁକ୍ତ ୨ ଛାତ୍ରୀଙ୍କୁ ତାଙ୍କ ୫ ଜଣ ସହଯୋଗୀ ଗଣ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ବୈଦ୍ୟନାଥପୁର ଥାନା ପୁଲିସ ପିଡିତାଙ୍କ ଡାକ୍ତରୀମାଇନା କରାଇବା ସହ ଏହି ଗଣବଳାତ୍କାରରେ ସଂପୃକ୍ତ ତାଙ୍କର ଜଣ ପରେ ଜଣେ ସହଯୋଗୀଙ୍କୁ କାବୁ କରିବାରେ ସଫଳ ହୋଇଛି ।

ସୂଚନା ଯୋଗ୍ୟ ଯେ ଗତ ତିନି ତାରିଖରେ ନାବାଳିକା ତାଙ୍କର ଅନ୍ୟ ଜଣକ ସହ ପାଠିଙ୍କ ସହ ବୁଲିବାକୁ ଯାଇଥିଲେ । ହେଲେ ସହ ପାଠି ଜଣକ କିଛି କାମ ଥିବା ବେଳେ ସେ ତାଙ୍କୁ ସେଠାରେ ଛାଡ଼ି ଚାଲି ଯାଇଥିଲେ।ଏହାପରେ ସହରର ନୂଆବସଷ୍ଟାଣ୍ଡ ନିକଟରେ ଠିଆ ହୋଇଥିବା ବେଳେ ତାଙ୍କୁ ପରିଚିତ ଜଣେ ଯୁବକ ନିଜ ରୁମକୁ ଡାକିଥିଲେ ।ପରେ ଯୁବକଙ୍କ ଜଣକ ନାବାଳିକାଙ୍କୁ ମୃଦୁ ପାନୀୟରେ ନିଶା ଦେଇ କହିଥିଲେ ଯେ ମୁଁ ମୋର ମାଙ୍କୁ ଡାକିବାକୁ ଯାଉଛି ତମେ ଏଥରେ ବସି ଥାଅ। ଏହା ପରେ ସେ ଅନ୍ୟ ସାଙ୍ଗ ମାନଙ୍କୁ ନିଜ ରୁମକୁ ଡାକିଥିଲେ । ମୃଦ୍ୟୁପାନୀୟ ପିଇବା ପରେ ଛାତ୍ରୀ ଜଣଙ୍କ ଅଚେତ ହୋଇ ପଡିଥିଲେ । ଏହାର ସୁଯୋଗ ନେଇ ଜଣେ ପରେ ଜଣେ ଯୁବକ ତାଙ୍କୁ ପ୍ରାୟ ଦୁଇ ଘଣ୍ଟା ଧରି ଦୁଷ୍କର୍ମ କରିଥିଲେ । ଚେତା ଫେରିବା ପରେ ତାକୁ ଘଟଣା ବିଷୟରେ କାହାକୁ କହିଲେ ତତେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ ।ଏହାପରେ ନାବାଳିକା ଜଣକ ନିଜ ଘରକୁ (୯ ପୃଷ୍ଠାରେ)

## କାଳବୈଶାଖୀ ବର୍ଷା ଜାରି

ଭୁବନେଶ୍ୱର, ୮।୫ (ସବ୍ୟୁ) : ରାଜ୍ୟରେ କାଳବୈଶାଖୀ ବର୍ଷା ଜାରି ରହିଛି । ଫଳରେ ଅନେକ ସ୍ଥାନରେ ତାତି ବିଶେଷ ଭାବେ ବୃଦ୍ଧି ପାଇନି । ନୂଆପଡ଼ା ଓ ବଲାଙ୍ଗୀରକୁ ଛାଡ଼ି ଦେଲେ କୌଣସି ଜିଲ୍ଲାରେ ବି ୪୦ ଡିଗ୍ରୀ ଡେଇଁନି ତାପମାତ୍ରା । ପ୍ରାୟ ସବୁ ଜାଗାରେ ୩୯ ଡିଗ୍ରୀ ତଳେ ରହିଛି ପାରଦ । ତେବେ ବୁଧବାର ସନ୍ଧ୍ୟାରେ ଟ୍ୱିନ ସିଟିରେ କାଳବୈଶାଖୀ ବର୍ଷା ଗୁଳୁଗୁଳିରୁ ଦେଇଛି ଆଶ୍ୱସ୍ତି ।

ପାଣିପାଗ ବିଭାଗର କହିବାନୁସାରେ, ଗୋଟିଏ ଦିନରେ ବ୍ରେକ ପରେ ପୁଣି ୪୦ଡ଼ିଗ୍ରୀକୁ ଫେରିଲା ତାତି। ନୂଆପଡା ଏବଂ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଛି । ବୁଧବାର ଚାନ୍ଦବାଲିରେ ୧୫ ମିମି ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ାରେ ୪୧ ମିମି, କେନ୍ଦୁଝରରେ ୮.୨ ମିମି, ପାରାଦୀପ, କଟକ, ଭୁବନେଶ୍ୱରରେ ଝଡ଼ତୋଫାନ ବର୍ଷା ହୋଇଥିଲା ।

ଆସନ୍ତାକାଲି(ଗୁରୁବାର) ଠାରୁ ୧୨ ତାରିଖ ଯାଏ କାଳବୈଶାଖୀ ବର୍ଷା ଲାଗି ଚେତବନୀ ଦେଇଛି ପାଣିପାଗ ବିଭାଗ । ଗୁରୁବାର ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲାରେ କାଳବୈଶାଖୀ (୯ ପୃଷ୍ଠାରେ)






### ପଦ୍ମପୁର ଓ ଭେଡେନ୍‌ରେ ପାଣ୍ଡିଆନଙ୍କ ପ୍ରଚାର

## ବିଜେପି, କେନ୍ଦ୍ରମନ୍ତ୍ରୀଙ୍କୁ ଶାଣିତ କଟାକ୍ଷ



ଭୁବନେଶ୍ୱର, ୮।୫ (ସବ୍ୟୁ) : ପଦ୍ମପୁରକୁ ଜିଲ୍ଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ସରକାର ବିଜ୍ଞପ୍ତି ପ୍ରକାଶ କଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଇଁ ଜାଗା ଚିହ୍ନଟ ହେଲା । କିଛି ଚକ୍ରାନ୍ତକାରୀ ଗୋଷ୍ଠୀ ତାକୁ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି । କୋର୍ଟରେ ମାମଲା କରି ଆପଣଙ୍କ ହକ୍ ଛଡାଇ ନେବାକୁ ଚେଷ୍ଟା କରାଯାଉଛି । କିନ୍ତୁ ସେ ଯାହା କଲେ ବି ସଫଳ ହେବେନାହିଁ । ଆମେ ସବୁଠି ଲଢ଼ି ପଦ୍ମପୁରକୁ ଜିଲ୍ଲା କରିବୁ ବୋଲି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ।

ପଦ୍ମପୁର ଓ ଭିଡେନରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଅବସରରେ ବିଜେପି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶାଣିତ ଆକ୍ଷେପ ଶ୍ରୀ ପାଣ୍ଡିଆନ କରିଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଆସି ଏଠାରେ କହିଲେ ଆମେ ଏକ୍ସପ୍ରେସ୍ ଟ୍ରେନ୍‌ର ସୁବିଧା ଦେବୁ, ରେଳ ଷ୍ଟେସନ କରିବୁ । ତାଙ୍କୁ ପଚାରନ୍ତୁ କେଉଁଠି ରେଳ ଜଙ୍କସନ୍ ଅଛି, କେଉଁଠି ରେଳ ଯିବ ଓ ଷ୍ଟେସନ ହେବ । ସେହିଭଳି ଚାଷୀଙ୍କ ଫସଲ ବୀମା ପାଇଁ କେନ୍ଦ୍ର ସରକାର ପ୍ରିମିୟମ୍ ମାଗୁଛି । ନବୀନ ସରକାର ଏହି ପ୍ରିମିୟମ୍ ଦେଇ ଆପଣଙ୍କ ବୋଝ ହାଲୁକା କରିଛନ୍ତି । ଫସଲ ବୀମାକୁ ସରଳ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଚାଷୀଙ୍କ ପାଇଁ ବହୁତ କୁମ୍ଭୀର କାନ୍ଦଣା କାନ୍ଦିଲେ କିଛି କଲେନାହିଁ । କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ଜିଏସ୍‌ଟି ଉଠାଇବା ପାଇଁ ବହୁବାର ନବୀନ ବାବୁ କେନ୍ଦ୍ରକୁ ଅନୁରୋଧ କଲେ । ହେଲେ ସେମାନେ ଉଠାଇଲେ ନାହିଁ । କିନ୍ତୁ ନବୀନ ବାବୁ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଠାଇ ବୋନସକୁ ୨୫ ରୁ ବଢ଼ାଇ ୫୦% (୯ ପୃଷ୍ଠାରେ)







ଏହି ଅକ୍ଷୟ ତୃତୀୟାରେ,
ଏକ ଜାଜ୍ୱଲ୍ୟମୟ ନୂଆ ପ୍ରାରମ୍ଭ ଆପଣଙ୍କ ପ୍ରତୀକ୍ଷାରତ

କାଳାତୀତ ପରମ୍ପରା ରୁ ଉଲ୍ଲାସଭରା ରୀତିନୀତି ପର୍ଯ୍ୟନ୍ତ
ଆମେ ନିଜର ଚାରୁ କାରୁକାର୍ଯ୍ୟରେ ପ୍ରତିଟି ବିବାହୋତ୍ସବକୁ ସଜେଇବା ଲାଗି ଉପସ୍ଥିତ।
ତେଣିକି ତାହା ହେଉ ହର୍ଷୋତ୍ଫୁଲ୍ଲ ହଳଦୀ ବା ଉତ୍ସବମୁଖର ବିବାହ।
ପ୍ରତି ପଦକ୍ଷେପରେ ଆଧୁନିକ ବଧୂମାନଙ୍କ ପସନ୍ଦ ହେଉଛି ରିଭା।
ପ୍ରତିଟି କ୍ଷଣକୁ ଦିଅନ୍ତୁ ଅନୁପମ ସୌନ୍ଦର୍ଯ୍ୟର ସ୍ୱର୍ଣ୍ଣ ରିଭା ବିବାହ ଆଭୂଷଣ ଯୋଗେ।

20% ପର୍ଯ୍ୟନ୍ତ ଛାଡ଼* ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ

ପାଆନ୍ତୁ 100%* ଏକ୍ସଚେଞ୍ଜ ମୂଲ୍ୟ ଯେ କୌଣସି ଦୋକାନ ରୁ କିଣିଥିବା ନିଜର ପୁରୁଣା ସୁନା ଉପରେ

FLAT ₹4,000 INSTANT DISCOUNT* SBI card
*Min. Trxn.: ₹80,000. Valid on one transaction per card. Validity: 03 May - 12 May 2024. T&C Apply.

ଗୋଲ୍ଡ ରେଟ୍ ପ୍ରୋଟେକଶନ୍ - ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ ।

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply, For T&C visit our website.

Showroom in : Chandrasekharpur, Bhubaneswar, Mob-7205050700
Master Canteen Square, Bhubaneswar, Mob-9238307043
Cantonment Road, Cuttack, Mob-9238307044
Amalapada, Lane-2, Angul, Mob-9090066000


## ଅମ୍ବାନୀ-ଆଦାନୀ ପ୍ରସଙ୍ଗରେ ମୋଦିଙ୍କୁ ଜବାବ ଦେଲେ ରାହୁଲ



ନୂଆଦିଲ୍ଲୀ, ୮।୫ : ଅମ୍ବାନୀ-ଆଦାନୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଆକ୍ଷେପ କରି ଦେଇଥିବା ମନ୍ତବ୍ୟର ଜବାବ ଦିଆଯାଇଛି । ରାହୁଲ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆପଣ ଭୟଭୀତ କି ବୋଲି ପ୍ରଶ୍ନ ପଚାରିଛନ୍ତି ।

ସୂଚନାଯୋଗ୍ୟ ଅମ୍ବାନୀ-ଆଦାନୀଙ୍କ ସହ ରାହୁଲ କ'ଣ ଡିଲ୍ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ତେଲେଙ୍ଗାନାରେ ପ୍ରଶ୍ନ ପଚାରିଛନ୍ତି । ଏହାର ଜବାବରେ ରାହୁଲ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଇଡି ଓ ସିବିଆଇ ଶିଳ୍ପପତିମାନଙ୍କ ଘରକୁ ପଠାଉଛନ୍ତି । ଏମାନଙ୍କ ଘରକୁ ବି ପଠାଯାଉ ବୋଲି ଉଲ୍ଲେଖ କରିଛନ୍ତି । ଏହାପରେ ସେ ଉଲ୍ଲେଖ କରିଛନ୍ତି ଆପଣ ଭୟଭୀତ କି । ଆମେ ସବୁବେଳେ ଅମ୍ବାନୀ-ଆଦାନୀଙ୍କ ସମ୍ପର୍କରେ ଯେତେବେଳେ ଆଲୋଚନା କରୁ ଆପଣ ଶୁଣନ୍ତି ନାହିଁ । ପ୍ରଥମ ଥର ପାଇଁ ସାଧାରଣରେ ଆପଣ ଅମ୍ବାନୀ ଓ ଆଦାନୀଙ୍କ ନାମ ନେଇଛନ୍ତି । ବୁଧବାର ପ୍ରଧାନମନ୍ତ୍ରୀ ଏକ ସଭାରେ କହିଥିଲେ ଯେ କଂଗ୍ରେସର ଅମ୍ବାନୀ ଓ ଆଦାନୀଙ୍କ ସହ ଡିଲ୍ ହୋଇଯାଇଛି । ଏହି ଦଳ କିଛି ଶିଳ୍ପପତିଙ୍କୁ ଅନୁକମ୍ପା ଦେଖାଉଛି । ତେଲେଙ୍ଗାନା ମାଟିରୁ ମୁଁ ପଚାରିବାକୁ ଚାହେଁ ଯେ ଶେହଯାଦା କାହିଁକି ଅମ୍ବାନୀ ଓ ଆଦାନୀଙ୍କ ପ୍ରସଙ୍ଗ ଆଉ ଉଠାଉନାହାନ୍ତି । ଟେମ୍ପୋରେ ଭର୍ତ୍ତି ହୋଇ ଟଙ୍କା କ'ଣ କଂଗ୍ରେସ ପାଖରେ ପହଞ୍ଚି ଗଲାକି । କ'ଣ ବୁଝାମଣା ହୋଇଛି ଫଳରେ ସେମାନେ ରାତାରାତି ଅମ୍ବାନୀ-ଆଦାନୀଙ୍କୁ ଗାଳି ଦେବା ବନ୍ଦ କରିଦେଲେ । ରାହୁଲ ଜବାବରେ ଉଲ୍ଲେଖ କରିଛନ୍ତି ଯେ ଆପଣ ଜାଣିଛନ୍ତି ସେମାନେ ଟେମ୍ପୋରେ ଟଙ୍କା ଦିଅନ୍ତି । ଏହା ହେଉଛି ଆପଣଙ୍କର ବ୍ୟକ୍ତିଗତ ଅନୁଭୂତି । କିଛି ଶିଳ୍ପପତିଙ୍କ ଘରକୁ ଇଡି ଓ ସିବିଆଇ ଆପଣ ପଠାଉଛନ୍ତି । ଯେତେଶୀଘ୍ର ପାରୁଛନ୍ତି ଏହାର ତଦନ୍ତ କରନ୍ତୁ । ମୁଁ ପୁନର୍ବାର କହିବାକୁ (୯ ପୃଷ୍ଠାରେ)

### ଟେମ୍ପୋରେ କେତେ ଟଙ୍କା ଯାଇ ଡିଲ୍ ହୋଇଛି : ମୋଦି

### ଟେମ୍ପୋରେ ଟଙ୍କା ନେବା ଆପଣଙ୍କ ବ୍ୟକ୍ତିଗତ ଅଭିଜ୍ଞତା, ଇଡି, ସିବିଆଇ ପଠାନ୍ତୁ : ରାହୁଲ



# ମନ ଜିଣିଲେ ମୋନା



ମେଟ୍ ଗାଲାର ଷ୍ଟାର ଭାବେ ମୋନା ପଟେଲ ବର୍ତ୍ତମାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛନ୍ତି । ଜଣେ ଯୁବ ଉଦ୍ୟୋଗୀ ଭାବେ ମୋନା ଯେତିକି ଜଣଶୁଣା ବର୍ତ୍ତମାନ ନିଜର ମେଟ୍‌ଗାଲା ଡେବ୍ୟୁ କରି ସେତିକି ପପୁଲାର ହୋଇଯାଇଛନ୍ତି । ଗୁଜରାଟରେ ଜନ୍ମିତ ମୋନା ବହୁତ କମ ବୟସରୁ ଆମେରିକା ଚାଲିଯାଇଥିଲେ । ସେଠାରେ ନିଜର ପାଠ ସମାପ୍ତ କରି ବ୍ୟବସାୟରେ ମନ ବଳାଇଥିଲେ । ବର୍ତ୍ତମାନ ସେ ଆମେରିକାର ଜଣେ ସଫଳ ଉଦ୍ୟୋଗପତି । ନିକଟରେ ତାଙ୍କୁ ମେଟ୍ ଗାଲା ରେଡକାର୍ପେଟରେ ଦେଖିବାକୁ ମିଳିଥିଲା । ଏହାପରେ ଭାରତରେ ମଧ ତାଙ୍କୁ ନେଇ ଚର୍ଚ୍ଚା ହେବା ଆରମ୍ଭ ହୋଇଛି । ସେ ମେଟ୍ ଗାଲାରେ ନିଜ କଲଚରକୁ ବେଶ୍ ସୁନ୍ଦର ଭାବେ ରିପ୍ରେଜେଣ୍ଟ କରିଛନ୍ତି । ତାଙ୍କୁ ଏଠାରେ ଇରିସ୍ ଭାନ୍‌ଙ୍କର ମେକାନିକାଲ ବଟରଫ୍ଲାଏ ଆଉଟ୍‌ଫିଟ୍‌ରେ ଦେଖିବାକୁ ମିଳିଛି । ମୋନାଙ୍କ ଆଉଟ୍‌ଫିଟ୍‌କୁ ସମସ୍ତେ ଖୁବ ଭଲ ପାଇବା ଦେଇଛନ୍ତି । ବଟରଫ୍ଲାଏ ସେପର କୋରସେଟରେ ମୋନା ଖୁବ ଗ୍ଲାମରିଅସ ଲାଗୁଛନ୍ତି ।

# ସ୍ୱାସ୍ଥ୍ୟକର ଗଜାମୁଗ



ଫୁଡ କ୍ରେଭିଂ ସମସ୍ତଙ୍କୁ ବିଭିନ୍ନ ସମୟରେ ସମସ୍ୟାରେ ପକାଇଥାଏ । ଏହା କାରଣରୁ କେତେକଙ୍କର ଓଜନ ବଢୁଥିବାବେଳେ କେତେଜଣ ବିଭିନ୍ନ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପଡିଥାଆନ୍ତି । ତେବେ ଏହି କ୍ରେଭିଂରୁ ବଞ୍ଚିବା ପାଇଁ ଆମ ପାଖରେ କିଛି ହେଲ୍‌ଦି ଅପସନ ମଧ ରହିଥାଏ । ଯାହାକୁ ଖାଇ ଆମେ ଆମର ଅନହେଲ୍‌ଦି କ୍ରେଭିଂରୁ ଦୂରେଇ ରହିପାରିବା । ତେବେ ଏହି ତାଲିକାରେ ସବୁଠାରୁ ଉପରେ ରହିଛି ସ୍ପ୍ରାଉଟ୍ସ ବା ଗଜାମୁଗ । ଏହାକୁ ପିଆଜ, ଲଙ୍କା, ଟମାଟୋ, ଲେମ୍ବୁ ଦେଇ ଖାଇଲେ ଏହାର ସ୍ୱାଦ ବଢିଯାଇଥାଏ, ଯାହା କୌଣସି ଜଙ୍କଫୁଡର ସ୍ୱାଦ ଭଳି ହୋଇଥାଏ । କେବଳ ସ୍ୱାଦ କାହିଁକି ଏହାର ଅନେକ ସ୍ୱାସ୍ଥ୍ୟକର ଫାଇଦା ମଧ ରହିଛି ।

**ଓଜନ ନିୟନ୍ତ୍ରଣ–** ଗଜାମୁଗର ସବୁଠାରୁ ଭଲ ଫାଇଦା ହେଲା ଓଜନ ନିୟନ୍ତ୍ରଣ କରିବା । ଏହା ଫାଇବରରେ ହାଇ ଥିବା ବେଳେ କ୍ୟାଲୋରୀରେ କମ ହୋଇଥାଏ । ତେଣୁ ଓଜନ ନିୟନ୍ତ୍ରଣରେ ଏହା ବେଶ ସହାୟକ ହୋଇଥାଏ । ଏହାକୁ ସୁପର ଫୁଡ ତାଲିକାରେ ମଧ ଆଗରେ ରଖାଯାଇଥାଏ ।

**ହୃଦରୋଗ ପାଇଁ ସ୍ୱାସ୍ଥ୍ୟକର–** ଏହା ହୃଦରୋଗ ପାଇଁ ବେଶ ସ୍ୱାସ୍ଥ୍ୟକର ହୋଇଥାଏ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ, ଡେଲଫିନାଡିନ୍, ସାୟାନିଡନ୍ ଆଦି ଆମ ରକ୍ତ କଣିକାର ସ୍ୱାସ୍ଥ୍ୟ ଭଲ ରଖିଥାଏ । ଏହା ସହ ଆମର ହୃଦୟକୁ ମଧ ସୁସ୍ଥ ରଖିଥାଏ ।

**ସର୍କରାହାର ନିୟନ୍ତ୍ରଣରେ ରହିଥାଏ–** ଏହାର ସବୁଠାରୁ ଉତ୍ତମ ଫାଇଦା ହେଲା, ଆମର ସର୍କରା ହାରକୁ ନିୟନ୍ତ୍ରଣରେ ରଖିଥାଏ । ଏହାର ସୁଗାର ଲେବଲକୁ ଖୁବ ଭଲରେ ରେଗୁଲେଟ କରିଥାଏ ।

**ଉତ୍ତମ ମସ୍ତିଷ୍କ ପରିଚାଳନା–** ଏହା ଆମ ମସ୍ତିଷ୍କକୁ ଭଲ ଭାବେ ପରିଚାଳନା କରିଥାଏ । ଏଥିରେ ଥିବା ଭିଟାମିନ୍ସ ବି –୬ ଆମ ବ୍ରେନ ଫଙ୍କସନକୁ ବଢାଇଥାଏ । ଏହା ଆମର ମୁଡ୍‌କୁ ମଧ ଠିକ୍ ରଖିଥାଏ ।

**ପାଚନ ଶକ୍ତି ବଢାଇଥାଏ–** ଏହା ଆମ ପାଚନ ଶକ୍ତି ପାଇଁ ଖୁବ ଲାଭଦାୟକ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଆମ ପେଟ ଠିକ ରହିବା ଦ୍ୱାରା ଆମର ହଜମ ଶକ୍ତି ବଢିଥାଏ ।



# ଯୋଗ ପାଇଁ ଟିପ୍ସ

ଶରୀରକୁ ସୁସ୍ଥ ରଖିବା ଲାଗି ଯୋଗ ହେଉଛି ଏକ ସର୍ବୋନ୍ନତ ବିକଳ୍ପ । ପ୍ରାଣାୟାମରୁ ନେଇ ସୂର୍ଯ୍ୟ ନମସ୍କାର ସମେତ ବିଭିନ୍ନ ପ୍ରକାରର ଆସନ ଜରିଆରେ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଫିଟ୍ ରହିଥାଏ । ଏହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରୁ ଆଶ୍ୱସ୍ତି ମିଳିଥାଏ । ହେଲେ ଯୋଗ କରିବା ପାଇଁ ସଠିକ୍ ସମୟ ସହିତ ସଠିକ ପରିବେଶ ଏବଂ ସଠିକ୍ ପୋଷାକ ବିଷୟରେ ଜାଣିରଖିବା ନିତାନ୍ତ ଆବଶ୍ୟକ ।

- ଯୋଗ କରିବା ସମୟରେ ସର୍ବପ୍ରଥମେ ପୋଷାକ ପ୍ରତି ଧ୍ୟାନ ରଖନ୍ତୁ । ଏହି ସମୟରେ କମ୍ଫର୍ଟେବଲ୍ ପୋଷାକ ପିନ୍ଧନ୍ତୁ । ଅଧିକ ଟାଇଟ୍ ଡ୍ରେସ୍‌କୁ ଆଭଏଡ୍ କରନ୍ତୁ । କାହିଁକି ନା ଟାଇଟ୍ ଡ୍ରେସ୍‌ରେ ଅଧିକ ପୋଜ୍ ମିସ୍ ହେବା ସହିତ ଡ୍ରେସ୍ ଚିରିବାର ମଧ ସମ୍ଭାବନା ରହିଛି ।
- ଯୋଗାଚାର୍ଯ୍ୟଙ୍କ ମତରେ ଯୋଗ କରିବା ଲାଗି ସଠିକ୍ ସମୟ ହେଉଛି ସକାଳ । ଏହି ସମୟରେ ଆପଣ ସମ୍ପୂର୍ଣ୍ଣ ରୂପେ ଫ୍ରି ଥିବାବେଳେ ସକାଳ ଖରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ ହୋଇଥାଏ । ତେଣୁ ଏହି ସମୟକୁ ଯୋଗ ପାଇଁ ସବୁଠୁ ଭଲ ବୋଲି କୁହାଯାଏ ।
- ଯୋଗ କରିବା ଲାଗି ଆପଣ ଶାନ୍ତ ଓ ସ୍ୱଚ୍ଛ ପରିବେଶକୁ ବାଛନ୍ତୁ । ଏନେଇ ଛାତ ଉପର ସବୁଠୁ ଭଲ ବିକଳ୍ପ ହେବ ।
- ସକାଳେ ଖାଲି ପେଟରେ କିମ୍ବା ଖାଇବାର ୨ରୁ ୩ ଘଣ୍ଟା ପରେ ଯୋଗ କରନ୍ତୁ । ଖାଇବା ପରେ ଆପଣ ଚାହିଁଲେ ବଜ୍ରାସନ କରିପାରିବେ, କାରଣ ଏହା ହଜମ କରିବାରେ ସହାୟକ ହେବ ।



ଦୁଇଜଣ ଝିଅ ବସରେ ସିଟରେ ବସିବା ପାଇଁ ଝଗଡା କରୁଥିଲେ .
କଣ୍ଡକ୍ଟର – କଣ ପାଇଁ ପାଟି କରୁଛ ?
ଉଭୟ – ମୁଁ ଆଗ ଆସିଛି ମୁଁ ବସିବି ।
କଣ୍ଡକ୍ଟର – ମୁଁ ଗୋଟିଏ ଉପାୟ କହୁଛି, କଳି ସମାଧାନ ହୋଇଯିବ ।
ଉଭୟ – କ'ଣ?
କଣ୍ଡକ୍ଟର – ଯାହାର ବୟସ ଅଧିକ ସେ ସିଟ୍‌ରେ ବସି ପଡୁ ।
....... ଉଭୟ ଛିଡା ହୋଇ ରହିଲେ ।

**ହାଃ ହାଃ**



# ମୁଡ୍ ପାଇଁ ଭିଟାମିନ୍


ଅନେକ ସମୟରେ ଆମର ମୁଡ ସୁଇଂ ଦେଖିବାକୁ ମିଳିଥାଏ । ଏଗୁଡିକର ପ୍ରଭାବ ଆମର ବ୍ୟବହାର ଉପରେ ପଡିଥାଏ । ତେବେ ମୁଡ ସୁଇଂର କାରଣ ଆମ ଶରୀରରେ ପୋଷଣ ତତ୍ତ୍ୱର ଅଭାବ ମଧ ହୋଇପାରେ । ସଦ୍ୟତମ ଗବେଷଣା ଅନୁଯାୟୀ ଆମ ଶରୀରରେ ଭିଟାମିନ ସି–୭ର ଅଭାବରେ ଅତ୍ୟଧିକ ପରିମାଣରେ ମୁଡ ସୁଇଂ ହୋଇଥାଏ । ତେବେ ବିଭିନ୍ନ ମାନସିକ ସମସ୍ୟା ପାଇଁ ଭିନ୍ନଭିନ୍ନ ଭିଟାମିନକୁ କାରଣ ଭାବେ ଦାୟୀ କରାଯାଇଥାଏ ।

**ଭିଟାମିନ୍ ଡି–** ଭିଟାମିନ୍ ଡି ଆମ ଶରୀରରେ ମୁଡ ରେଗୁଲେସନରେ ଖୁବ ପ୍ରଭାବ ପକାଇଥାଏ । ଭିଟାମିନ୍ ମୁଡ୍ ରେଗୁଲେସନ କରିବା ସହିତ ଷ୍ଟେରୋଟୋନିନ୍‌କୁ ବୁଷ୍ଟ କରିଥାଏ, ଯାହା ଆମକୁ ଖୁସି ରଖିଥାଏ ।

**ଓମେଗା–୩–** ଓମାଗା–୩ ବା ଫ୍ୟାଟି ଏସିଡ୍ ଉପରେ ଆମର ବ୍ରେନ୍ ହେଲ୍‌ଥ ନିର୍ଭର କରୁଛି । ତେଣୁ ଏହି ପୋଷଣର ଅଭାବ କାରଣରୁ ଆମର ଡିପ୍ରେସନ ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ଏହା ବିଭିନ୍ନ ମୁଡ୍ ଡିଜଅର୍ଡରର କାରଣ ହୋଇପାରେ ।

**ଭିଟାମିନ୍ ବି–** ଆମ ଶରୀରରେ ସେରୋଟୋନିନ୍ ଓ ଡୋପାମିନ୍ କ୍ଷରଣକୁ ସାଧାରଣତଃ ଭିଟାମିନ୍ ବି ପରିଚାଳନା କରିଥାଏ । ସେରୋଟୋନିନ୍ ଓ ଡୋପାମିନ୍ ଆମର ମୁଡ୍ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିଥାଏ ।

**ମ୍ୟାଗ୍ନେସିଅମ–**ମ୍ୟାଗ୍ନେସିଅମର ଅଭାବରେ ଡିପ୍ରେସନ୍ ଓ ଆଙ୍ଗଜାଇଟ ସମସ୍ୟା ହେବାର ସମ୍ଭାବନା ରହିଛି । ବ୍ରେନ୍ କେମିକାଲକୁ ରେଗୁଲେସନ୍ କରିବା ପାଇଁ ମ୍ୟାଗ୍ନେସିଅମର ଆବଶ୍ୟକତା ଅଧିକ ରହିଥାଏ ।



## ସୋସିଆଲ କୋଟ୍ସ



ଆକ୍ଟିଂ ସ୍କୁଲର ଫଣ୍ଡା ମୋତେ ଠିକ୍ ଲାଗେ ନାହିଁ । ଆକ୍ଟିଂ ସ୍କୁଲ ଯେପରି ଏକ ଦୋକାନ ଭଳି ମନେ ହୁଏ । ଏହା ଏକ ବ୍ୟବସାୟ ।

ରତ୍ନା ପାଠକ, ଅଭିନେତ୍ରୀ



ଏ ବିଚାର ତାଙ୍କର । ସେ ନିଜେ ନ୍ୟାସନାଲ ସ୍କୁଲ ଅଫ ଡ୍ରାମାରେ ପାଠ ପଢିଛନ୍ତି । ଏହା ତାଙ୍କର ବିଚାର ହେଲେ ସମସ୍ତଙ୍କର ଏହି ବିଚାର ନାହିଁ ।

ଅନୁପମ ଖେର, ଅଭିନେତା



କରୀନା ଓ ସାହିଦ ଖୁବ ପ୍ରଫେସନାଲ । ଜବ ଉଇ ମେଟ୍ ସମୟରେ ଉଭୟଙ୍କର ବ୍ରେକଅପ୍ ହୋଇଥିଲେ ମଧ କାମ ଉପରେ ଏହାର କୌଣସି ପ୍ରଭାବ ପଡିନଥିଲା । ଖୁବ ଭଲରେ ସୁଟିଂ ହୋଇଥିଲା ।

ଇମତିଆଜ ଅଲ୍ଲୀ, ଫିଲ୍ମମେକର

## ଇତିହାସ

୧୭୬୬– ଜନ୍ ବର୍ନ ଦୁନିଆ ଗସ୍ତ କରି ବ୍ରିଟେନ୍ ଫେରିଥିଲେ ।
୧୭୯୮ – ଓରଲେଟ୍ ହିଲ୍ ଯୁଦ୍ଧ ଆୟରଲାଣ୍ଡରେ ହୋଇଥିଲା ।
୧୯୦୧ – ମେଲବର୍ଣ୍ଣରେ ପ୍ରଥମ ଅଷ୍ଟ୍ରେଲୀୟ ସଂସଦର ସ୍ଥାପନା ।
୧୯୪୭ – ବିଶ୍ୱବ୍ୟାଙ୍କ ନିଜର ପ୍ରଥମ ଋଣ ଫ୍ରାନ୍ସକୁ ଦେଇଥିଲା ।
୧୯୭୯ – ସାଲଭ୍ୱୋଡୋରୋନ୍ ସିଭିଲ୍ ୱାରର ଆରମ୍ଭ ।
୨୦୦୬ – ୟୁରୋପୀୟ ଦେଶ ଏଷ୍ଟୋନିଆରେ ୟୁରୋପୀୟ ସମ୍ବିଧାନର ଅନୁମୋଦନ ।

ମନେପଡେ

# ସବୁଠାରୁ ଭୟଙ୍କର ଫିଲ୍ମ !

କାଜୋଲ, ସଞ୍ଜୟ ଦତ୍ତ, ଆଶୁତୋଷ ରାଣାଙ୍କ ଅଭିନୀତ ଫିଲ୍ମ ଦୁଷ୍ମନ କିଛିଦିନ ତଳେ ୨୫ ବର୍ଷ ପୂରା କରିଛି । ତେବେ ଏହି ଅବସରରେ କାଜଲ ଦେଇଥିବା ବୟାନ ଭାଇରାଲ ହେବାରେ ଲାଗିଛି । ଦୁଷ୍ମନ ତାଙ୍କ କ୍ୟାରିୟରର ସବୁଠାରୁ ଭୟଙ୍କର ଫିଲ୍ମ ଥିଲା ବୋଲି କାଜଲ ମତ ଦେଇଛନ୍ତି । ଏହି ଫିଲ୍ମର ଅନୁଭବ ସେ ଆଜି ଯାଏଁ ଭୁଲି ନାହାନ୍ତି । ସେହିଭଳି ସେ ଏହି ପୋଷ୍ଟରେ ଆଶୁତୋଷ ରାଣାଙ୍କ କାମର ପ୍ରଶଂସା ମଧ କରିଛନ୍ତି । ଏହାର କଣ୍ଟେଣ୍ଟ ବହୁତ ଅଧିକ ଅସହଜ ଥିଲା, ଯାହା ମୋତେ ଭୟଭୀତ କରିଥିଲା । ହେଲେ ଏହି ଫିଲ୍ମର ଟିମ ଓ ଷ୍ଟାରକାଷ୍ଟ ତାଙ୍କୁ ବେଶ ସାହାଯ୍ୟ କରିଥିବା ସେ ପ୍ରକାଶ କରିଛନ୍ତି । କାଜୋଲଙ୍କର ଏହି ପୋଷ୍ଟ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ପୋଷ୍ଟର ଉତ୍ତରରେ ଫିଲ୍ମର ନିର୍ଦ୍ଦେଶକ ତନୁଜା ଚନ୍ଦ୍ରା କାଜୋଲଙ୍କୁ ଦୁଷ୍ମନରେ ଅଭିନୟ କରିଥିବାରୁ ଧନ୍ୟବାଦ ଦେଇଛନ୍ତି ।



# ଚିକେନ ଭର୍ତ୍ତା

**ସାମଗ୍ରୀ–** ୨୫୦ ଗ୍ରାମ ଚିକେନ୍, ଅଦା ଖଣ୍ଡେ, ଗୋଟେ ଲେମ୍ବୁ, ୩ରୁ ୪ଟି ରସୁଣ, ଖଣ୍ଡେ ଡାଲଚିନି, ଲବଙ୍ଗ, ଗୁଜୁରାତି, କଞ୍ଚାଲଙ୍କା, ୨ଟି ପିଆଜ, ଜିରା ଗୁଣ୍ଡ ୨ଚାମଚ ।

**ପ୍ରଣାଳୀ–** ପ୍ରଥମେ ଚିକେନକୁ ଅଦା, ରସୁଣ, ଲେମ୍ବୁ, ଡାଲଚିନି, ଲବଙ୍ଗ, ଲୁଣ ପକାଇ ସିଝାଇ ନିଅନ୍ତୁ । ଏହାପରେ ପିଆଜ ଓ କଞ୍ଚା ଲଙ୍କାକୁ ଭାଜି ନିଅନ୍ତୁ । ଏହାପରେ ଚିକେନରୁ ପାଣି ଛାଣି ନିଅନ୍ତୁ । ଏହାପରେ ଚିକେନ୍ ଓ ସମସ୍ତ ସାମଗ୍ରୀକୁ ମିଶାଇ ନିଅନ୍ତୁ । ଏହାପରେ ଏଥିରେ କିଛି କଞ୍ଚା ସୋରିଷ ତେଲ ପକାଇ ଗୋଳାନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଚିକେନ୍ ଭର୍ତ୍ତା ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୨୧୩
ତିଥି : ଦ୍ୱିତୀୟା
୦୯ ମେ' ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 213
09 May 2024, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




## ବିମାନ ଯାତ୍ରୀଙ୍କ ଠାରୁ ୩.୭୭ କେଜି ସୁନା ଜବତ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଦୁବାଇରୁ ଆସୁଥିବା ୪ ଜଣ ବିମାନ ଯାତ୍ରୀଙ୍କ ଠାରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ୩.୭୭ କେଜି ସୁନା ଜବତ ହୋଇଛି । ଜବତ ସୁନାର ମୂଲ୍ୟ ୨ କୋଟି ୭୯ ଲକ୍ଷ ହେବ ବୋଲି ଅନୁମାନ କରାଯାଇଛି ।

ଦୁବାଇରୁ ଭୁବନେଶ୍ୱର ଆସୁଥିବା ୪ ବିମାନ ଯାତ୍ରୀଙ୍କୁ କେନ୍ଦ୍ରୀୟ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ କର୍ମଚାରୀ ଯାଞ୍ଚ କରିବା ପରେ ସୁନା ଜବତ ହୋଇଥିଲା । ଗୁଇନ୍ଦା ତଥ୍ୟକୁ ଆଧାର କରି ଏହି ଟିମ୍ ଦୁବାଇକୁ ଆସୁଥିବା ଯାତ୍ରୀଙ୍କୁ ଯାଞ୍ଚ କରିବା ପରେ ୧୨ଟି ସୁନାପେଷ୍ଟ କ୍ୟାପ୍‌ସୁଲ୍ ଜବତ ହୋଇଥିଲା । ପେଷ୍ଟ ହୋଇଥିବା ସୁନାକୁ କାଢ଼ି ଓଜନ କରିବା ପରେ ତାହା ୩.୭୭ କେଜି ହୋଇଥିଲା । ସୋମବାର ଦିନ ଏହି ଯାଞ୍ଚ କରାଯାଇଥିବାବେଳେ ବୁଧବାର ୪ ବିମାନ ଯାତ୍ରୀଙ୍କୁ ଗିରଫ ଘୋଷଣା କରାଯାଇଛି । କଷ୍ଟମ୍ସ ଧାରା ଅନୁଯାୟୀ ୪ ଜଣଙ୍କୁ ଗିରଫ କରାଗଲା ବୋଲି ତଦନ୍ତକାରୀ ଟିମ୍ କହିଛି ।

### ଅତାବିରା ଓ ଭଟଲିରେ ପାଣ୍ଡିଆନଙ୍କ ନିର୍ବାଚନ ପ୍ରଚାର

## ବିରୋଧୀ କାମ କରିବେନି, କାହାକୁ ବି କରାଇ ଦେବେନି



ଭୁବନେଶ୍ୱର (ସବ୍ୟୁ): ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବୁଧବାର ବରଗଡ ଲୋକସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଧୁଆଁଧାର ପ୍ରଚାର କରିଛନ୍ତି । ବୁଧବାର ସକାଳେ ସେ ପଦମ୍ପୁର ଓ ବିଜେପୁରରେ ନିବାଚନ ପ୍ରଚାର କରିଥିବା ବେଳେ ଅପରାହ୍ନରେ ଅତାବିରା ଓ ଭଟଲିରେ ପ୍ରଚାର କରି ବିରୋଧୀ ବିଜେପି ଦଳ ଉପରେ, ବିଶେଷ କରି କେନ୍ଦ୍ର ମନ୍ତ୍ରୀଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛନ୍ତି । ସେ କହିଥିଲେ ଯେ ଆଜିର ଜନସମୁଦ୍ରକୁ ଦେଖି ବିରୋଧୀଙ୍କ ମନୋବଳ ଭାଙ୍ଗି ଯାଇଛି । ସେମାନେ ହତାଶ ହୋଇ ପଡିଛନ୍ତି । ସେ ପୁଣି କହିଲେ ଯେ ବିରୋଧୀ ଦଳ ନିଜେ କାମ କରିବେନି କି କାହାକୁ କରାଇ ମଧ ଦେବେ ନାହିଁ । ମିଛରେ ଆଖି ବନ୍ଦ କରି ଶୋଇଥିବା ଲୋକକୁ ଉଠାଇବ କିଏ? ଚାଷୀମାନଙ୍କ ପ୍ରସଙ୍ଗ ଉଠାଇ ସେ କହିଲେ ଯେ ୨୦୧୪ ରୁ ୨୦୧୯ ଓ ୨୦୨୪ ସବୁବେଳେ ସେମାନେ ଗୋଟିଏ ପ୍ରତିଶ୍ରୁତି ଦେଇ ଆସିଛନ୍ତି । ଏମ୍.ଏସ୍.ପି ଦୁଇଗୁଣ କରିବେ । ୧୦ ବର୍ଷ ଗଲାଣି, କଲେନି, ଆଉ କ'ଣ କରିବେ? ସେହିପରି ଫସଲ ବୀମା ସରଳ କରିବା ପାଇଁ ପ୍ରତିଶୃତି ଦେଇଥିଲେ, କଲେ କି? କିନ୍ତୁ ଆମର ମୁଖ୍ୟମନ୍ତ୍ରୀ ଫସଲ ବୀମାର ପ୍ରିମିୟମ ଦେଲେ, ଚାଷୀ ଭାଇଙ୍କ ବୋଝ ହାଲକା କେଲେ ।

ମା' ସମଲେଇ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ, ବିକାଶକୁ ସେମାନେ ବିରୋଧ କରନ୍ତୁ ନାହିଁ ଛ ଲୋକଙ୍କ କାମରେ ବାଧା ଦିଅନ୍ତୁ ନାହିଁ । ପଡୋଶୀ ରାଜ୍ୟ ଛତିଶଗଡର ଉଦାହରଣ ଦେଇ ସେ କହିଲେ ଯେ ସେଠାରେ ବାରମ୍ବାର ଇଂଜିନ୍ ଚେଞ୍ଜ ହେଉଛି । ତାଙ୍କ ତେଲ ସରି ଯାଉଛି । ଯଦି ଡବଲ ଇଂଜିନ୍ ଏତେ ଭଲ, ତାହେଲେ ଲୋକ କାହିଁକି ଭରଷା କରୁ ନାହାନ୍ତି? ସେଠି ନକ୍ସଲ ସମସ୍ୟା ସୁଧୁରୁନାହିଁ କାହିଁକି? ଓଡିଶାରେ ମୁଖ୍ୟମନ୍ତ୍ରୀ ବିକାଶ କରି ନକ୍ସଲ ସମସ୍ୟା ଦୂର କରିଛନ୍ତି ।

ଓଡ଼ିଶା ମା' ର ସେବା ମୁଖ୍ୟମନ୍ତ୍ରୀଙ୍କର ଧର୍ମ । ଓଡିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଦିନରାତି ୨୪ ଘଣ୍ଟା କାମ କରୁଛନ୍ତିଛ ନବୀନ ସରକାରରେ ସବୁ ବର୍ଗର ଲୋକଙ୍କ ଉନ୍ନତି ହୋଇଛି । ସଶକ୍ତିକରଣ ହୋଇଛି । ନବୀନ ସରକାର ହେଉଛି ମା'ମାନଙ୍କ ସରକାର, ଚାଷୀ ଭାଇଭଉଣୀଙ୍କ ସରକାର, ଯୁବକମାନଙ୍କ ସରକାର । ବିରୋଧୀ ଦଳ ଆସିଲେ ନବୀନ ସରକାରଙ୍କ

### ଓଡ଼ିଶା ମା' ର ସେବା ମୁଖ୍ୟମନ୍ତ୍ରୀଙ୍କର ଧର୍ମ

ସବୁ ଭଲ କାମ ବନ୍ଦ କରିଦେବେ । ମିଶନ ଶକ୍ତି , ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା, ଲକ୍ଷ୍ମୀ ଯୋଜନା ଆଦି ସବୁ ଭଲ କାମକୁ ସେମାନେ ବନ୍ଦ କରିଦେବେ ବୋଲି ପାଣ୍ଡିଆନ କହିଥିଲେ ।

ସେ କହିଲେ ଯେ ନବୀନ ପଟ୍ଟନାୟକ ଲୋକଙ୍କୁ କାମର ହିସାବ ଦିଅନ୍ତି । ଅନ୍ୟ କେଉଁ ମୁଖ୍ୟମନ୍ତ୍ରୀ ଦିଅନ୍ତି କି ? ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ ସବୁ କାମର ଗୋଟି ଗୋଟି ହିସାବ ଦେଉଛି । ଭେଡେନ୍ନୁ ଏନ୍.ଏ.ସି. କରିଛନ୍ତି ମୁଖ୍ୟମନ୍ତ୍ରୀ । ବିଶ୍ୱେଶ୍ୱର ମନ୍ଦିର ପାଇଁ ୨ କୋଟି ୬୦ ଲକ୍ଷ ଟଙ୍କା । ରାମଚଣ୍ଡି ମନ୍ଦିର ପାଇଁ ୧ କୋଟି ୪୦ ଲକ୍ଷ, ଅତାବିରା ମା ଦୁର୍ଗା ମନ୍ଦିର ପାଇଁ ୮୦ ଲକ୍ଷ, ଗିରିଗୋବର୍ଦ୍ଧନ ପୀଠ ପର୍ଯ୍ୟଟନ ବିକାଶ ପାଇଁ ୩୦ ଲକ୍ଷ, ସୁନି ମସ୍ଜିଦ୍ ପାଇଁ ୨୦ ଲକ୍ଷ ଟଙ୍କା ଦେଇଛନ୍ତି । ସେହିପରି ଭଟଲିରେ କହିଥିଲେ ଯେ ଭଟଲିର ଦୁର୍ଗା ମନ୍ଦିର ପାଇଁ ୫୦ ଲକ୍ଷ, ଅଲେଖ ମହିମା ପୀଠ ପାଇଁ ୫୦ ଲକ୍ଷ, ଅମ୍ବାଭୋନାରେ ରାସ୍ତା ଓ ସ୍କୁଲ ପାଇଁ ୪.୬୦ କୋଟି, ପର୍ବତ୍ର ଗୁମ୍ଫା ପର୍ଯ୍ୟଟନ ବିକାଶ ପାଇଁ ୧.୮୦ କୋଟି ଟଙ୍କା, ମହାନଦୀ ମହୁଲପାଲିରେ ୧୦୦ କୋଟି ଟଙ୍କାରେ ସେତୁ କରାଯାଇଛି । ବରଗଡ କ୍ୟାନ୍ସର ହସ୍ପିଟାଲ ପାଇଁ ଆପଣମାନଙ୍କ ବହୁ ଦିନର ଦାବୀ ମୁଖ୍ୟମନ୍ତ୍ରୀ ପୂରଣ କରି ହସ୍ପିଟାଲ ପ୍ରତିଷ୍ଠା କରିଛନ୍ତି । ଶେଷରେ ସେ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ଲକ୍ଷାଧିକ ଭୋଟରେ ଜିତାଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ ।

## ପ୍ରକାଶଙ୍କ ପାଇଁ ପ୍ରଚାର ମଇଦାନରେ ଜୟଶ୍ରୀ

କଟକ (ସବ୍ୟୁ): ବାରବାଟୀ-କଟକରେ ନିର୍ବାଚନୀ ମାହୋଲ ସରଗରମ ହେବାରେ ଲାଗିଛି। ଘରକୁ ଘର ବୁଲି ଜୋରଦାର ପ୍ରଚାର ଚଳାଇଛନ୍ତି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ। ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଏକଜୁଟ କରିବାକୁ ସେମାନଙ୍କ ପରିବାର ଲୋକେ ମଧ ପ୍ରଚାର ମଇଦାନରେ ଦେଖିବାକୁ ମିଳୁଛନ୍ତି। ତେବେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରାଙ୍କ ପତ୍ନୀ ଜୟଶ୍ରୀଙ୍କୁ ବୁଧବାର ଦେଖିବାକୁ



ମିଳିଥିଲା। ଜୟଶ୍ରୀ ସହରର ରାଜନୈତିକ ପରିବେଶ ସହିତ ମଧ ବେଶ୍ ଖାପଖୁଆଇଛନ୍ତି। ଏଣୁ ଚିହ୍ନା ପରିଚିତ ଚେହେରାଙ୍କୁ ଭେଟି ପ୍ରକାଶଙ୍କ ପାଇଁ ଭୋଟ୍ ନିବେଦନ କରିବାରେ ଜୟଶ୍ରୀଙ୍କ ପାଇଁ କୌଣସି ଅଡୁଆ ସୃଷ୍ଟି ହେଉନାହିଁ। ବରଂ ତାଙ୍କ ପ୍ରତି ସମର୍ଥନ ବହୁଗୁଣିତ ହେଉଛି। ବୁଧବାର ସିଡିଏ କାଠଯୋଡ଼ି ବିହାର ବସ୍ତିରେ ବିଜେଡିର ପଦଯାତ୍ରାରେ ସ୍ୱାମୀ ପ୍ରକାଶଙ୍କ ସହିତ ଜୟଶ୍ରୀ ସାମିଲ ହୋଇଥିଲେ। ବସ୍ତିବାସିନ୍ଦାଙ୍କ ପକ୍ଷରୁ ଉଭୟଙ୍କୁ ଭବ୍ୟ ସ୍ୱାଗତ ଜଣାଯାଇଥିଲା। ପଦଯାତ୍ରା ସମୟରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୁଡିକ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। କିଛି ଯୋଜନା ଲୋକଙ୍କ ନିକଟରେ ପହଞ୍ଚିଥିବା ବେଳେ ଆଉ କିଛି ଅପହଞ୍ଚ ହୋଇ ରହିଛି। ଲୋକଙ୍କ ନିକଟରୁ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ ପ୍ରକାଶ । ଆଗାମୀ ସାଧାରଣ ନିର୍ବାଚନରେ ବିଜୟୀ ହେଲେ ବସ୍ତିବାସିନ୍ଦାଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ପଦଯାତ୍ରାରେ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ, କଟକ ନଗର ବିଜେଡି ମହିଳା ସଭାନେତ୍ରୀ ପୂର୍ଣ୍ଣିମା ସିଂ, ୱାର୍ଡ ସଭାପତି ଦେବେନ୍ଦ୍ରନାଥ ମିଶ୍ର, କଟକ ନଗର ବିଜେଡି ଉପସଭାପତି ବିଜୟ ଓଝା, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, ୱାର୍ଡ଼ ସଭାପତି ଧିରେନ ପ୍ରତାପ ଏବଂ କଟକ ମହାନଗର ବିଜେଡି ଉପସଭାପତି ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ପୁଣି ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର(ସବ୍ୟୁ): ବିଜେପିର ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ପୁଣି ଫେରାଦ ହୋଇଛି ବିଜେଡ଼ି । ଟାଙ୍ଗୀ ବ୍ଲକର ମିଶନ ଶକ୍ତି ଏମ୍‌ବିକେ ମହିଳାଙ୍କୁ ଶ୍ରୀ ଜଗଦେବ ଧମକ ଚମକ ଦେଉଥିବା ବିଜେଡି ଅଭିଯୋଗ କରିଛି । ଫୋନ ଯୋଗେ ଧମକ ଦେଉଛନ୍ତି ପ୍ରଶାନ୍ତ ବୋଲି ବିଜେଡି ଲିଖିତ ଅଭିଯୋଗ କରିଛି ।



ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ବି ପ୍ରଶାନ୍ତ ଧମକେଇଛନ୍ତି । ବିଜେଡ଼ି ବାରମ୍ବାର ଅଭିଯୋଗ କଲେ ମଧ ପ୍ରଶାନ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ବିଜେପି ପ୍ରାର୍ଥୀଙ୍କ ଲାଗି ଅଲଗା ନିୟମ କି ବୋଲି ଅଭିଯୋଗ କରିଛି ବିଜେଡି । ପୂର୍ବରୁ ମଧ ସାମ୍ବାଦିକଙ୍କୁ ପ୍ରଶାନ୍ତ ଆକ୍ରମଣ କରିଥିଲେ । ଅଭିଯୋଗ ପରେ ବି ପ୍ରଶାନ୍ତଙ୍କୁ ନୋଟିସ ଦିଆଗଲା ନାହିଁ । ସେପଟେ ଏମ୍‌ବିକେ ମହିଳାମାନଙ୍କୁ ଆଶ୍ୱସନା ଦେଇଛି ବିଜେଡ଼ି । ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧି ଅନୁରୋଧ କରିଛନ୍ତି । ବିଜେଡି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ ।

## ସାଲେପୁର ବିଜେଡିରେ ମିଶ୍ରଣ ପର୍ବ

ସାଲେପୁର,(ସବ୍ୟୁ) : ସାଲେପୁର ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ନବୀନ ପଟ୍ଟନାୟକଙ୍କ ବିକାସମୁଖୀ କାର୍ଯ୍ୟ ଧାରା ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଦୃଢ଼ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବହୁ ବିଜେପି ଦଳ ପରିତ୍ୟାଗ କରି ବିଜେଡିରେ ମିଶିଛନ୍ତି । ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ସରପଞ୍ଚ ବବିତା ଦାଶଙ୍କ ଏଲମାପୁର ସ୍ଥିତ ବାସଭବନରେ ସାଲେପୁର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ତଥା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗ ଦେଇ ନୂତନ ଭାବେ ଯୋଗ ଦେଇଥିବା କର୍ମୀ ମାନଙ୍କୁ ଦଳିଅ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ ।

## ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ

ରାୟଗଡା/ଭବାନୀପାଟଣା (ସବ୍ୟୁ): କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭବାନୀପାଟଣା ଓ ରାୟଗଡାରେ ଜନସଭାକୁ ଉଦ୍‌ବୋଧନ ଦେଇଛନ୍ତି । ସେ ତାଙ୍କ ଅଭିଭାଷଣରେ ଓଡ଼ିଶାର ସ୍ଥିତି ଏଥର ପରିବର୍ତ୍ତନର ସଙ୍କେତ ଦେଉଛି ବୋଲି ଉଲ୍ଲେଖ କରିଥିଲେ । ଏହାଛଡା ଦଳୀୟ ପ୍ରାର୍ଥୀଙ୍କୁ ଉଭୟ ଲୋକସଭା ଏବଂ ବିଧାନସଭାରେ ଜିତେଇବା ପାଇଁ ନିବେଦନ କରିଥିଲେ ।



କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୁଧବାର ରାୟଗଡାକୁ ଦିନିକିଆ ଗସ୍ତରେ ଆସିଥିଲେ । ଅପରାହ୍ନ ୩ଟା ୧୦ ମିନିଟରେ ଜେସକୋ ପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇ ସେଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିଲେ । ନିଜର ଅଭିଭାଷଣ ଆରମ୍ଭରେ କହିଲେ ଏଥର ଓଡିଶା ସ୍ଥିତି କିଛି ପରିବର୍ତ୍ତନ ଦେବା ପରି ନଜର ଆସୁଛ । ଗତ ନିର୍ବାଚନରେ ସାଂସଦ ପ୍ରାର୍ଥୀ କେତେ ଓଡିଶା ରେ ଆସିବ ବୋଲି ପଚାରିଲେ କହୁଥିଲେ ୫, ୮ ସିଟ ଆସିବ । କିନ୍ତୁ ଏଥର ନିର୍ବାଚନରେ ଓଡିଶାରେ ପୁରା ୨୧ ସିଟରେ ଭାଜପା ଆସିବ । ଭାଜପା ସରକାର ଆସିଲେ, ଧନୀ ଗରିବ ସମସ୍ତଙ୍କୁ ମିଳିବ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବୋଲି ସେ କହିଥିଲେ । ଆମେ ଯାହା କହୁ, ତାହା କରୁ । ଏହା ଆମ ଚରିତ୍ର । ଆମେ ୩୭୦ ହଟାଇବୁ କହିଥିଲୁ, ହଟାଇଲୁ । ରାମ ମନ୍ଦିର ନିର୍ମାଣ କରିବାକୁ କହିଥିଲୁ, କରିଲୁ । ଓ ୫୦ ବର୍ଷ କଂଗ୍ରେସ ସରକାର ଓ ୨୫ ବର୍ଷ ବିଜେଡି ସରକାର ଦେଖିଲେ । ଏଥର ଓ ଭାଜପାକୁ କ୍ଷମତାକୁ ଆଣନ୍ତୁ । ଆମ ସରକାର ଆସିବା ପରେ ଆତଙ୍କବାଦୀ ଆକ୍ରମଣ କମିଛି ଦେଶ ଦ୍ରୁତ ଗତିରେ ଆଗକୁ ବଢୁଛି । ଦେଶରେ ଗରିବୀ ହଟାଇବାକୁ ପ୍ରତିଶ୍ରୁତି ଦେଇଥିଲା କଂଗ୍ରେସ, କିନ୍ତୁ କଂଗ୍ରେସ ଦ୍ୱାରା ଏହା ସମ୍ଭବ ହେଲାନି । ହେଲେ ମୋଦି କରି ଦେଖାଇଲେଛ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୫ କୋଟି ଲୋକଙ୍କୁ ଗରିବୀରୁ ମୁକ୍ତ କରିଛନ୍ତି ବୋଲି କହିଥିଲେ । ଏହି ସମାବେଶରେ ରାଜସ୍ଥାନ ସାଂସଦ ଉପସ୍ଥିତ ଥିବା ବେଳେ ଲୋକସଭା ପ୍ରାର୍ଥୀ କାଳୀରାମ ମାଝୀ, ରାୟଗଡା ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲାକା, ବିଷମକଟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା ଏବଂ ଜିଲ୍ଲା ସଭାପତି ଶିବ ପଟ୍ଟନାୟକ ମଞ୍ଚାସିନ ଥିବା ବେଳେ ବରିଷ୍ଠ ଆଇନଜୀବୀ ପଦ୍ମନାଭ ଦାଶ ମଞ୍ଚ ପରିଚାଳନା କରିଥିଲେ ।

### ସମ୍ବଲପୁରରେ ଘର ଘର ବୁଲି ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

## ବିଜେପିକୁ ନେଇ ଲୋକଙ୍କ ମଧ୍ୟରେ ବହୁତ ଶ୍ରଦ୍ଧା ଓ ଉତ୍ସାହ ଅଛି

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସମ୍ବଲପୁରର କୁଞ୍ଜେଲପଡ଼ାରେ ଡୋର୍ ଟୁ ଡୋର୍ କ୍ୟାମ୍ପେନ କରିବା ସହ ରାଜ୍ୟରେ ବିଜେପି ସରକାର ଗଠନ କରିବା ପାଇଁ ଭୋଟ୍ ଦେବାକୁ ଜନସାଧାରଣ ମାନଙ୍କୁ ନିବେଦନ କରିଛନ୍ତି । ଶ୍ରୀ ପ୍ରଧାନ ବୁଧବାର ସକାଳୁ ସମ୍ବଲପୁର କୁଞ୍ଜେଲପଡ଼ାରେ ଘର ଘର ବୁଲି ମୋଦୀ ଗ୍ୟାରେଣ୍ଟିର ଲିଫଲେଟ୍ ବିତରଣ କରିଛନ୍ତି । ଲୋକମାନଙ୍କୁ ମୋଦୀଙ୍କ ବାର୍ତ୍ତା ଉପରେ କହିବା ସହ ଓଡ଼ିଶା ବିଜେପିର ସଂକଳ୍ପ ପତ୍ର ଉପରେ ମଧ ଆଲୋଚନା କରିଛନ୍ତି । ପ୍ରଚାର କାଳରେ ଶ୍ରୀ ପ୍ରଧାନ କୁଞ୍ଜେଲପଡା ସ୍ଥିତ ବୁଢି ମାଆ ଗଳିରେ ଥିବା ସ୍ଥାନୀୟ ମିଞ୍ଜୁ କାକାଙ୍କ ଦୋକାନରୁ କାର୍ଯ୍ୟକର୍ତ୍ତାଙ୍କ ସହ ସରସତିଆର ମଜା ନେଇଥିଲେ । ସ୍ଥାନୀୟ ଦୋକାନରୁ କାର୍ଯ୍ୟକର୍ତ୍ତାଙ୍କ ସାଥୀରେ ଚାଉଳ ବରା ଖାଇବା ସହ କିଶୋର ଦଣ୍ଡସେନାଙ୍କ ଦୋକାନରୁ ଚା' ପିଇଥିଲେ । ଏହି ଅବସରରେ ସ୍ଥାନୀୟ ଲୋକଙ୍କ ସହ ମଧ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି କୁଞ୍ଜେଲପଡା ହେଉଛି ରାଜନୈତିକ ଚର୍ଚ୍ଚା ଓ ଆଲୋଚନାର ଏକ ମଞ୍ଚ ଛ କୁଞ୍ଜେଲ ସିଂହଙ୍କ ବୀରତ୍ୱପୂର୍ଣ୍ଣ ସଂଘର୍ଷ ଏଠାରେ ହୋଇଥିଲା । ଆଜି ଘର ଘର ବୁଲି ଲୋକଙ୍କ ଆଶୀର୍ବାଦ ନେବାର ସୁଯୋଗ ଲାଭ କଲି । ଲୋକଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ଓ ବିଜେପିକୁ ନେଇ ସ୍ନେହ, ଶ୍ରଦ୍ଧା, ବହୁତ ଉତ୍ସାହ ଓ ସମର୍ଥନ ଅଛି । ପ୍ରଧାନମନ୍ତ୍ରୀ ଏବଂ ଦଳର ନେତୃତ୍ୱ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇଛି । ମୋଦୀ ଗ୍ୟାରେଣ୍ଟି ଲୋକଙ୍କ ଜୀବନକୁ ସହଜ ଓ ସରଳ କରିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହିଁ ବିକଶିତ ସମ୍ବଲପୁର ଓ ବିକଶିତ ଓଡ଼ିଶା ସକାର ହୋଇ ପାରିବ ବୋଲି ସମସ୍ତଙ୍କ ଆଗାଢ ବିଶ୍ୱାସ ରହିଛି । ଐତିହାସିକ କୁଞ୍ଜେଲପଡାର ଜନମତ ଓଡ଼ିଶାରେ ବିଜେପି ସରକାରର ବଡ ସଙ୍କେତ ଦେଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କ ସାଥୀରେ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟ ନାରାୟଣ ମିଶ୍ର ଓ ଅନ୍ୟ ନେତୃବୃନ୍ଦ ଥିଲେ ।



## ସ୍କ୍ୱାର୍ଡ ପାର୍ଟି ଜବତ କଲା ୨ ଲକ୍ଷ ୯୦ ହଜାର

କେନ୍ଦ୍ରାପଡ଼ା (ସବ୍ୟୁ): ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଦର୍ଶ ଆଚରଣ ବିଧି ପାଳନ ସହିତ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ପଇସାର ଲେନ ଦେନ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇଛି । କେନ୍ଦ୍ରାପଡା ର ମାର୍ଶାଘାଇ କ୍ରସିଂ ଛକ ଠାରେ ଏକ କାର କୁ ତନଖି କରି ସ୍କ୍ୱାର୍ଡ ପାର୍ଟି କାର ମଧ୍ୟରେ ଥିବା ୨ ଲକ୍ଷ ୯୦ ହଜାର ନଗଦ ଜବତ କରିଥିବା ସୂଚନା ମିଳିଛି । ତେବେ କାର ଆରୋହୀ ନିରୋଦ କୁମାର ସାହୁ ନିଜକୁ କଟକ ଛତ୍ର ବଜାରର ଭବାନୀ କୁମାର ଆଣ୍ଡ କୋ ପ୍ରତିଷ୍ଠାନ ର ଫଳ ବ୍ୟବସାୟୀ ବୋଲି ପରିଚୟ ଦେଇ ସଂପୃକ୍ତ ଜବତ ଟଙ୍କା ଫେରି ପାଇବା ପାଇଁ ଉପ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବି କରିଥିବା ଜଣା ପଡିଛି ।

## ୱାର୍ଡ-୧୯ରେ ନିର୍ବାଚନ ପ୍ରଚାର କଲେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ

କଟକ (ସବ୍ୟୁ) ବାରବାଟୀ - କଟକ ବିଧାନସଭା ପାଇଁ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସୋଫିଆ ଫିର୍ଦୋଷ ବିଧାୟକ ତଥା ତାଙ୍କର ପିତା ମହମ୍ମଦ ମୋକିମଙ୍କ ସହିତ କଟକ ସହରର ୱାର୍ଡ ନଂ-୧୯ ଖଟବିନ ସାହି ଫାଣ୍ଡି ଛକରୁ ପଦଯାତ୍ରା ଆରମ୍ଭ କରି ୱାର୍ଡର ବିଭିନ୍ନ ଅଞ୍ଚଳର ଘରକୁ ଘର ବୁଲି ଭୋଟରଙ୍କୁ ଭେଟିଥିଲେ । ୱାର୍ଡ ଅଞ୍ଚଳର ବିଭିନ୍ନ ପୂଜା କମିଟି ଓ ସାହି ମୁରବିମାନେ ବିଧାୟକ ମୋକିମଙ୍କୁ ସ୍ୱାଗତ ଜଣାଇବା ସହ ସୋଫିଆ ଫିର୍ଦୋଷଙ୍କୁ ଆଶୀର୍ବାଦ ଦେଇଥିଲେ । ବିଧାୟକ ମହମ୍ମଦ ମୋକିମ ଦ୍ୱାରା ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟମାନକୁ ଉପସ୍ଥିତ ସାହି ମୁରବିମାନେ ଦେଖାଇଥିଲେ ଏବଂ ଆଗାମୀ ଦିନରେ ସେ ନିର୍ବାଚିତ ହେଲେ ଅଧା ରହିଥିବା କାର୍ଯ୍ୟ ଗୁଡିକ ସଂପୂର୍ଣ୍ଣ କରାଯିବ ବୋଲି ସୋଫିଆ ଫିର୍ଦୋଷ କହିଥିଲେ । ଜନସାଧାରଣଙ୍କ ପ୍ରବଳ ସ୍ନେହ ଶ୍ରଦ୍ଧା ଓ ସମର୍ଥନ ପାଇଁ ସେ ଅଭିଭୁତ ହୋଇଯାଇଥିଲେ । ଯୁବ ନେତୃତ୍ୱକୁ ଦଳ ଗୁରୁ ଦେଇ ତାଙ୍କୁ କଟକ ସହରର ପ୍ରାର୍ଥୀନୀ କରିଥିବାରୁ ସେ କଟକ ସହରର ମୌଳିକ ସମସ୍ୟା ପ୍ରତି ଯତ୍ନବାନ ହେବା ସହିତ ଯୁବକ, ମହିଳାଙ୍କର ବିକାଶ ପାଇଁ ଗୁରୁ ଦେବେ ବୋଲି ଭୋଟରଙ୍କୁ ପ୍ରତିଶୃତି ଦେଇଥିଲେ ।



## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ
# ମିଡ଼ିଆ ସେଣ୍ଟର ଉଦ୍‌ଘାଟିତ



ଭୁବନେଶ୍ୱର (ସବ୍ୟୁ): ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ମିଡ଼ିଆ ସେଣ୍ଟର ୮ ତାରିଖ ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଉକ୍ତ ମିଡ଼ିଆ ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ତିରୁମାଲା ନାୟକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତିଙ୍କ ସମେତ ସମସ୍ତ ଅଧିକାରୀ/ କର୍ମଚାରୀ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ନିର୍ବାଚନ ସୁପରିଚାଳନରେ ଗଣମାଧ୍ୟମକୁ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗୀ ରୂପେ ଅଭିହିତ କରିବା ସହ ଏହି ନୂତନ ମିଡ଼ିଆ ସେଣ୍ଟର ସାମ୍ବାଦିକ ସମ୍ମିଳନୀ ପାଇଁ ଏକ ଉନ୍ନତ ମାନର ସ୍ଥାନ ରୂପେ ନିର୍ମିତ ହୋଇଅଛି ଏବଂ ଏହି ମିଡ଼ିଆ ସେଣ୍ଟରକୁ ଭବିଷ୍ୟତରେ ମଧ୍ୟ ନିର୍ବାଚନ ପରିଚାଳନା ପାଇଁ ଏକ ସମ୍ପଦ ରୂପେ ବର୍ଣ୍ଣନା କରିବା ସହିତ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ମତପ୍ରକାଶ କରିଥିଲେ ।

### ବିଶିଷ୍ଟ ରକ୍ତଦାତା ଇଞ୍ଜିନିୟର ବିମଳ ଚନ୍ଦ୍ର ଦାସଙ୍କ ମାନବୀୟ କାର୍ଯ୍ୟ

କଟକ, (ସବ୍ୟୁ) : ସାଂସ୍କୃତିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ଉପଦେଷ୍ଟା ତଥା ବିସିଟି ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ଇଂ.ବିମଳ ଚନ୍ଦ୍ର ଦାସ ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ,ଓଡ଼ିଶା(ବିସିଟି) ପକ୍ଷରୁ କାର୍ଯ୍ୟକର୍ତ୍ତା ସନ୍ତୋଷୀ ତନୟାଙ୍କ ଜନ୍ମ ଦିବସ ପାଳନ ଅବସରରେ ବରୀ ବ୍ଲକ୍ ବାଇଁଶ୍ରୀୟା ନନ୍ଦସାହି ଠାରେ ଅନୁଷ୍ଠିତ ହୋଇଥିବା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗଦାନ ପୂର୍ବକ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିବା ସହ ୬୪ତମ ରକ୍ତ ଦାନ କରିଥିଲେ । ଶିବିରରୁ ୨୫ ୟୁନିଟ୍ ରକ୍ତ ଯାଜପୁର ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା । ଅଧୁନା ରାଜ୍ୟରେ ରକ୍ତର ଅଭାବ ନେଇ ରୋଗୀଙ୍କ ସମସ୍ୟାକୁ ଆଖି ଆଗରେ ରଖି ଆମ ଯୁବ ପୀଢ଼ି ରକ୍ତଦାନ ଶିବିର ଆୟୋଜନ,ନିଜ ନିଜର ଜନ୍ମ ଦିନ ବା କୌଣସି ସ୍ମରଣୀୟ ଦିନ ଗୁଡ଼ିକୁ ରକ୍ତଦାନ ମାଧ୍ୟମରେ ପାଳନ କରିବାରୁ ସେ ସାଧାରଣରେ ଆହ୍ୱାନ ଦେଇଛନ୍ତି ।

## ଦେବଗଡ଼ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ମାରାଥନ ନିର୍ବାଚନ ପ୍ରଚାର
# ଜମି ଅଧିଗ୍ରହଣ ସମସ୍ୟାର ସମାଧାନ କରି ରେଳଲାଇନ କାମକୁ ତ୍ୱରାନ୍ୱିତ କରାଯିବ

ଭୁବନେଶ୍ୱର (ସବ୍ୟୁ): ଦେବଗଡ ସମେତ ଓଡ଼ିଶାରେ ରେଳ ଲାଇନ କାମରେ ଜମି ଅଧିଗ୍ରହଣରେ ରାଜ୍ୟ ସରକାର ବାଧକ ସାଜିଛନ୍ତି । ଓଡ଼ିଶାରେ ବିଜେପି ସରକାର ଆସିଲେ ଜମି ଅଧିଗ୍ରହଣ ସମସ୍ୟା ରହିବ ନାହିଁ । ଏଠାରେ ତାଳଚେର-ବିମଳଗଡ଼ ଓ ବାରକୋଟ-ଝାରସୁଗୁଡ଼ା ରେଳଲାଇନ କାମ ତ୍ୱରାନ୍ୱିତ ହେବ ବୋଲି ବୁଧବାର ଦେବଗଡ଼ର ତିଲେଇବଣି, ଟିଙ୍କବୀର ଏବଂ ଛତାବରରେ ଆୟୋଜିତ ବିଜେପିର ବିଜୟ ସଂକଳ୍ପ ସମାବେଶ ଓ ପଦଯାତ୍ରାରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦେବଗଡ ବିଧାୟକ ପ୍ରାର୍ଥୀ ସୁବାଷ ପାଣିଗ୍ରାହୀଙ୍କ ସମର୍ଥନରେ ପ୍ରଚାର କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି, ବିଗତ ୨୫ ବର୍ଷ ହେଲା ଦେବଗଡ଼ ବିଜେପିକୁ କିଛି ନା କିଛି ଦାୟିତ୍ୱ ଦେଇଛି । ଏଠାରେ ରେଳ ସଂଯୋଗୀକରଣ କାର୍ଯ୍ୟ ଜାରି ରହିଛି । ତାଳଚେର-ବିମଳାଗଡ଼ ରେଳ ଲାଇନ କାର୍ଯ୍ୟ ଚାଲୁ ରହିଥିବା ବେଳେ ବାରକୋଟ-ଝାରସୁଗୁଡ଼ା ରେଳଲାଇନ କାମ ପାଇଁ ସର୍ଭେ ସରିଛି । ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ



ପରେ କାମ ତ୍ୱରାନ୍ୱିତ ହେବ । ଜମି ଅଧିଗ୍ରହଣରେ ବିଳମ୍ବ ଓ ସମସ୍ୟା ରେଳ ଲାଇନ କାମରେ ବାଧା ସୃଷ୍ଟି କରୁଛି । ରାଜ୍ୟରେ ବିଜେପି ସରକାର ଆସିଲେ ଜମି ଅଧିଗ୍ରହଣ ସମସ୍ୟା ହଟିବ ଏବଂ ରେଳ ଲାଇନ କାମ ଶୀଘ୍ର ଶେଷ ହେବ ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ରାଜ୍ୟରେ ବିଜେପି ସରକାର କରିଲେ ଦେବଗଡ଼ରେ ମେଡିକାଲ କଲେଜ ଓ ହସପିଟାଲ କରାଯିବ । କେନ୍ଦୁପତ୍ର ତୋଳାଳିଙ୍କୁ ୩୫ ପ୍ରତିଶତ, କେନ୍ଦୁପତ୍ର ବାନ୍ଧୁଥିବା ଲୋକଙ୍କୁ ୧୦ ପ୍ରତିଶତ ବୋନସ ଦିଆଯିବ ଏବଂ କେନ୍ଦୁପତ୍ର ବିଡାକୁ ୧.୬୦ ଟଙ୍କାରୁ ୨ ଟଙ୍କା ବୃଦ୍ଧି କରାଯିବ । ଦେଶୀ ମଦ କାରଣରୁ ଅଞ୍ଚଳର ମା' ଭଉଣୀଙ୍କ ଉପରେ ଅତ୍ୟାଚାର ବଢୁଥିବାରୁ ଦେଶୀ ମଦ ରନ୍ଧା ଓ ବିକ୍ରି ବନ୍ଦ କରାଯିବ । ଦେଶ ମଦ ବିକ୍ରି ଉପରେ କଡା କଟକଣା ଲଗାଯିବ । ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି ଲାଗୁ କରି ଶିକ୍ଷକ ଅଭାବ ପୂରଣ କରିବା ସହ ଗରିବ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ । ଟିଙ୍କବୀରଠାରେ ପରିବର୍ତ୍ତନ ପଦଯାତ୍ରାରେ ସାମିଲ ହୋଇ ଶ୍ରୀ ପ୍ରଧାନ ଏକ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର ଭାବେ ଝିଅ ପିଲା ଏକାଦଶ ଓ ଦ୍ୱାଦଶ ପଢିପାରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏଥର ଓଡ଼ିଶାରେ ନିଶ୍ଚୟ ପରିବର୍ତ୍ତନ ହେବ । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କରିବା ପାଇଁ ପଦ୍ମଫୁଲରେ ଦୁଇ ଥର ଭୋଟ ଦେବା ପାଇଁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଥିଲେ ।

## ଓଡିଶାରେ ଡବଲ ଇଞ୍ଜିନ୍ ସରକାର ହେଲେ
# ଗ୍ରାମାଞ୍ଚଳ ସହ ସହରାଞ୍ଚଳ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ : ସମୀର

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ୨୩୮ଟି ପ୍ରତିଶ୍ରୁତି ଦେଇଥିଲେ ସେଥିରୁ ଏଯାଏଁ ୨୨୨ଟି ପୂରଣ କରିସାରିଛନ୍ତି । ଏହାର ଅର୍ଥ ୯୪ ପ୍ରତିଶତ ପୂରଣ କରିଛନ୍ତି । ଏହା ହେଉଛି 'ମୋଦି ଗ୍ୟାରେଣ୍ଟି । ଏହି ପ୍ରତିଶ୍ରୁତି ମଧ୍ୟରେ ଅଗଷ୍ଟ ୫ତାରିଖ ଐତିହାସିକ କାଶ୍ମିରରୁ ୩୭୦, ୩୫(ଏ) ଧାରା ଉଚ୍ଛେଦ, ସମାନ ସାଗରିକ ସଂହିତା ଲାଗୁ, ରାମ ମନ୍ଦିର ପ୍ରତିଷ୍ଠା, ପ୍ରତି ଘରକୁ ନଳ ଯୋଗେ ପାଣି ଯୋଜନାକୁ ସଫଳ ରୂପାୟନ କରିପାରିଛନ୍ତି । ସବୁଠୁ ବଡ କଥାହେଲା ମୋଦିଜୀଙ୍କ ପ୍ରତିଶ୍ରୁତି ଭିତରେ ଓଡ଼ିଶାର କଥା ମଧ୍ୟ ରହିଛି। ଓଡିଶାରେ 'ଡବଲ ଇନ ସରକାର' ଗଠନ ହେଲେ ଗ୍ରାମାଂଚଳର ବିକାଶ ସହ ସହରାଂଚଳ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ । ସେହିପରି ଟ୍ୱିନ ସିଟିରେ ମୁଖ୍ୟତଃ ବର୍ଜ୍ୟବସ୍ତୁ, ବର୍ଷା ଜଳ, ଭୂତଳ ଜଳ ପରିଚାଳନା ଓ ସହରବାସୀଙ୍କୁ ସୁସ୍ଥ ଜୀବନକୁ ଗୁରୁତ୍ୱ ଦିଆଯିବ। ଏଥିଲାଗି ମୋଦି ସରକାର 'ମ୍ୟାପିଙ୍ଗ' କରିସାରିଛନ୍ତି । ଏହାଛଡା ଓଡ଼ିଶାବାସୀ ବର୍ଦ୍ଧିତ ବିଦ୍ୟୁତ ବିଲ୍ ଦେଇ ହନ୍ତସନ୍ତ ହେଉଛନ୍ତି । ଗ୍ରାମାଚଂଳ ଓ ସହରାଚଂଳବାସୀଙ୍କ ପାଇଁ ସୂର୍ଯ୍ୟଘର ବ୍ୟବସ୍ଥା କରିଛନ୍ତି । ଫଳରେ ସାଧାରଣ ଲୋକଙ୍କ ଉପରେ ବିଦ୍ୟୁତ ବିଲ୍‌ର ବୋଝ ପଡିବ ନାହିଁ। ନିଜର ବଳକା ବିଦ୍ୟୁତ ସୌରଶକ୍ତିକୁ ସେମାନେ ବିକ୍ରି କରି ଅଧିକ ଟଙ୍କା ସରକାରଙ୍କଠାରୁ ପାଇପାରିବେ । ସେହିପରି ବିଜେପି ସରକାରକୁ ଆସିଲେ ଓଡ଼ିଶାର ଜନତା ତଥା ଛାତ୍ରଛାତ୍ରୀମାନେ ଶିକ୍ଷା ଓ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯିବେ ନାହିଁ। ସେଠାରେ ରହିବାକୁ ସେମାନେ ସମସ୍ୟା ଭୋଗୁଛନ୍ତି । ଏହି ସମସ୍ୟା ଦୂର କରିବାକୁ ପ୍ରତି ମେଟ୍ରୋ ସିଟିରେ ଓଡ଼ିଶା ଭବନ ନିର୍ମାଣ କରିଯିବ




ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, କେନ୍ଦ୍ରୀୟ ଯୋଜନା ଓଡ଼ିଶାରେ ବାଟବଣା ହୋଇଛି। ବିଜେପି ସରକାରକୁ ଆସିଲେ ଭାରତର ୨୦ଟି ପ୍ରମୁଖ ସହର ଭିତରେ ଓଡ଼ିଶାକୁ ସ୍ଥାନିତ କରିବ ବୋଲି ସଂକଳ୍ପ ନେଇଛି। ୨୫ବର୍ଷ ଶାସନରେ ନବୀନ ବାବୁ ରାଜଧାନୀର ଛାତି ଉପରେ ଅଳିଆ ଗଦାର ପାହାଡ ସୃଷ୍ଟି କରିଛନ୍ତି । ଏନେଇ ବିଜେପି ଦୀର୍ଘ ୩୦ଦିନ ଧରି ଅହରାତ୍ର ଆନ୍ଦୋଳନ କରିବା ପରେ ବି ରାଜ୍ୟ ସରକାର କୌଣସି ତତ୍ପରତା ପ୍ରକାଶ କରିଲେ ନାହିଁ । ବିଜେଡି ସରକାର କେନ୍ଦ୍ରୀୟ ଟଙ୍କାର ସଦ ବିନିଯୋଗ କରିପାରୁନାହାନ୍ତି, ବିଜେପି ସରକାର ଆସିଲେ ତାହାର ସଦବିନିଯୋଗ କରାଯିବ । ନବୀନ ବାବୁ ପ୍ରତ୍ୟେକ ଘରକୁ ପାଣି ଯୋଗାଇବାକୁ କହି ଖାଲି ପାଇପ ଦେଇଛନ୍ତି କିନ୍ତୁ ବିଜେପି ସରକାର ଆସିଲେ ଓଡ଼ିଶାର ପାଣି ସମସ୍ୟା ରହିବ ନାହିଁ। ପରିଚାଳନା ଗତ ତ୍ରୁଟି ପାଇଁ ସାଧାରଣ ବିଦ୍ୟୁତ ଉପଭୋକ୍ତା ବିଦ୍ୟୁତ ବ୍ୟବହାର କରି ହନ୍ତସନ୍ତ ହେଉଛି। ସରକାରକୁ ଆସିଲେ ଗ୍ରାମାଚଂଳ ଓ ସହରାଚଂଳବାସୀଙ୍କ ପାଇଁ ସୂର୍ଯ୍ୟଘର ବ୍ୟବସ୍ଥା ଲାଗୁ କରାଯିବ। 'ସୂର୍ଯ୍ୟଘର' ଯୋଜନାକୁ ୧କୋଟି ଲୋକ ପଂଜିକରଣ କରିସାରିଲେଣି ।

ସେହିପରି ସହରୀଜୀବନ ସୁଖମୟ କରିବା ପାଇଁ ଟ୍ୱିନ ସିଟି କଟକ, ଭୁବନେଶ୍ୱରକୁ ସୁସଙ୍ଗଠିତ ସହର କରାଇ ନାଗରିକମାନଙ୍କୁ ମୌଳିକ ସମସ୍ତ ଉନ୍ନତମାନର ସୁଖ ଓ ସୁବିଧା ଦେବ । ଏହା ବ୍ୟତୀତ ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ବାଲେଶ୍ୱର ଭଳି ପ୍ରମୁଖ ସହରର ଉନ୍ନତିକରଣକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନା ମାଧ୍ୟମରେ ବାସହୀନଙ୍କୁ ପଟ୍ଟା ସହ ଲୋକଙ୍କୁ ଘର ଦିଆଯିବ। ଜାତୀୟ ସହରୀ ଜୀବିକା ମିଶନ ଦ୍ୱାରା ମହିଳାଙ୍କୁ ରୋଜଗାର ଦିଆଯିବ। ଜାତୀୟ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯିବ। ଏଥିସହ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ବିଜେପି ସରକାରକୁ ଆସିଲେ ସମସ୍ତ ସଂକଳ୍ପ ପୂରଣ କରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଚେତାବନୀ ଦେଇ କଂଗ୍ରେସ ଛାଡିଲେ ଚିତ୍ତ ଷଡ଼ଙ୍ଗୀ

ନୀଳଗିରି ,(ସବ୍ୟୁ) :ପୂର୍ବତନ ବିଧାୟକ, ନୀଳଗିରି ଉପଖଣ୍ଡ ଓକିଲ ସଂଘ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଚିତ୍ତରଞ୍ଜନ ଷଡ଼ଙ୍ଗୀ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ଏଆଇସିସି ସଭାପତି ନୂଆଦିଲ୍ଲୀ ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ସେ କଂଗ୍ରେସ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବରେ ଦୀର୍ଘଦିନ ଧରି ସେବା ଯୋଗାଇ ଆସିଥିବା ବେଳେ ବର୍ତ୍ତମାନର ବାଲେଶ୍ୱର କଂଗ୍ରେସ ଦଳର ଲୋକସଭା ପ୍ରାର୍ଥୀ ଶ୍ରୀକାନ୍ତ ଜେନା ସର୍ବ ସମ୍ମୁଖରେ ତାଙ୍କୁ ଅପମାନ କରିବା ଓ ନୀଳଗିରି ବିଧାନ ସଭା ଟିକେଟ ଚୟନ ରେ ଅନିୟମିତତା କରିଥିବା ନେଇ ସେ ଗଭୀର ମର୍ମାହତ ହୋଇ ଦଳ ଛାଡିଥିବା



ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦୀର୍ଘ ୫୫ବର୍ଷ ଧରି ଜନସେବାକୁ ନିଜର ବ୍ରତ କରିଥିବା ଶ୍ରୀ ଷଡ଼ଙ୍ଗୀ ଛାତ୍ର ଜୀବନରୁ ବିଭିନ୍ନ ସଙ୍ଗଠନ ସହିତ ସାମିଲ ହୋଇଥିଲେ। ପରେ ରାଜନୀତିକୁ ଆସି ସ୍ୱାଧୀନ ପ୍ରାର୍ଥୀ ଭାବେ ୧୯୯୦ ମସିହାରେ ନୀଳଗିରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ ଦଳର ଜଣେ ସକ୍ରୀୟ କାର୍ଯ୍ୟକର୍ତ୍ତା ଭାବେ ନୀଳଗିରି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରି ଆସୁଥିଲେ। ଚଳିତ ନିର୍ବାଚନରେ ସେ କଂଗ୍ରେସ ଦଳର ନୀଳଗିରି ବିଧାନସଭା ଟିକେଟ ପାଇବେ ବୋଲି ଆଶା ବାନ୍ଧିଥିବା ବେଳେ ସାଂସଦ ପ୍ରାର୍ଥୀଙ୍କର ଏ ପରି ତାଙ୍କ ପ୍ରତି ମନୋଭାବ କୁ ସେ ନାପସନ୍ଦ କରି ଦଳ ଛାଡିଛନ୍ତି। ତେବେ ଶ୍ରୀକାନ୍ତଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ କହିଛନ୍ତି ଆଗାମୀ ନିର୍ବାଚନରେ ସେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବେ ଏବଂ ନୀଳଗିରିରୁ ତାଙ୍କଠାରୁ ଅଧିକ ଭୋଟ ପାଇବେ । ତେବେ ଆଜିର ଏହି ଘଟଣା ପରେ କଂଗ୍ରେସ ଦଳ ଭିତରେ ଥିବା କନ୍ଦଳ ଆଗାମୀ ନିର୍ବାଚନ ରେ ଦଳ ପାଇଁ ବୁମେରାଂ ସାଜିବନି ତ ?

# ସିଡିଏ ଅଞ୍ଚଳରେ କଂଗ୍ରେସ ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ



କଟକ (ସବ୍ୟୁ) : ବୁଧବାର ମଧ୍ୟାହ୍ନରେ ସିଡିଏ ଅଞ୍ଚଳକୁ ନେଇ ଏକ ନିର୍ବାଚନ କାର୍ଯ୍ୟାଳୟ ଉଦ୍ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିୟଧାୟକ ଇଂ ମହମ୍ମଦ ମୋକିମ ଏବଂ ବାରବାଟୀ-କଟକ ନିର୍ବାଚନ ମଣ୍ଡଳ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିଦୋଷ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରି ଚଳିତ ସାଧାରଣ ନିର୍ବାଚନ ନିମନ୍ତେ ସଂଗଠିତ ଭାବେ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ବିଧାୟକ ମୋକିମ ଆହ୍ୱାନ ଜଣାଇଥିଲେ । କିପରି କଟକ ସହରର ବିକାଶର ଧାରାକୁ ଆହୁରି ଅଗ୍ରଗତି କରାଇବା ସହ କଟକ ସହରରେ ପୁଣି କଂଗ୍ରେସକୁ ବିଜୟୀ କରାଇବା ପାଇଁ ଉପସ୍ଥିତ ସମସ୍ତଙ୍କୁ ବାରବାଟୀ-କଟକ ନିର୍ବାଚନ ମଣ୍ଡଳ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିଦୋଷ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ସୂର୍ଯ୍ୟକାନ୍ତ ରାଉତ, ରମେଶ ବେହେରା, ନିତ୍ୟାନନ୍ଦ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡ଼ିରେ ଯୋଗଦେଲେ ଭୁବନେଶ୍ୱର ଏକାମ୍ର ବିଜେପି ନେତା ଅଖିଳ କୁମାର ପଟ୍ଟନାୟକ



ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରଏକାମ୍ରନିର୍ବାଚନ ମଣ୍ଡଳୀର ବିଜେପି ନେତା ଅଖିଳ କୁମାର ପଟ୍ଟନାୟକ ବୁଧବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଅଖିଳ ପଟ୍ଟନାୟକଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଶିଳା ଯଜ୍ଞ ପଡିଆକୁ ସର୍ବସାଧାରଣ ରେକର୍ଡଭୁକ୍ତ କରିବାକୁ ଦାବି

ଉଦୟଗିରି,(ସବ୍ୟୁ) : ବଡଚଣା ବ୍ଲକ ତଥା ଦର୍ପଣ ତହସିଲ ଅଧିନରେ ଥିବା ମାଣ୍ଡୁକା ପଞ୍ଚାୟତ ଅଶିଳା ପଦ୍ମନାଭପୁର ଗ୍ରାମର ତଫସିଲଭୁକ୍ତ ପତିତ ପଡିଆ ଜମିକୁ ସର୍ବସାଧାରଣ ଭୂମି ଭାବେ ରେକର୍ଡଭୁକ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ସୂଚନାମୁତାବକ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଏହି ତଫସିଲଭୁକ୍ତ ପତିତ ଜମି ରହିଛି । ୧୯୨୯ ବନ୍ଦୋବସ୍ତ ରେକର୍ଡ ଅନୁଯାୟୀ ଏହି ୭ଏକର ପଡିଆ ଜମି ତତ୍କାଳୀନ ଜମିଦାରଙ୍କ ମାଲିକାନାରେ ପତିତ କିସମ ଜମି ଭାବେ ବର୍ଣ୍ଣିତ ରହିଛି । ତେବେ ଯଜ୍ଞ ପଡିଆ ଭାବେ ନାମିତ ଏହି ଜମି ଅଶିଳା ପଦ୍ମନାଭପୁର ଗ୍ରାମବାସୀଙ୍କର ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହୋଇଆସୁଛି । ଏହି ଜମିର କିଛି ପଡିଆ ଅଂଶରେ ଗ୍ରାମବାସୀଙ୍କ ଗାଈଗୋରୁ ଚରିଥାନ୍ତି । ସେହିପରି ଏହି ଜମିରେ ହାଇସ୍କୁଲ ପଡିଆ,ଯଜ୍ଞଗୃହ,ମା ଶାରଳାଙ୍କ ମନ୍ଦିର,ଶିବମନ୍ଦିର,ଗ୍ରାମଶ୍ମଶାନ ଓ ଗିରି ଗୋବର୍ଦ୍ଧନ କୋଠଗୃହ ନିର୍ମାଣ କରାଯାଇଛି । ହେଲେ କିଛି ମୁଷ୍ଟିମେୟ ବ୍ୟକ୍ତି ଏହି ଜମିକୁ ଜମିଦାରଙ୍କ ପ୍ରତିନିଧିଙ୍କଠାରୁ ତଞ୍ଚକତା କରି ହାତେଇବା ପାଇଁ ଚକ୍ରାନ୍ତ କରୁଥିବା ଗ୍ରାମବାସୀ ଅବଗତ ହୋଇଛନ୍ତି ।

## ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ୫ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ
# ଭୁବନେଶ୍ୱର (ଉତ୍ତର), ଜୟଦେବ, ଜଟଣୀ ଓ ବେଗୁନିଆ ନିର୍ବାଚନ ମଣ୍ଡଳୀର ୬ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ

ଖୋର୍ଦ୍ଧା (ସବ୍ୟୁ): କେଉଁ ନେତାଙ୍କ ଉପରେ ଭରଷା କରିବେ ଭୋଟର । କେଉଁ ପ୍ରାର୍ଥୀଙ୍କୁ ଭୋଟରଙ୍କ ଆର୍ଶିବାଦ ମିଳିବ।ଭୋଟର ମନପସନ୍ଦ ନେତା କିଏ ନିର୍ବାଚନରେ ବାଜିମାତ୍ କରିବା।ଏ ସବୁ ଜୁନ ୪ ତାରିଖ ଗଣତି ପରେ ସ୍ପଷ୍ଟ ହେବ । ଚଳିତ ମାସ ୨୫ ତାରିଖରେ ମତଦାନ ଜିଲ୍ଲାର ଭୁବନେଶ୍ୱର ଲୋକସଭା ଏବଂ ପୁରୀ ଲୋକସଭା ମଣ୍ଡଳୀ ଅଧିନରେ ଥିବା ଖୋର୍ଦ୍ଧା,ବେଗୁନିଆ, ଚିଲିକା, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତର), ଏକାମ୍ର (ଭୁବନେଶ୍ୱର) ଓ ଜୟଦେବ ନିର୍ବାଚନ ମଣ୍ଡଳୀ ରେ ମତଦାନ ହେବାକୁ ଯାଉଛି।ତେବେ ନାମାଙ୍କନ ଯାଂଚ ସମୟରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ୧୭ ପ୍ରାର୍ଥୀଙ୍କ ମଧ୍ୟରୁ ୫ଜଣଙ୍କ ନାମାଙ୍କନ ନାକଚ ହୋଇଥିବାବେଳେ ବେଗୁନିଆ, ଜଟଣୀ, ଭୁବନେଶ୍ୱର (ଉତର) ଓ ଜୟଦେବ ନିର୍ବାଚନ ମଣ୍ଡଳୀର ସମୁଦାୟ ୬ଜଣ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଥିବା ସୂଚନା ମିଳିଛି ।

ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ୧୭ଜଣ ନାମାଙ୍କନ ଭରିଥିଲେ । ତନ୍ମଧ୍ୟରୁ ୧୨ଜଣଙ୍କର ପ୍ରାର୍ଥୀପତ୍ର କାଏମ ଥିବାବେଳେ ୫ଜଣଙ୍କର ନାକଚ ହୋଇଛି । ୧୨ଜଣଙ୍କ ମଧ୍ୟରେ ବିଜେପି ରୁ ଅପରାଜିତା ଷଡଙ୍ଗୀ, ବିଜେଡି ରୁ ମନ୍ମଥ ରାଉତରାୟ, କଂଗ୍ରେସ ରୁ ସଏଦ ୟାସିର ନୱାଜ, ସିପିଆଇ(ଏମ) ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରତୀୟ ବିକାଶ ପରିଷଦ ର ନଟବର ମହାରଣା, କଳିଙ୍ଗ ସେନା ର ପ୍ରଦୀପ କୁମାର ସାହୁ, ସୁପ୍ରିମ ଜିରୋ ପାର୍ଟି ଅଫ ଭାରତ ର ଶାନ୍ତିଲତା ରାଉତ, ଓଡିଶା ଜନତା ପାର୍ଟି ର ସଙ୍ଗିତା ପଟ୍ଟନାୟକ, ସ୍ୱାଧିନ ପ୍ରାର୍ଥୀଭାବେ କିଶୋର କୁମାର ସୁତାର, ସୁଧାଂଶୁ ଶେଖର ଦାସ, ସନ୍ତୋଷ କୁମାର ମିଶ୍ର, ହୁଲାସ ସେନାପତିଙ୍କ ନାମାଙ୍କନ କାୟମ ରହିଛି । ଏଠାରେ ବହୁଜନ ସମାଜ ପାର୍ଟି ଲଳିତ କୁମାର ନାୟକ, ମାନସ ଲୋକଶକ୍ତି ଦଳ ରିତୁନା ନାୟକ, ବିଏସପି ର ରଜତ କୁମାର ବେହେରା, ସ୍ୱାଧିନପ୍ରାର୍ଥୀ ସଞ୍ଜୟ କୁମାର ସାହୁ, ଗୋକୁଳାନନ୍ଦ ମିଶ୍ର ପ୍ରମୁଖ ୫ଜଣଙ୍କ ନାମାଙ୍କନ ନାକଚ ହୋଇଛି ।

ବେଗୁନିଆ ନିର୍ବାଚନମଣ୍ଡଳୀ ନିମନ୍ତେ ୧୩ଜଣ ନାମାଙ୍କନ କରିଥିବାବେଳେ ବିଏସପି ରୁ ସୁଶାନ୍ତ ନାୟକଙ୍କ ନାମାଙ୍କନ ନାକଚ ହୋଇଥିବା ଜଣାଯାଇଛି । ଏଠାରେ କଂଗ୍ରେସ ରୁ ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ବିଜେପି ରୁ ପ୍ରକାଶଚନ୍ଦ୍ର ବିଜୁଳି, ବିଜେଡି ରୁ ପ୍ରଦୀପ କୁମାର ସାହୁ, ମାନସ ଲୋକଶକ୍ତି ଦଳରୁ ମାନସ ରଞ୍ଜନ ଦାସ, କୃପା ପାର୍ଟି ସତ୍ୟବ୍ରତ ମହାପାତ୍ର, ଜୟ ମହାଭାରତ ପାର୍ଟି ର ଡ. ସୂର୍ଯ୍ୟକାନ୍ତି ରାଉତ, ସ୍ୱାଧିନ ପ୍ରାର୍ଥୀ ଜନାର୍ଦ୍ଦନ ଦଳବେହେରା, ପ୍ରଣବ କୁମାର ରାୟ, ପ୍ରଦୀପ କୁମାର ସାହୁ, ମନୋଜ କୁମାର ପ୍ରଧାନ, ଶୁଭକାନ୍ତ ଖଡୀରତ୍ନ, ସନ୍ତୋଷ କୁମାର ସାହୁଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ଜଟଣୀ ନିର୍ବାଚନମଣ୍ଡଳୀରେ ୧୧ଜଣଙ୍କ ମଧ୍ୟରୁ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ଜେନା, ବିଜେଡି ପ୍ରାର୍ଥୀ ବିଭୁତି ବଳବନ୍ତରାୟ, ବିଜେପି ରୁ ବିଶ୍ୱରଞ୍ଜନ ବଡଜେନା, ମାନସ ଲୋକଶକ୍ତି ଦଳରୁ ପ୍ରଦୀପ ଭୋଇ, କଳିଙ୍ଗ ସେନା ର ହିମାଂସୁ ନାୟକ, ସ୍ୱାଧିନ ପ୍ରାର୍ଥୀ ପ୍ରଶାନ୍ତ କୁମାର ସାହୁ, ମନୋଜ କୁମାର ପ୍ରଧାନ, ସୁଜିତ କୁମାର ବଳବନ୍ତରାୟ, ମହମ୍ମଦ ମନୋହର ଅଲ୍ଲୀ ପ୍ରମୁଖ ୯ଜଣଙ୍କର କାଏମ ରହିଛି । ଅବଶିଷ୍ଟ ସ୍ୱାଧିନ ପ୍ରାର୍ଥୀ ସୁନିତା ଜେନା, ରବୀନ୍ଦ୍ର କୁମାର ଦାସଙ୍କ ନାମାଙ୍କନ ନାକଚ ହୋଇଥିବା ଜଣାଯାଇଛି । ଜୟଦେବ ରେ ୧୦ଜଣ ନାମାଙ୍କନ କରିଥିଲେ । ସେଥିରୁ ବିଜେଡି ରୁ ନବକିଶୋର ମଲ୍ଲିକ, ବିଜେପି ରୁ ଅରବିନ୍ଦ ଢାଲି, କଂଗ୍ରେସ ରୁ କୃଷ୍ଣଚନ୍ଦ୍ର ଷଗରିଆ, ଆପ ରୁ ଦୀନବନ୍ଧୁ ନାୟକ, ସମୃଦ୍ଧ ଓଡିଶା ରୁ ରଶ୍ମିତା ଭୋଇ, ସ୍ୱାଧିନ ପ୍ରାର୍ଥୀ କାହ୍ନୁଚରଣ ଖଟୁଆ, ସତ୍ୟପ୍ରିୟ ବେହେରା ଓ ଲୋକନାଥ ବେହେରା ପ୍ରମୁଖ ୮ଜଣଙ୍କର କାଏମ ରହିଥିବାବେଳେ ନବନିର୍ମାଣ କୃଷକ ସଂଗଠନ ର ରାଜକିଶୋର ଦାସ, ବିଏସପି ର ଅମର ଷ୍ଟିଫେନ ମୌର୍ଯ୍ୟଙ୍କର ନାକଚ ହୋଇଥିବା ଜଣାଯାଇଛି ।

ଭୁବନେଶ୍ୱର (ଉତର) ରେ ୧୪ନାମାଙ୍କନ ମଧ୍ୟରୁ କଂଗ୍ରେସ ରୁ ଅଶୋକ କୁମାର ଦାସ, ବିଜେପି ରୁ ପ୍ରିୟଦର୍ଶୀ ମିଶ୍ର, ବିଜେଡି ର ସୁଶାନ୍ତ କୁମାର ରାଉତ, ଆପ ରୁ ସୋମନାଥ ରାଉତ, ସିପିଆଇ(ଏମଏଲ) ରୁ ଗୋପିନାଥ ନାୟକ, ସମୃଦ୍ଧ ଓଡିଶା ପାର୍ଟି ରୁ ବିଶ୍ୱନାଥ ପଟ୍ଟନାୟକ, ସିପିଆଇ ଶଙ୍କର୍ଷଣ ବାରିକ, ସ୍ୱାଧିନ ପ୍ରାର୍ଥୀ ପ୍ରତାପ କିଶୋର ବାରିକ, ଡିମିରୋ ମାଝି, ବିଭୁତି ଭୁଷଣ ସ୍ୱାଇଁ, ବ୍ୟୋମକେଶ ତ୍ରିପାଠୀ, ଶ୍ରୀନିବାସ ଖଣ୍ଡାଇ, ସନ୍ତୋଷ କୁମାର ପାଣି ପ୍ରମୁଖ ୧୩ଜଣଙ୍କର କାଏମ ରହିଥିବାବେଳେ ବିଏସପି ବେଦପ୍ରକାଶ ଦାସଙ୍କର ଖାରଜ ହୋଇଥିବା ଜଣାଯାଇଛି ।

ସେହିପରି ଚିଲିକା ର ବିଜେଡି ରୁ ରଘୁନାଥ ସାହୁ, ବିଜେପି ରୁ ପୃଥ୍ୱୀରାଜ ହରିଚନ୍ଦନ, କଂଗ୍ରେସରୁ ପ୍ରଦୀପ କୁମାର ସ୍ୱାଇଁ, ଆପ ରୁ ସଂଗ୍ରାମ କେଶରୀ ପରିଡା, ଜନତା ଦରବାର ପାର୍ଟିରୁ ସେକ କୌଶର, ସ୍ୱାଧିନ ପ୍ରାର୍ଥୀ କାମେଶ୍ୱର ଆଚାରୀ, ସ୍ୱାଧିନ ପ୍ରାର୍ଥୀ ମନ୍ମଥ କୁମାର ସିଂ, ସ୍ୱାଧିନ ପ୍ରାର୍ଥୀ ଶକ୍ତିପଦ ନାଥ, ସ୍ୱାଧିନ ପ୍ରାର୍ଥୀ ସୁବ୍ରତ କୁମାର ହାବଡାସିଂ ପ୍ରମୁଖ ୯ଜଣ, ଭୁବନେଶ୍ୱର (ମଧ୍ୟ) ରେ ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ବହୁଜନ ସମାଜ ପାର୍ଟି ରୁ ଡ. ନଗେନ୍ଦ୍ର ନାଥ ମିଶ୍ର ଓ ସ୍ୱାଧିନ ପ୍ରାର୍ଥୀ ଡ. ଅକ୍ଷୟ କୁମାର ବାରିକ, ସମୃଦ୍ଧ ଓଡିଶା ର ଉମାଚରଣ ମିଶ୍ର, ଆପ ର ଅରୁଣ କୁମାର ନାୟକ, ବିଜେଡି ର ଅନନ୍ତ ନାରାୟଣ ଜେନା, କଂଗ୍ରେସ ରୁ ପ୍ରକାଶ ଚନ୍ଦ୍ର ଜେନା,ଭାରତୀୟ ଜୱାନ କିଶାନ ର ରଞ୍ଜନ କୁମାର କର, ଅଲ ଇଣ୍ଡିଆ ଫରୱାଡ ବ୍ଲକ ର ଲକ୍ଷ୍ମୀ ଦୋରା, ଓଡିଶା ଜନତା ପାର୍ଟି ର ନରେଶ ଚନ୍ଦ୍ର ସାହୁ, ସ୍ୱାଧିନ ପ୍ରାର୍ଥୀ ସନାତନ ବେହେରା, କ୍ରୀଷ୍ଣା କୁମାର ବୋଲଡିଆ ଓ ଆଶୁତୋଷ ସ୍ୱାଇଁ, କୃପା ପାର୍ଟିର ଶ୍ରୀକାନ୍ତ ସାମଲ ପ୍ରମୁଖ ୧୪ଜଣ, ଏକାମ୍ର (ଭୁବନେଶ୍ୱର) ରେ ବିଜେଡି ରୁ ଅଶୋକ ଚନ୍ଦ୍ର ପଣ୍ଡା, ବହୁଜନ ସମାଜବାଦୀ ପାର୍ଟି ପରେଶ ଚନ୍ଦ୍ର ମୁଦୁଲି, କଂଗ୍ରେସ ରୁ ପ୍ରଶାନ୍ତ କୁମାର ଚମ୍ପତି, ବିଜେପି ରୁ ବାବୁ ସିଂ, ସମୃଦ୍ଧ ଓଡିଶା ର ପ୍ରିତୀଜ୍ୟୋସ୍ନା ନାଥ, ଭାରତୀୟ ଜବାନ କିଶାନ ପାର୍ଟିରୁ ବିଦ୍ୟୁଲତା ଓଝା, କଳିଙ୍ଗ ନ୍ୟାସନାଲ ଫ୍ରଂଟ ରୁ ମଧୁଛନ୍ଦା ଜେନା କଳିଙ୍ଗ ସେନା ର ମୋନାଲିସା ବିଶ୍ୱାଳ, ଅଲଇଣ୍ଡିଆ ଫରୱାଡ ବ୍ଲକ ସନ୍ତୋଷ କୁମାର ଯତି, ସିପିଆଇ (ଏମଏଲ) ହେନା ବାରିକ ଓ ସ୍ୱାଧିନ ପ୍ରାର୍ଥୀ ପ୍ରବୀଣ କୁମାର ନାୟକ, ଜ୍ଞାନେନ୍ଦ୍ର ମହାନ୍ତି ପ୍ରମୁଖ ୧୨ଜଣ, ଖୋର୍ଦ୍ଧା ର ବିଜେଡି ରୁ ରାଜେନ୍ଦ୍ର କୁମାର ସାହୁ, ସିପିଆଇ(ଏମ) ଗିରିଶଚନ୍ଦ୍ର ମହାରଣା, ବିଜେପି ପ୍ରଶାନ୍ତ କୁମାର ଜଗଦ୍ଦେବ, କଂଗ୍ରେସ ରୁ ସାନାଲି ସାହୁ, ମାନସ ଲୋକଶକ୍ତି ଦଳର ବିଶ୍ୱଜିତ ବେହେରା, ସୁପ୍ରିମ ଜିରୋ ପାର୍ଟି ଅଫ ଭାରତ ର ବ୍ରହ୍ମଚାରୀ ନାୟକ, ସ୍ୱାଧିନ ରୁ କାଳୁଚରଣ ଖଣ୍ଡେଇତରାୟ, ରଣଜିତ ମହାପାତ୍ର ଓ ରୂପେଶ ବେହେରା ପ୍ରମୁଖ ୧୦ଜଣଙ୍କ ନାମାଙ୍କନ କାଏମ ରହିଛି । ତେବେ ଏ ସମସ୍ତ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଥିବା ବେଳେ ପ୍ରତ୍ୟାହାର ପରେ କିଏ ରଣାଙ୍ଗନରେ ରହିବ ତାହା ସ୍ପଷ୍ଟ ହେବ ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସେସ୍‌କୋ ପାୱାର ହାଉସ୍ ଶାଖାର
# ନବୀକରଣ ପରିସର ଉଦ୍‌ଘାଟିତ



ଭୁବନେଶ୍ୱର (ସବ୍ୟୁ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସେସ୍‌କୋ ପାୱାର ହାଉସ୍ ଶାଖାର ନବୀକରଣ ପରିସର ଟିଡିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂଙ୍କ ଦ୍ୱାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ଉପ- ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ଅଶୋକ ମିଶ୍ର, ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ସହାୟକ ମହାପ୍ରବନ୍ଧକ ତଥା ଉପ-କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲଙ୍କ ଉପସ୍ଥିତିରେ ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ଟିଡିସିଓଡିଏଲ୍‌ର ଅଧିକାରୀ ଓ କର୍ମଚାରୀଗଣ, ସେସ୍‌କୋ ପାୱାର ହାଉସ୍ ଶାଖାର ଶାଖା ପ୍ରବନ୍ଧକ ବିଷ୍ଣୁପ୍ରିୟା ନାୟକ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀଗଣ ଏବଂ ମୂଲ୍ୟବାନ ଗ୍ରାହକମାନଙ୍କ ସହିତ ସ୍ଥାନୀୟ ଶାଖା ମୁଖ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ୫୦ ଟି ନୂତନ ଆକାଉଣ୍ଟ ଖୋଲା ଯାଇଥିଲା ।

# ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ବାରିପଦା, (ସବ୍ୟୁ) : ମହାରାଜ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ମୟୂରଭଞ୍ଜ ଜିଲ୍ଲା ତରଫରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଯୁବ ସଭାପତି ଇଂ ବଳରାମ ସାହୁଙ୍କ ନେତୃତ୍ୱରେ ସରକାରୀ ଚାକିରୀ ବିକ୍ରି କରୁଛ, ଓଡ଼ିଆ ଯୁବକଙ୍କୁ ବେକାର ରଖୁଛ ପ୍ରତିବାଦରେ ଏହି ବିକ୍ଷୋଭ ଆୟୋଜିତ କରାଯାଇଥିଲା । ଏଥିରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ମାନସ ସାହୁ, ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦେବବ୍ରତ ସାମଲ, ଜିଲ୍ଲା ଯୁବମୋର୍ଚ୍ଚାର ପ୍ରଭାରୀ ତଥା ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ କୁମାର ମଙ୍ଗଳମ, ନଗର ଯୁବ ମୋର୍ଚ୍ଚା ସଭାପତି ସୁବ୍ରତ ମୁଖୀ, ଜିଲ୍ଲା ଯୁବ ଉପସଭାନେତ୍ରୀ ସୃଷ୍ଟି ଓତା, ଜିଲ୍ଲା ଯୁବ ସମ୍ପାଦକ ସୂରଜ ଲୋହାର ଓ ହେମଲତା ଦାସ ପ୍ରମୁଖ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ସିଧା ସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ଯୁବକ ମାନେ ଚାହିଁଲେ ବାହାର ରାଜ୍ୟ ଜଣେ ବ୍ୟୁରୋକେଟରୁ ନେତା ହୋଇଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏ ସରକାର ପରିଚାଳିତ ହେଉଥିବାରୁ ଏ ସରକାର ବଦଳିବା ଦରକାର ବୋଲି କହିଥିଲେ। ଓଡିଶାର ଅସ୍ମିତା, ଓଡ଼ିଆ ଭାଷା ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବା ପାଇଁ ଓଡିଶାର ସମସ୍ତ ଜନ ସାଧାରଣ ଏ ଲଢେଇ କରୁଥିବା ନିଜ ନିଜ ବକ୍ତବ୍ୟରେ କହିଥିଲେ। ଓଡ଼ିଶାରେ ସରକାରୀ ଚାକିରୀ ବିକ୍ରି ହେଉଥିବାର ମଧ୍ୟ ପ୍ରତିବାଦ କରିଥିଲେ। ବିଭିନ୍ନ ବିଭାଗରେ ପଦପଦବୀ ଖାଲି ପଡିଥିବାବେଳେ ରାଜ୍ୟ ସରକାର ସେ ବିଷୟରେ ଚିନ୍ତା ନକରିବା ଦୁର୍ଭାଗ୍ୟ ଜନକ ବୋଲି ପ୍ରକାଶ କରିଥିଲେ। ଏହି ସହିତ ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଥିବା ନିକୋ କାରଖାନା, କାଠପାଳ ସ୍ପିନିଂମିଲ୍, ବାରିପଦା ଗଞ୍ଜୀ କାରଖାନା, ଉତ୍କଳ ବଲ, ଲୁଗା ଧୂଆ ସାବୁନ୍ ଭଳି କାରଖାନା ଥିବାବେଳେ ଆଜିକୁ ୨୫ବର୍ଷ ଧରି ବିଜେଡି ସରକାର କରିବା ପରେ ମୟୂରଭଞ୍ଜ ଜିଲ୍ଲା ପ୍ରତି ବୈମାତୃକ ମନୋଭାବ କାରଣ ସେ ସବୁର ପୁନରୁଦ୍ଧାର ହେବା ବଦଳରେ ସମ୍ପୂର୍ଣ୍ଣ ବନ୍ଦ ହୋଇପଡିଛି। ଏହାପରେ ମଧ୍ୟ ବରମ୍ବାର କେନ୍ଦ୍ର ସରକାର ରୋଜଗାର ଦେଉନାହିଁ କହିବା ଦୁର୍ଭାଗ୍ୟଜନକ ତେଣୁ ଏହି ୨୫ବର୍ଷର ସରକାରକୁ ପରିବର୍ତ୍ତନ କରିବା ପାଇଁ ସମସ୍ତ ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ମାନେ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସୀ ତ୍ରିପାଠୀ, ସୁସ୍ମିତା ବେହେରା, ସସ୍ମିତା ପୃଷ୍ଟି, ସୁମିତ୍ରା କୁଅଁରବାବୁ, ପୁରୁଷୋତ୍ତମ ସେଠି, ସଙ୍କର୍ଷଣ ମହାନ୍ତ ଓ କାର୍ତ୍ତିକ ମହାନ୍ତଙ୍କ ସହିତ ବହୁ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଗ୍ରୀଷ୍ମକାଳୀନ ବିଜୁଳି ଚାହିଦାକୁ ସଫଳତାର ସହ ପୂରଣ କରିଛି ଟିପିଏସ୍ଓଡିଏଲ୍

# ବ୍ରହ୍ମପୁରର ବିଜୁଳି ଚାହିଦାରେ ୨୩.୯୧% ବୃଦ୍ଧି

ବ୍ରହ୍ମପୁର, (ସବ୍ୟୁ) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ଚଳିତ ବର୍ଷ ମଇ ୫ ତାରିଖରେ ୭୬୦ ମେଗାୱାଟର ସର୍ବାଧିକ ଗ୍ରୀଷ୍ମକାଳୀନ ବିଜୁଳି ଚାହିଦାକୁ ସଫଳତାର ସହ ପୂରଣ କରିଛି। ଏହା ସହ ଦକ୍ଷିଣ ଓଡ଼ିଶାରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ପୁଣି ଥରେ ପ୍ରମାଣିତ କରିଛି।ଏହା ଗତବର୍ଷ ଏପ୍ରିଲ ୨୦୨୩ରେ ରେକର୍ଡ ହୋଇଥିବା ସର୍ବାଧିକ ବିଜୁଳି ଚାହିଦା ୬୬୮ ମେଗାୱାଟ୍ ତୁଳନାରେ ଚଳିତ ବର୍ଷର ଚାହିଦାରେ ଉଲ୍ଲେଖନୀୟ ୧୩.୭୭% ବୃଦ୍ଧିକୁ ଦର୍ଶାଉଛି।ସେହିଦିନ, ବ୍ରହ୍ମପୁର ସହରରେ ମଧ୍ୟ ବିଜୁଳି ଚାହିଦା ବୃଦ୍ଧି ପାଇ ୧୭୧ ମେଗାୱାଟରେ ପହଞ୍ଚିଥିଲା। ପୂର୍ବ ବର୍ଷ ୧୭ ଏପ୍ରିଲ ୨୦୨୩ରେ ରେକର୍ଡ ହୋଇଥିବା ସର୍ବୋଚ୍ଚ ଚାହିଦା ୧୩୮ ମେଗାୱାଟ୍ ତୁଳନାରେ ଏହା ୨୩.୯୧% ବୃଦ୍ଧି ଅଟେ ଛ ସହରରେ ୪୦ ଡିଗ୍ରୀ ସେଲସିୟସରୁ ଅଧିକ ତାପମାତ୍ରା ରହୁଥିବା ବେଳେ ଗ୍ରୀଷ୍ମ ପ୍ରବାହ ଭଳି ପରିସ୍ଥିତିରେ ଉପଭୋକ୍ତାଙ୍କର ବିଜୁଳି ଆବଶ୍ୟକତାକୁ ପୂରଣ କରିବା ପାଇଁ ଦରକାର ଥିବା ସୁଦୃଢ଼ ଏବଂ ଭରସାଯୋଗ୍ୟ ବିଦ୍ୟୁତ ଭିତ୍ତିଭୂମିର ଆବଶ୍ୟକତାକୁ କମ୍ପାନୀ ସଫଳତାପୂର୍ବକ ପୂରଣ କରିଛି ।ଚଳିତ ଗ୍ରୀଷ୍ମ ଋତୁରେ ବର୍ଦ୍ଧିତ ବିଦ୍ୟୁତ ଚାହିଦା ପୂରଣ କରିବା ସହ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ଆବଶ୍ୟକୀୟ ପଦକ୍ଷେପ ନେଇଛି। ସାରା ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ବିତରଣ ନେଟୱାର୍କ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନିଜର ୨୨ ଲକ୍ଷ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଜୁଳି ଯୋଗାଣ କରିବା ପାଇଁ କମ୍ପାନୀ ପକ୍ଷରୁ ବିଭିନ୍ନ ବୈଷୟିକ ଜ୍ଞାନକୌଶଳ କାର୍ଯ୍ୟକାରୀ କରାଯାଇଛି।ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ବିଶେଷକରି ଗ୍ରୀଷ୍ମ ଋତୁରେ ସର୍ବାଧିକ ବିଜୁଳି ଚାହିଦାକୁ ମେଣ୍ଟାଇବା ସହ ଦକ୍ଷିଣ ଓଡ଼ିଶାର ବର୍ଦ୍ଧିତ ବିଜୁଳି ଆବଶ୍ୟକତା ପୂରଣ କରିବାକୁ ଟିପିଏସଓଡିଏଲ୍ ପ୍ରତିଶ୍ରୁତିବଦ୍ଧଛ ଅଭିନବ ଜ୍ଞାନକୌଶଳ, ପ୍ରଯୁକ୍ତିବିଦ୍ୟା ଓ ପରିଚାଳନା ଦକ୍ଷତା ଉପରେ ଆମର ଗୁରୁତ୍ୱ, ବଦଳୁଥିବା ଚାହିଦା ଢାଞ୍ଚା ସହ ଖାପ ଖୁଆଇବା ଭଳି ଗୁଣାତ୍ମକ ପଦକ୍ଷେପ ଉପଭୋକ୍ତାମାନଙ୍କୁ ଭରସାଯୋଗ୍ୟ ସେବା ଯୋଗାଇବା କ୍ଷେତ୍ରରେ ସହାୟକ ହୋଇପାରିଛି।ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ପିଏସସିସି) ଟିପିଏସଓଡିଏଲର ଅପରେସନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏଛ ଏହା ସମଗ୍ର ବିତରଣ ନେଟୱାର୍କର ରିଅଲ ଟାଇମ୍ ମନିଟରିଂ ପାଇଁ ଏକ କେନ୍ଦ୍ରୀୟ ୟୁନିଟ୍ ଭାବରେ କାର୍ଯ୍ୟ କରେ। ଉନ୍ନତ ଓଟି ଏବଂ ଆଇଟି ଟେକ୍ନୋଲୋଜି ଯଥା ସୁପରଭାଇଜରୀ କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ୍ (ସ୍କାଡା) ଏବଂ ପରମିଟ୍ ଟୁ ଲିଭ୍ (ପିଟିଡବ୍ଲ୍ୟୁ) ପରିଚାଳନା ବ୍ୟବସ୍ଥାର ଉପଯୋଗ ଦ୍ୱାରା ବିଭିନ୍ନ ସ୍ଥାନରେ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରୁଛି। ଏହା ବିଦ୍ୟୁତ ବିତରଣ ନେଟୱାର୍କର ବିଶ୍ୱସନୀୟତା ଏବଂ ସାମର୍ଥ୍ୟକୁ ବୃଦ୍ଧି କରୁଛି।ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ବିଜୁଳି ଯୋଗାଣ ପାଇଁ ନିଜର ପ୍ରତିବଦ୍ଧତା ବଜାୟ ରଖିବା ସହ ଦକ୍ଷିଣ ଓଡ଼ିଶାର ବଢୁଥିବା ଶକ୍ତି ଚାହିଦା ପୂରଣ କରିବା ପାଇଁ ଅଭିନବ ସମାଧାନ ଖୋଜିବା ସହ ପ୍ରଯୁକ୍ତିବିଦ୍ୟାରେ ନିବେଶ କରିବା ଦିଗରେ ଟିପିଏସଓଡିଏଲ୍ ପ୍ରୟାସ ଜାରି ରଖିଛି।

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ବୁଗୁଡା, (ସବ୍ୟୁ) : ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ତଥା ଚଳିତ ମାସ ୨୦ ତାରିଖରେ ଆସ୍କା ଲୋକସଭା ଓ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ନିର୍ବାଚନକୁ ଅବାଧ ଓ ନିରପେକ୍ଷତାର ସହ ପରିଚାଳନା ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଲକ୍ଷ୍ୟରେ ବୁଗୁଡା ପୋଲିସ ପକ୍ଷରୁ ଆଜି ବୁଧବାର ସନ୍ଧ୍ୟାରେ ରେ ବୁଗୁଡା ସହରରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି ।ପୋଲିସ ଏସ୍ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ଫ୍ଲାଗ୍ ମାର୍ଚ୍ଚରେ ଏସ୍ଆଇ ବବିତା ପ୍ରଧାନ ଓ ସୁମନ୍ତ ବେହେରାଙ୍କ ସମେତ ସ୍ଥାନୀୟ ପୋଲିସ ଏବଂ ଦୁଇ ପ୍ଲାଟୁନ୍ ସିଆଇଏସ୍ଏଫ୍ ସାମିଲ୍ ଥିଲେ ।

## ଗୋପାଳପୁର ନିର୍ବାଚନମଣ୍ଡଳୀରେ ପାଣ୍ଡିଆନଙ୍କ ପ୍ରଚାର

ବ୍ରହ୍ମପୁର ,(ସବ୍ୟୁ) : ସୋମବାର ଦିନ ବିଜେଡି ଷ୍ଟାର ପ୍ରଚାରକ ଭିକେ ପାଣ୍ଡିଆନ ରୋଡ ଶୋ କରିଛନ୍ତି । ଗୋପାଳପୁର ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମପୁର ମହାନଗର ନିଗମ ର ୩୭, ୩୮ ନମ୍ବର ରେ ରୋଡ୍ ଶୋ କରିବା ସହ ଭୋଟର ଙ୍କୁ ଉଦବୋଧନ ଦେଇଥିଲେ। ଏହି ପରିପକ୍ଷରେ ସାଂସଦ ପାର୍ଥୀ ଭୃଗୁ ବକ୍ସିପତ୍ର ଓ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ପାଣ୍ଡିଆନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ପାଣ୍ଡିଆନ ଗୋପାଳପୁର ଠାରେ ପହଞ୍ଚି ସେଠାରେ ଉଦବୋଧନ ଦେବା ସହ ରୋଡ ଶୋ କରିଥିଲେ ।ପରେ ସେଠାରୁ ବ୍ରହ୍ମପୁର ସ୍ଥିତ ଲାଞ୍ଜିପୋଲେ ଗାଇଗୋଠ ପଡ଼ିଆରେ ପହଞ୍ଚିଥିଲେ ।ସେଠାରେ ହଜାର ହଜାର ସମର୍ଥନ ଙ୍କୁ ନବୀନ ସରକାରଙ୍କ ଜନହିତ ଯୋଜନା ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ । ଏହାପରେ ସେ ଲୋଚପଡ଼ା ମା ଦାଣ୍ଡ କାଳୀ ମନ୍ଦିର ନିକଟରେ ପହଞ୍ଚି ସଭାସ୍ଥଳ କୁ ଯାଇ ଲୋକମାନଙ୍କୁ କହିଥିଲେ ଯେ ଦୁଇଜଣ ପ୍ରାର୍ଥୀ ହେଉଛନ୍ତି ସବୁଠାରୁ ଉଚ୍ଚ ଶିକ୍ଷିତ ବ୍ୟକ୍ତି।ସେଥି ପାଇଁ ଆମେ ସମସ୍ତେ ମିଳି ମିଶି କିପରି ଜିତାଇବା ତାହା ଆଜି ଆମେ ସଂକଳ୍ପ ନେବା ।

## ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ରେଡ୍‌କ୍ରସ ଦିବସ

ବାରିପଦା, (ସବ୍ୟୁ) : ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର. (ଡ଼.) ପ୍ରମୋଦ ଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ ବିଶ୍ୱ ରେଡକ୍ରସ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଥମେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ପୁଷ୍ପମାଳ ଦେଇ ପଶୁପକ୍ଷୀମାନଙ୍କୁ ଖାଦ୍ୟ ପାନୀୟ ଜଳ ବ୍ୟବସ୍ଥା ତଥା ବୃକ୍ଷମାନଙ୍କୁ ଜଳସିଞ୍ଚନ କରାଯାଇଥିଲା। ଏହି ଉପଲକ୍ଷେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ଆରମ୍ଭରେ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ତଥା ଜିଲ୍ଲା ରେଡକ୍ରସର ସଂଯୋଜିକା ମିସ ରାଇମଣି ମାରଣ୍ଡି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କଥନ କରିଥିଲେ। ପରେ ପରେ ମହାବିଦ୍ୟାଳୟର ରେଡକ୍ରସ ଅଫିସର ଡଃ ହରପ୍ରସାଦ ମହାପାତ୍ର ଯୁବ ରେଡକ୍ରସର ଜନ୍ମଦାତା ହେନେରୀ ଡୁନାଣ୍ଟଙ୍କ ଜୀବନ କାହାଣୀ ତଥା ଯୁବ ରେଡକ୍ରସର ଆଭିମୁଖ୍ୟ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ମହାବିଦ୍ୟାଳୟର ଏକାଡେମିକ ବାରସର ଡଃ ଆଲବରଟିନା ତିର୍କୀ ଯୁବ ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ମହାବିଦ୍ୟାଳୟର ଏକାଉଣ୍ଟ ବାରସର ଡଃ ଆଶୁତୋଷ ପ୍ରୟାସ ଦାଶ ସ୍ୱାମୀ ବିବେକାନନ୍ଦଙ୍କ ଜୀବନକୁ ଆଦର୍ଶ କରି କିଭଳି ନିଜକୁ ଜଣେ ମହାନ ଆଦର୍ଶ ପୁରୁଷ ଭାବରେ ଗଢିପାରିବା ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର. (ଡଃ) ପ୍ରମୋଦ ଚନ୍ଦ୍ର ସାହୁ ରେଡକ୍ରସ ମାଧ୍ୟମରେ ଆମେ କିଭଳି ସମାଜ ସେବାରେ ନିଜକୁ ସମର୍ପିତ କରିବା ତାହା ଶୁଣାଇଥିଲେ। ସଭାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହ କାଉନ୍ସିଲର ସୁପ୍ରିମ ମଣ୍ଡଳ ଯୋଗଦେଇ ଥିଲେ। ପରେ ପରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା ସ୍ୱେଚ୍ଛାସେବୀ ମାନେ ଭାଗବତପୁର ସ୍ଥିତ ଚାଇଲ୍ଡ କେୟାର ଇନ୍‌ଷ୍ଟିଚ୍ୟୁଟକୁ ଯାଇ କୁନି କୁନି ପିଲାମାନଙ୍କୁ ଉପହାର ସ୍ୱରୂପ ବସ୍ତ୍ର, କଲମ, ଖାତା ଇତ୍ୟାଦି ବାଣ୍ଟିବା ସହ ଭାବ ବିନିମୟ ମାଧ୍ୟମରେ ବିବେକାନନ୍ଦ, ମଦର ଟେରେଷା, ହେନେରୀ ଡୁନାଣ୍ଟଙ୍କ ଜୀବନୀ କଥା ଆଦି ଜାଣିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର. (ଡଃ) ସାହୁ ପିଲାମାନଙ୍କୁ ଆଫ୍ରିକୀୟ ଗଳ୍ପ ଉବୁଣ୍ଟୁ ଯାହାର ଅର୍ଥ ହେଉଛି ବଣ୍ଟନ କରିବା ଶୁଣାଇ ଥିଲେ। ପରିଶେଷରେ ମହାବିଦ୍ୟାଳୟର ଯୁବ ରେଡକ୍ରସ ଅଧିକାରୀ ଡଃ ଆଲେକ୍ସ ହେମ୍ବ୍ରମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଗୌରୀନାନୀ'ଙ୍କ ଥଣ୍ଡା ପାନୀୟଜଳ ସେବା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ଚଳିତ ୨୦୨୪ ମସିହାର ଉଣା ଅଧିକ ସମୟରେ ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ଭାବେ ପ୍ରିଣ୍ଟ ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଗୁଡିକର ଦୃଷ୍ଟି ଆକର୍ଷଣ କରିଥିବାର ସଭିଏଁ ଜାଣନ୍ତି। ଏଭଳି କଠିନ ପରିସ୍ଥିତିରେ ଏପ୍ରିଲ ମାସରୁ ଆଜିଯାଏ ଧୁ ଧୁ ଖରାବେଳ ଓ ଦିବସ ତମାମ ରଘୁନାଥପୁର ନିବାସୀ ଧର୍ମପ୍ରାଣା ବୟସ୍କା ଭଦ୍ରମହିଳା ଗୌରୀ ପାତ୍ର ଓରଫ୍ 'ଗୋରୀନାନୀ'ଙ୍କ ପଥଚାରୀଙ୍କୁ ଥଣ୍ଡା ପାନୀୟ ଜଳସେବା ସ୍ଥାନୀୟ ଜନସାଧାରଣଙ୍କ ଶ୍ରଦ୍ଧା ଓ ପ୍ରଶଂସା ସାଉଁଟି ପାରିଥିବାର ଲକ୍ଷ୍ୟ କରାଯାଇଛି। ନିଜଘର ଆଗରେ ଥିବା ବଉଳ ଗଛ ମୂଳେ ଅସ୍ଥାୟୀ ଛାଉଣୀର ଏକ ମଞ୍ଚଗଢି ତା'ଉପରେ ନୂଆ ମାଟିହାଣ୍ଡିରେ ପାନୀୟଜଳ ସଂରକ୍ଷଣ ପୂର୍ବକ ସାମ୍ନାରେ ଲମ୍ବିଥିବା ରାଜରାସ୍ତା ଉପରେ ଗାଡି, ମଟର ବାଇକ୍, ସାଇକେଲ ତଥା ପାଦରେ ଚାଲିଚାଲି ଆତଯାତ ହେଉଥିବା ତୃଷାର୍ତ୍ତ ପଥଚାରୀଙ୍କୁ ଦୈନନ୍ଦିନ ଜଳସେବା ପ୍ରଦାନ କରି ଆତ୍ମିକ ସୁଖ ଅନୁଭବ କରୁଥିବାର ସେ କହନ୍ତି।

## ମାରୱାଡି ମହିଳା ସମିତି ପକ୍ଷରୁ ରକ୍ତଦାନ ଶିବିର



ତାଳଚେର, (ସବ୍ୟୁ) : ଆଜି ତାଳଚେର ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ପକ୍ଷରୁ ସ୍ଥାନୀୟ ମାରୱାଡି ଧର୍ମଶାଳା ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିର କୁ ମହେଶ ଅଗ୍ରୱାଲ, ଗୌରୀ ଶଙ୍କର ଶର୍ମା, ବଜରଙ୍ଗ ଅଗ୍ରୱାଲ, ଅର୍ଜୁନ ଅଗ୍ରୱାଲ, ରାଜକିଶୋର ଅଗ୍ରୱାଲ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏଥରେ ମହିଳା ସମିତି ସଭାନେତ୍ରୀ ନିନା ଅଗ୍ରୱାଲ, ସମ୍ପାଦକ ନିର୍ମଳା ଅଗ୍ରୱାଲ ଓ ଅଖିଳ ଭାରତୀୟ ମାରୱାଡି ମହିଳା ସମିଳନୀ ପ୍ରାନ୍ତୀୟ ଅଂଚଳ ପ୍ରମୁଖ ଆଶା ଅଗ୍ରୱାଲ ଓ ସମିତିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ । ତାଳଚେର ସବଡ଼ିଭିଜନ ହସ୍ପିଟାଲର ଡାକ୍ତର ଓ କର୍ମକତା ମାନେ ଏଥିରେ ସହଯୋଗ କରିଥଲେ । ଏହି ରକ୍ତ ଦାନ ଶିବିର ରେ ୩୧ ଜଣ ରକ୍ତ ଦାନ କରିଥିଲେ । ଆଗାମୀ ଦିନରେ ସମିତି ତରଫରୁ ଅନେକ ଜନହିତକର କାର୍ଯ୍ୟ କରାଯିବ ବୋଲି ସମିତି ର ସଭାନେତ୍ରୀ ନିନା ଅଗ୍ରୱାଲ ପ୍ରକାଶ କରିଥିଲେ ।

## ବିଜେପିର ଜନ ସମ୍ପର୍କ ପଦଯାତ୍ରା

କଣିହାଁ, (ସବ୍ୟୁ) : ବିକଶିତ ଭାରତ ଓ ବିକଶିତ ତାଳଚେର ସଙ୍କଳ୍ପ ନେଇ କଣିହାଁ ବ୍ଲକ କମରେଇ ପଞ୍ଚାୟତରେ ବିଜେପି ପକ୍ଷରୁ ଏକ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତାଳଚେର ନିର୍ବାଚନମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ କାଳନ୍ଦି ସାମଲ ଯୋଗଦେଇ ତେଲିସିଂହା ସତସଙ୍ଗ କେନ୍ଦ୍ର ଠାରୁ ଆରମ୍ଭ କରି ଘରକୁ ଘର ବୁଲି ଜନ ସମ୍ପର୍କ ପଦଯାତ୍ରା କରିଥିଲେ । ତାଳଚେର ବାସୀଙ୍କର ସମସ୍ୟାକୁ ନେଇ ବିଧାନସଭାରେ ଲଢ଼େଇ କରିବି ବୋଲି ନିଜର ପ୍ରତିକ୍ରିୟା ରେ କାଳନ୍ଦି ସାମଲ ପ୍ରକାଶ କରିଛନ୍ତି । ମୋଦି ସରକାରଙ୍କର ଯୋଜନା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ତାଳଚେରରେ ବିକାଶ ମୂଳକ କାର୍ଯ୍ୟ ଜାରି ରହିଛି ଏବଂ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଡବଲ ଇଞ୍ଜିନ ସରକାର କରିବା ପାଇଁ ତାଳଚେରବାସୀ ବିଜେପି କୁ ଆଶୀର୍ବାଦ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଗୁଳ ଜୋନାଲ ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ, ତାଳଚେର ବିଧାନସଭାର ମିଡିଆ ସେଲ ଅଧ୍ୟକ୍ଷ ତଥା ଜିଲ୍ଲା କୃଷକ ମୋର୍ଚ୍ଚା ଉପ ସଭାପତି ଶୁଶାନ୍ତ କୁମାର ସାମଲ, ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ କଣିହାଁ ମଣ୍ଡଳର ବରିଷ୍ଠ ବିଜେପି ନେତା ଲୋକନାଥ ସାହୁ, କମରେଇ ପଞ୍ଚାୟତ ବିଜେପି ସଭାପତି କ୍ରିଷ୍ଣା ଗଡ଼ନାୟକ, ସୁବାସ ସାହୁ, ଡିଲେଶ୍ୱର ବେହେରା, ଦୁଃଖବନ୍ଧୁ ଭୂତିଆ, ଟିକନ ମହାନ୍ତି, ପ୍ରେମାନନ୍ଦ ପରିଡ଼ା, ବିଟା ସାହୁ ,ବିଶ୍ୱଜିତ ଭୁତିଆ , ନନ୍ଦ କିଶୋର ପ୍ରଧାନ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଚାର କରିଥିଲେ ।

## ମୟୂରଭଞ୍ଜ ଲୋକସଭା ଆସନ ଲାଗି ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ବାରିପଦା, (ସବ୍ୟୁ) : ଏକ କାଳୀନ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ୭ମ ପର୍ଯ୍ୟାୟ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଆଜି ନାମାଙ୍କନ ପତ୍ର ଦାଖଲ ଦ୍ୱିତୀୟ ଦିନରେ ମୟୂରଭଞ୍ଜ ଲୋକସଭା ପାଇଁ କେବଳ ଜଣେ ସ୍ୱାଧିନ ପ୍ରାର୍ଥୀ ଭାବେ କାହ୍ନୁ ଚରଣ ଟୁଡୁ ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ସେହିପରି ଯଶିପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଏସୟୁସିଆଇ ପ୍ରାର୍ଥୀ ଭାବେ ନିଳାମ୍ବର ନାଏକ, ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧିନ ପ୍ରାର୍ଥୀ ଭାବେ ସୁରେନ୍ଦ୍ରନାଥ ହାଁସଦାଃ ଓ ବଡସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧିନ ପ୍ରାର୍ଥୀ ଭାବେ ଜୟନ୍ତୀ ପାତ୍ର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ଆସନ୍ତା ୧୪ତାରିଖ ପ୍ରାର୍ଥୀ ପତ୍ର ଦାଖଲର ଶେଷଦିନ ଥିବାବେଳେ ପ୍ରାର୍ଥୀ ପତ୍ର କାଲିଠାରୁ ପ୍ରାର୍ଥୀ ପତ୍ର ସଂଖ୍ୟା ବଢିବ ବୋଲି ଜଣାଯାଇଛି ।

## ଉପଖଣ୍ଡ ରେଡକ୍ରସ ସୋସାଇଟି ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ

ତାଳଚେର, (ସବ୍ୟୁ) : ବ୍ଲକ୍ ସମ୍ମିଳନୀ କକ୍ଷରେ ଆଜି ତାଳଚେର ଉପଖଣ୍ଡ ରେଡକ୍ରସ୍ ସୋସାଇଟ୍ ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ତାଳଚେର ବିଡ଼ିଓ ଚିନ୍ମୟୀ ଚେତନା ଦାସ ଓ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ବିକାଶ ରଞ୍ଜନ ଶବର ଯୋଗ ଦେଇଥିଲେ । ପ୍ରାରମ୍ଭରେ ରେଡକ୍ରସ୍ ର ପ୍ରତିଷ୍ଠାତା ହେନେରି ଡୁନାଣ୍ଟ ଙ୍କ ପ୍ରତିଛବିରେ ମୁଖ୍ୟ ଅତିଥି ମାଲ୍ୟାର୍ପଣ କରିଥିଲେ । ରେଡକ୍ରସର ସୃଷ୍ଟି ଉଦେଶ୍ୟ ଇତ୍ୟାଦି ବିଷୟରେ ରେଡକ୍ରସ୍ ଜିଲ୍ଲା ପ୍ରତିନିଧି ବଳରାମ ପତି ଆଲୋକପାତ କରିଥିଲେ । ସେହିଭଳି ରେଡକ୍ରସ୍ ଦ୍ୱାରା ବିଭିନ୍ନ ପ୍ରକାରର ଉନ୍ନତି ମୂଳକ କର୍ଯ୍ୟ ତାଳଚେର ଉପଖଣ୍ଡରେ ଜାରି ରହିଛି ବୋଲି ସୁଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ, ଗଣମାଧମର ପ୍ରତିନିଧି, ଶିକ୍ଷାବିତ୍ ଯୋଗ ଦେଇଥିଲେ ।

## ଅନୁଗୋଳରେ ପୋଲିସ ଡିଜିଙ୍କ ସମୀକ୍ଷା : ୬୨୧୬ ଅସାମାଜିକ ବ୍ୟକ୍ତି ଗିରଫ

ଅନୁଗୋଳ, (ସବ୍ୟୁ) : ସାଧାରଣ ନିର୍ବାଚନ ପୂର୍ବରୁ ଅନୁଗୋଳ ଠାରେ ସ୍ଥିତି ସମୀକ୍ଷା କରିଛନ୍ତି ପୁଲିସ ଡିଜି ଅରୁଣ କୁମାର ଷଡ଼ଙ୍ଗୀ । ଏଠାରେ ବରିଷ୍ଠ ପୁଲିସ ଅଧିକାରୀ ମାନେ ଉତ୍ତରାଞ୍ଚଳ ଓ ଉତ୍ତର –କେନ୍ଦ୍ରାଞ୍ଚଳ ରେଞ୍ଜରେ ଥିବା ୮ଟି ଜିଲ୍ଲାର ସ୍ଥିତି ନେଇ ସବିଶେଷ ଆଲୋଚନା କରିଥିଲେ । ଆଦର୍ଶ ଆଚରଣି ଧି ଲାଗୁ ହେବାପରେ ୮ଟି ଜିଲ୍ଲାରେ ୬୨୧୬ ଜଣ ଅସାମାଜିକ ବ୍ୟକ୍ତି ଗିରଫ, ୨ କୋଟି ୬୭ ଲକ୍ଷ ଟଙ୍କା ଜବତ,୯ କୋଟି ଟଙ୍କାର ମାଦକ ଦ୍ରବ୍ୟ ଜବତ ହେଲାଣି ବୋଲି ଅନୁଗୋଳ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି । ମାଓ ପ୍ରଭାବିତ ବଲାଙ୍ଗୀର ଓ ବରଗଡକୁ ସ୍ୱତନ୍ତ୍ର ନଜର ରଖିବା ସହିତ ସାମ୍ପ୍ରଦାୟିକ ହିଂସା ରୋକିବାକୁ ପୁଲିସ ସର୍ବଦା ସଜାଗ ଅଛି ବୋଲି ଶ୍ରୀ ଷଡ଼ଙ୍ଗୀ କହିଥିଲେ । ପୁଲିସ ମହାନିର୍ଦ୍ଦେଶକଙ୍କ ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଡିଜି (ଆଇନଶୃଙ୍ଖଳା ) ସଞ୍ଜୟ କୁମାର, ଅତିରିକ୍ତ ଡିଜି (ଅପେରସନ )ଦେବଦତ୍ତ ସିଂହ, ସମ୍ବଲପୁର ରେଞ୍ଜ ଆଇଜି ହିମାଂଶୁ ଲାଲ, ତାଳଚେର ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ, ଡିଆଇଜି ବିଶାଳ ଦେବଙ୍କ ସମେତ ୮ ଟି ଜିଲ୍ଲାର ଏସପି ମାନେ ଉପସ୍ଥିତ ଥିଲେ ।

## ଭାଜପା ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ

ରମ୍ଭା, (ସବ୍ୟୁ) : ବୁଧବାର ଦିନ ମୁଖ୍ୟ ରାସ୍ତା ପାର୍ଶ୍ୱ ବଜାର ଛକ ସନିକଟରେ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରମ୍ଭା ସହରାଞ୍ଚଳରେ ଅଧ୍ୟକ୍ଷା ଶ୍ରୀମତୀ ମାନସୀ ସ୍ୱାଇଁ କାର୍ଯ୍ୟାଳୟ ଉଦଘାଟିତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଭା ଜା ପା ସୀମାଞ୍ଚଳ ବାଡ଼ତୀୟଛ (ନଗର ସଭାପତି ), କାହ୍ନା ସ୍ୱାଇଁ (ଅଧ୍ୟକ୍ଷା ପ୍ରତିନିଧି ), ମୁନା ସ୍ୱାଇଁ, ସରୋଜିନୀ ସେନାପତି ଡଲି ବେହେରା, ଜୟନ୍ତୀ ଗୌଡ଼, କୁମାରୀ ଜାନି, ବନ୍ଦନା ଗୌଡ଼, ମଞ୍ଜୁଳା ସେଠୀ, ଅଭିନାଥ ବେହେରା, ସୁବାସ ବେହେରା,, ଭଗବାନ ଗୌଡ଼, ଦିଲ୍ଲୀପ ତରେଇ, ଦିବାକର ତରେଇ, ସୁଦର୍ଶନ ସେନାପତି, ମନୋଜ ଗୌଡ଼, ନାଗେଶ୍ୱର ବେହେରା, ବୁଟୁ ଗୌଡ଼, ରବୀନ୍ଦ୍ର ସ୍ୱାଇଁ, କାଳିଆ ମଙ୍ଗଳା, ବୁଲୁ ସେଠୀ, କାମେଶ୍ୱର ବେହେରା, ମଦନ ସ୍ୱାଇଁ, ପିଙ୍କୁ ଗୌଡ଼, ମାଧବ ଗୌଡ଼, ବୁଟୁ ବିଶ୍ୱାଳ, କାଳିଆ ପ୍ରଧାନ, ରଞ୍ଜନ ପ୍ରଧାନ, ଗୌତମ ପଲେଇ, ଆଶିଷ ସାହୁ, ଦୁଃଖୀ ପରିଡା, ସନ୍ତୋଷ ତରେଇ, ସୁଦର୍ଶନ ତରେଇ,ଦିଲ୍ଲୀପ ନାୟକ, ଘନଶ୍ୟାମ ବେହେରା, କାଳିଆ ପତି ପ୍ରମୁଖ ପ୍ରାୟ ଶତାଧିକ ବି ଜେ ପି ର ଦଳୀୟ କର୍ମୀ ଯୋଗ ଦେଇଥିଲେଛ ଏହି ଅବସରରେ ସାଂସଦ ପ୍ରାର୍ଥୀ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ , ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଆହ୍ୱାନ ଦିଆଯାଇଥିଲା।

## କାଳବୈଶାଖୀ ପ୍ରଭାବରେ ମହିଳା ଗୁରୁତର

ସାଲେପୁର,(ସବ୍ୟୁ) : କାଳବୈଶାଖୀ ତାଣ୍ଡବରେ ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି । ଅପରାହ୍ନ ୫ଟାରେ ପ୍ରବଳ ବେଗରେ ପବନ ସାଙ୍ଗକୁ ଘଡଘଡି ସହ ବର୍ଷା ମାଡି ଆସିଥିଲା । ଅରବିନ୍ଦ ରୋଡ଼ରେ ଭଡାରେ ଥିବା ମାରଡ଼ା ଗ୍ରାମର ମନୀନ୍ଦ୍ର ସାହୁଙ୍କ ପତ୍ନୀ ମମତା ସାହୁଙ୍କ ଉପରେ ଏକ ନଡ଼ିଆ ଗଛ ପଡି ଯାଇଥିଲା । ଏହା ଦେଖି ପରିବାର ଲୋକେ ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ ।

## ବ୍ରହ୍ମପୁର ସହରର ବିକାଶ ଉପରେ ଗୁରୁତ୍ୱ ଦେବି : ଶିବଶଙ୍କର

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହର ବିକାଶ ବହୁ ପଛରେ ପଡ଼ିଯାଇଛି। ସହରରେ ସମସ୍ତ ଅଞ୍ଚଳ କୁ ପାନୀୟଜଳ ଯୋଗାଣ ହୋଇ ପାରିନାହିଁ। ରାସ୍ତା ଘାଟ ଅବସ୍ଥା ବିପର୍ଯ୍ୟସ୍ତ,ଘର ନଥିବା ରୁ ବସ୍ତି ବାସିନ୍ଦା ହାହାକାର, ଗ୍ରାମ କଣ୍ଟକ ପଟା ମିଳି ନାହିଁ ଯାହା ଫଳରେ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତିଛ ବ୍ରହ୍ମପୁର ବିଧାନସଭା ଆସନର ବିଧାୟକ ମାନେ ଜନସାଧାରଣଙ୍କୁ ସୁବିଧା ଯୋଗାଇଦେବାରେ ବିଫଳ ହେଇଛନ୍ତି ବୋଲି ସ୍ଥାନୀୟ ଗୋସାଇଁ ନୂଆଗାଁ ସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ବିଧାନସଭା ଆସନ ନିମନ୍ତେ ସ୍ୱାଧିନ ପ୍ରାର୍ଥୀ ତଥା ପୂର୍ବତନ ମେୟର ଶିଶଙ୍କର ଦାଶ ସୂଚନା ଦେଇଛନ୍ତି।ବ୍ରହ୍ମପୁରର ପ୍ରଥମ ମେୟର ଏବଂ ବ୍ରହ୍ମପୁର ବିଧାନସଭା କ୍ଷେତ୍ରର ସ୍ୱାଧିନ ବିଧାୟକ ପ୍ରାର୍ଥୀ ଶିଶଙ୍କର ଦାଶ(ପିଣ୍ଟୁଦାଶ)ଙ୍କ ଚଳିତ ନିର୍ବାଚନରେ ସହର ସହି ଗଳିକନ୍ଦି ଠାରୁ ଆରମ୍ଭ କରି ସମସ୍ତ ବସ୍ତି ବାସିନ୍ଦା ସହିତ ଆଲୋଚନା କରି ଭୋଟ ଭିକ୍ଷା କରି ଛନ୍ତି। ସେବା ନିମନ୍ତେ ଜୋରଦାର ନିର୍ବାଚନୀ ପ୍ରଚାର ବିରୋଧୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛନ୍ତି। ବ୍ରହ୍ମପୁରରେ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଓ ତାର ସମାଧାନ ପନ୍ଥା'କୁ ସିଧାସଳଖ ଟାର୍ଗେଟ କରୁଥିବା ଅଭିଜ୍ଞ ରାଜନେତା ଶିଶଙ୍କର ଦାଶ ।ସହରରେ ବିଭିନ୍ନ ସାହି ଓ ଗଳିରେ ତାଙ୍କ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହିଥିବା ବେଳେ ଶ୍ରୀଯୁକ୍ତ ଦାଶଙ୍କ ଧର୍ମପତ୍ନୀ ଶ୍ରୀମତୀ ଆଶା ଦାଶ ମଧ୍ୟ ନିଜ ସାଥିରେ ମହିଳା ସଙ୍ଗଠନକୁ ସାଙ୍ଗରେ ନେଇ ମାରାଥନ ପ୍ରଚାର ଜାରି ରଖିଛନ୍ତି। ବ୍ରହ୍ମପୁରର ବିଭିନ୍ନ ପ୍ରମୁଖ ସ୍ଥାନରେ ମାଠିଆ ଚିହ୍ନର ଜୋରଦାର ନିର୍ବାଚନୀ ପ୍ରଚାର ଦେଖିବାକୁ ମିଳିଛି। ଦମଦାର ପ୍ରଚାର ଏବଂ ପ୍ରାର୍ଥୀଙ୍କ ଦକ୍ଷତା ଯୋଗୁଁ ସହରବାସୀ ଙ୍କ ଅଧିକ ବିଶ୍ୱାସଭାଜନ ହୋଇ ପାରୁଛନ୍ତି ସ୍ୱାଧୀନ ପ୍ରାର୍ଥୀ ଶିଶଙ୍କର।ସେ କହିଛନ୍ତି ଯେ ଗତ ୧୦ ବର୍ଷ ଧରି ପ୍ରେମ ନଗର ରାସ୍ତା ନିର୍ମାଣ କାର୍ଯ୍ୟ ହୋଇ ପାରିନାହିଁ।

# ଚାଷୀ ସୁରକ୍ଷା କମିଟିର ଅର୍ଥନୈତିକ ଅବରୋଧ, ଆନ୍ଦୋଳନ ନିଷ୍ପତ୍ତି



ଅନୁଗୁଳ, (ସବ୍ୟୁ) : ଅନୁଗୁଳ ଜିଲ୍ଲାର ୯୨ଖଣ୍ଡ ଗ୍ରାମର ଚକବନ୍ଦୀ ଉଚ୍ଛେଦ ଦାବିରେ ଦୀର୍ଘ ୩ବର୍ଷ ଧରି ଜାରି ରହିଥିବା ବିଭିନ୍ନ ପର୍ଯ୍ୟାୟରେ କ୍ରମାଗତ ଆନ୍ଦୋଳନ ଫଳରେ ଅଦ୍ୟାବଧି ଚକବନ୍ଦୀ ଉଚ୍ଛେଦ ସମ୍ପର୍କରେ ସରକାର କୌଣସି ପଦକ୍ଷେପ ନନେବା ଫଳରେ ଅନୁଗୁଳ ଜିଲ୍ଲା ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି । ଏ ସମ୍ପର୍କରେ ଚାଷୀ ସୁରକ୍ଷା କମିଟି ସଭାପତି ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଚାଷୀମାନଙ୍କ ଅସଂୋଷ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସୂଚନା ଯୋଗ୍ୟଯେ, ଚକବନ୍ଦୀ ଉଚ୍ଛେଦ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଗଣଆନ୍ଦୋଳନ କରାଯାଇ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଆସୁଅଛି । ବିଶେଷକରି ଗତ ତା୨୭.୧୧.୨୦୨୧ ଓ ତା ୧୭.୦୧.୨୦୨୩ ରେ ଦୁଇ ଦୁଇଟି ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ତା୧୫.୧୧.୨୦୨୩ ଠାରୁ ଦୀର୍ଘ ୬୬ଦିନ ୯୨ଖଣ୍ଡ ଗ୍ରାମର ଚାଷୀମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏ ସମ୍ପର୍କରେ ରାଜ୍ୟ ରାଜସ୍ୱ ବିଭାଗ ପ୍ରମୁଖ ସଚିବଙ୍କ ସହିତ ଚାଷୀ ସୁରକ୍ଷାକମିଟିର ଆଲୋଚନା ପରେ ଗଣଧାରଣା କାର୍ଯ୍ୟକ୍ରମକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ରାଜସ୍ୱ ସଚିବଙ୍କ ସହିତ ଆଲୋଚନା ପରେ ଇତି ମଧ୍ୟରେ ୪ମାସ ବିତି ଯାଇଥିଲେ ସୁଦ୍ଧା ଅଦ୍ୟାବଧି ଅନୁଗୁଳ ଜିଲ୍ଲାର ଚାଷୀମାନେ କୌଣସି ସୁଫଳ ନପାଇବାରୁ ଆନ୍ଦୋଳନକୁ ତୀବ୍ରତର କରାଯାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନୁଗୁଳ ଜିଲ୍ଲାରେ ଅର୍ଥନୈତିକ ଅବରୋଧ କରାଯିବାକୁ ଓ ଏଥିପାଇଁ ୯୨ଖଣ୍ଡ ମୌଜାର ଚାଷୀମାନେ ଆନ୍ଦୋଳନ କାର୍ଯ୍ୟକ୍ରମକୁ ସଫଳ କରାଯିବା ପାଇଁ ସଚେତନ ସୃଷ୍ଟି ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଉକ୍ତ ବୈଠକରେ ଚାଷୀ ସୁରକ୍ଷା କମିଟିର ଉପଦେଷ୍ଟା ଅଚ୍ୟୁତାନନ୍ଦ ମିଶ୍ର, ସମ୍ପାଦକ ହେମନ୍ତ କୁମାର ଦାସ, ଉପସଭାପତି ଅନନ୍ତ ଚରଣ ସାହୁ, ଦୁର୍ଯ୍ୟୋଧନ କର, ସାର୍ଥକ ଦେହୁରୀ, କାଳିଚରଣ ପ୍ରଧାନ, ତ୍ରୈଲୋକ୍ୟ ସାହୁ, ରବିନ୍ଦ୍ର କୁମାର ଧର, ମଳୟ ଦେହୁରୀ, ଅନିରୁଦ୍ଧ ଦେହୁରୀ, ଚନ୍ଦ୍ରଶେଖର ପାଣିଗ୍ରାହୀ, କେଶବ ପ୍ରଧାନ, ସତ୍ୟାନନ୍ଦ ସାହୁ, ରବିନ୍ଦ୍ର ସାହୁ, ବସନ୍ତ ଗଡନାୟକ, ବିନୋଦ ବିଶ୍ୱାଳ, ହର୍ଷବର୍ଦ୍ଧନ ସାହୁ, ଅନ୍ତର୍ଯ୍ୟାମୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ଅନୁଗୋଳ, (ସବ୍ୟୁ) : ଅନୁଗୋଳ ନିର୍ବାଚନ ମଣ୍ଡଳୀର ବଅଁରପାଳ ବ୍ଲକ ଅନ୍ତର୍ଗତ ଗଡସନ୍ତ୍ରୀ ପଞ୍ଚାୟତ, ବଉଳିଗଡ଼ ଗ୍ରାମ ପଞ୍ଚାୟତ, ତୁଳସୀପାଳ ଗ୍ରାମ ପଞ୍ଚାୟତ ଠାରେ ବିଜୁ ଜନତା ଦଳର ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛିଛ ଏହି ସମ୍ମିଳନୀ ରେ ଢେଙ୍କାନାଳ ଲୋକସଭା କ୍ଷେତ୍ର ବିଜେଡି ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡ଼ି ବିଧାୟିକା ପ୍ରାର୍ଥୀନୀ ଶ୍ରୀମତୀ ସଂଯୁକ୍ତା ସିଂହ, ଅନୁଗୋଳ ବିଧାୟକ ଶ୍ରୀଯୁକ୍ତ ରଜନୀକାନ୍ତ ସିଂହ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ଶ୍ରୀ ବିଜୟ କୁମାର ନାଥ , ବିଜୁ ଜନତା ଦଳ ରାଜ୍ୟ ସଂପାଦକ ଶ୍ରୀ ବିପ୍ଳବ ଜେନା, ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଶ୍ରୀ ଚିନ୍ମୟ ସାହୁ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ର ସହ ପର୍ଯ୍ୟବେକ୍ଷକ ଶ୍ରୀ ଅରୂପ ଶ୍ରୀଚନ୍ଦନ, ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳ ଉପ ସଭାପତି ବାଉରୀ ବନ୍ଧୁ ସାହୁ, ୨୭ନଂ ଯୋନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଗୋପାଳ ଚନ୍ଦ୍ର ନାଏକ, ତିନୋଟି ପଞ୍ଚାୟତର ବିଜୁ ଜନତା ଦଳ ସଭାପତି ଓ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ସଙ୍ଗଠନ ଓ ଆଗାମୀ ନିର୍ବାଚନ ରଣନୀତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

# ଜଙ୍ଗଲ ରାସ୍ତାରେ ରୋଗୀଙ୍କୁ ୪ କିମି ବୋହିଆଣିଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



ଭବାନୀପାଟଣା, (ସବ୍ୟୁ) : ଜଣେ ଗୁରୁତର ରୋଗୀଙ୍କୁ ଷ୍ଟ୍ରେଚରରେ ବୋହିଆଣି ମାନବିକତା ଦେଖାଇଛନ୍ତି ୧୦୮ ଆମ୍ବୁଲାନ୍ସର କର୍ମଚାରୀ । ଘଟଣାନୁଯାୟୀ କଳାହାଣ୍ଡୀ ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ତାଳଝପି ପଂଚାୟତ ଅନ୍ତର୍ଗତ ଉପରଝପି ଗ୍ରାମର ସିନାଦେଇ ମାଝୀ (୬୦)ନାମକ ଜଣେ ମହିଳା ଜଙ୍ଗଲରେ କାମ କରୁଥିବା ସମୟରେ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଏଥିପାଇଁ ତାଙ୍କ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ । ଖବର ପାଇବା ପରେ ଗୁଣୁପୁର ଏସଡିଏଚରୁ ତୁରନ୍ତ ଏକ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳ ଅଭିମୁଖେ ବାହାରି ଯାଇଥିଲା । ମାତ୍ର ରୋଗୀଜଣଙ୍କ ଜଙ୍ଗଲ ମଧ୍ୟରେ ଥିବାରୁ ତାଙ୍କ ନୀକଟକୁ ଆମ୍ବୁଲାନ୍ସ ସହ ଯିବା ସମ୍ଭବପର ନଥିଲା । ତେଣୁ ଉକ୍ତ ୧୦୮ ଆମ୍ବୁଲାନ୍ସର ଇଏମଟି ଦିଗର୍ସେନ ପୂଝାରୀ, ଡ୍ରାଇଭର ଅରୁଣା ଦୁରିଆ ଏବଂ ସହାୟକ ବିଜୟ କୁମାର ନାୟକ ଷ୍ଟ୍ରେଚର ଧରି ଚାଲି ଚାଲି ଯାଇ ରୋଗୀଙ୍କ ନିକଟରେ ପହଂଚିଥିଲେ ଏବଂ ସେଠାରୁ ଗ୍ରାମବାସୀଙ୍କ ସହାୟତାରେ ରୋଗୀଙ୍କୁ ଜଙ୍ଗଲ ରାସ୍ତା ଦେଇ ପ୍ରାୟ ୪ କିମି ପର୍ଯ୍ୟନ୍ତ ବୋହିଆଣି ଆମ୍ବୁଲାନ୍ସ ପାଖରେ ପହଂଚାଇଲେ । ଏହାପରେ ସେଠାରୁ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଅଣାଯାଇ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ବିପତି ସମୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ମାନବିକତା ପାଇଁ ତାଙ୍କୁ ଖୁବ ପ୍ରଶଂସା କରାଯାଉଛି ।

# ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାରକୁ ପ୍ରାଥମିକତା : ସମରେନ୍ଦ୍ର

ବଲାଙ୍ଗିର, (ସବ୍ୟୁ) : ବଲାଙ୍ଗୀର ସହର ଓ ଏହାର ଆଖପାଖ ଅଞ୍ଚଳ ଧୀରେ ଧିରେ ଯୁବକ ଶୂନ୍ୟ ହେଇଯାଉଛି । ଅନେକ ପିଲା ଶିକ୍ଷା ପାଇଁ ବାହାର ରାଜ୍ୟ ଯାଉଛନ୍ତି ତ ଅନ୍ୟାକ ରୋଜଗାର ନ ରାଜ୍ୟ ବାହାରକୁ ଯାଉଛନ୍ତି । ଏସବୁ ମୂଳରେ ଭୁଶୁଡି ଯାଇ ଥିବା ସରକାରୀ ଶିକ୍ଷା ବ୍ୟବସ୍ଥା ଓ ଆମ ଜିଲ୍ଲାରେ ସରକାରଙ୍କ ଶିଳ୍ପ ପ୍ରତିଷ୍ଠାରେ ଉଦାସୀନତା ଦାୟୀ । ଆହୁରି ମଧ ଚିକିତ୍ସା କ୍ଷେତ୍ର ରେ ଡାକ୍ତର ତଥା ଅନ୍ୟାନ୍ୟ ଅସୁବିଧା ଯୋଗୁଁ ଲୋକେ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଖର୍ଚ୍ଚ ତୁଲେଇ ନପାରି ଘୋର ଅସୁବିଧା ଭୋଗୁଛନ୍ତି । ତେଣୁ ଏସବୁ ସଙ୍କଟରୁ ଆମ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଆଗାମୀ ଦିନରେ ଲୋକେ ଯେପରି ଉତ୍ତମ ଶିକ୍ଷା, ଚିକିତ୍ସା କ୍ଷେତ୍ରରେ ଓ ଯୁବକଙ୍କୁ ରୋଜଗାର ପ୍ରଦାନ କରିବା କାର୍ଯ୍ୟ ଆମ ପ୍ରାଥମିକତାରେ ରହିବ ବୋଲି ଆଜି ଦେଓଗାଁ ବ୍ଲକ ର ଉଡାର, ଜରଝସିଂହା ଓ ସାଲେପାଲି ପଂଚାୟତରେ ଅନୁଷ୍ଠିତ ଜନ ଆଶୀର୍ବାଦ ସଭା କଂଗ୍ରେସ ଦଳ ର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । କଂଗ୍ରେସ ନେତା. କଝନ୍ତେସ୍ୱର ପଧାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ସମରେନ୍ଦ୍ର ଏହା ମଧ କହିଛନ୍ତି ଯେ ଏଠାକାର ରାଜ ପରିବାର ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବିଧାୟକ, ସାଂସଦ ସହ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ କିନ୍ତୁ ବଲାଙ୍ଗୀର ପାଇଁ କୌଣସି ବୃହତ୍ତ ପ୍ରକଳ୍ପ ନ ଆଣି ସେମାନେ କେବଳ ବିଧାୟକ ଓ ସାଂସଦ ପାଣ୍ଠିରେ ବଲାଙ୍ଗୀରର ବିକାଶକୁ ସିମିତ ରଖିଦେବା ବହୁତ ହାସ୍ୟାସ୍ପଦ ଅଟେ । ଏଣୁ ଆଜିର ଏହି ଜନ ଆଶୀର୍ବାଦ ସଭାରେ ଜନସାଧାରଣଙ୍କୁ ମୁଁ ଅନୁରୋଧ କରିବା ପାଇଁ ଚାହିଁବି ଏପରି ନେତାଙ୍କୁ ଆପଣମାନେ ଆଗାମୀ ନିର୍ବାଚନରେ ବରଖାସ୍ତ କରନ୍ତୁ କାରଣ ଏମାନଙ୍କ ହାତରେ ଅଂଚଳର ବିକାଶ କେବେ ବି ସମ୍ଭବ ନୁହେଁ ବୋଲି ସମରେନ୍ଦ୍ର କହିଛନ୍ତି ।



କାଲି ସଦର ବ୍ଲକ ଅନ୍ତର୍ଗତ ବଡପଦର ଗାଁ , ଖୁଜେନପାଲି ଓ ମାଧିଆପାଲି ପଂଚାୟତ ରେ ଅନୁଷ୍ଠିତ ନିର୍ବାଚନୀ ସଭାରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତ । ଜନ ଆଶୀର୍ବାଦ ସଭାରେ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ୨ଟି ଭୋଟ ହାତ ଚିହ୍ନରେ ଦେବାକୁ ନିବେଦନ କରିଥିଲେ । ତା' ସହ ଏହା ମଧ କହିଥିଲେ ନିର୍ବାଚନରେ ଠିକ୍ ଲୋକ ନିର୍ବାଚିତ ହେଲେ ଅଞ୍ଚଳର ବିକାଶ ପ୍ରକ୍ରିୟା ନିରନ୍ତର ଜାରି ରହିବ । ଭୁଲ ଲୋକଙ୍କ ହାତରେ କ୍ଷମତା ରହିଲେ ବଲାଙ୍ଗିର ପୁଣି ୨୪ ବର୍ଷ ତଳକୁ ଫେରିଯିବ ବୋଲି କହିବା ସହ କଂଗ୍ରେସ ସରକାରକୁ ଆସିଲେ ଧାନ କ୍ୱିଣ୍ଟାଲ ୩ ହଜାର ଟଙ୍କା, ମାସିକ ୨୦୦ ୟୁନିଟ ବିଜୁଳି ମାଗଣା, ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ମହିଳାଙ୍କୁ ମାସିକ ଭତ୍ତା ୨ହଜାର ଟଙ୍କା, ଦଳିତ ମହିଳାଙ୍କୁ ୩ ହଜାର ଟଙ୍କା, ଗ୍ୟାସ ସିଲିଣ୍ଡର ଦାମ ୫୦୦ ଟଙ୍କା, ସାମାଜିକ ସୁରକ୍ଷା ଅନ୍ତର୍ଗତ ମାସିକ ଭତ୍ତା ୨ହଜାର ଟଙ୍କା କୁ ବୃଦ୍ଧି, ବେକାରୀ ଭତ୍ତା ୩ହଜାର ଟଙ୍କା, ୫ଲକ୍ଷ ଯୁବକ ଯୁବତିଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା କରାଯିବ ବୋଲି ବିଧାୟକ ଶ୍ରୀ ମିଶ୍ର କଂଗ୍ରେସ ଦଳ ତରଫରୁ ଗ୍ୟାରେଣ୍ଟି ଦେଇଥିଲେ ଛ ଆଜି ର ଏହି ନିର୍ବାଚନି ସଭାମାନଙ୍କ ରେ ଅନ୍ୟ ମାନଙ୍କ ମଧ ରେ କଂଗ୍ରେସ ନେତା ଜନ୍ମେଜୟ ସାହୁ,କାଙ୍ଗାଳି ସାହୁ ଅଚ୍ୟୁତ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ ।

# ବିବାଦୀୟ ବିଦ୍ୟୁତ୍ ବିଲ ସମାଧାନ ନିମନ୍ତେ ଟିପିଡବ୍ଲୁଓଡିଏଲର୍ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ

ବୁର୍ଲା, (ସବ୍ୟୁ) :ପଶ୍ଚିମ ଓଡ଼ିଶାର ଅଗ୍ରଣୀ ବିଦ୍ୟୁ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ବିଦ୍ୟୁ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁ ବିଲର ସଂଶୋଧନ ଲାଗି ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେଓଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଳିତ ମେ' ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରୁଅଛି ।ଏଣୁ ଏହି ତିନି ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ନିମ୍ନଲିଖିତ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ।ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ନିମ୍ନଲିଖିତ ତାରିଖ ଅନୁଯାଇ ସମ୍ବଲପୁର, ଝରସୁଗୁଡ଼ା ଏବଂ ଦେଓଗଡ଼ ଜିଲ୍ଲା ସ୍ଥିତ ଟିପିଡବ୍ଲୁଡିଏଲର ବିଭିନ୍ନ ସବ୍ ଡିଭିଜନ୍ ଅଫିସ୍ ଏବଂ ଡିଭିଜନ ଅଫିସ୍ ମାନଙ୍କରେ ଅନୁଷ୍ଠିତ ହେବ। ସମ୍ବଲପୁର ଜିଲ୍ଲାରେ ଆସନ୍ତା ମେ' ୦୯ ତାରିଖ ଦିନ ସାକ୍ଷୀପଡ଼ ସ୍ଥିତ ଡିଭିଜନ୍ ଅଫିସ୍ ଏବଂ ଧନୁପାଲି ସ୍ଥିତ ସବ୍-ଡିଭିଜନ୍ ଅଫିସ୍ ଠାରେ, ମେ ୧୦ ତାରିଖ ଦିନ ରେଙ୍ଗାଲି ସ୍ଥିତ ସବ୍-ଡିଭିଜନ୍ ଅଫିସ୍ ଏବଂ ଶାସନ ସ୍ଥିତ ସେକ୍ସନ ଅଫିସ୍, ମେ ୧୩ ତାରିଖ ଦିନ ନାକଟିଦେଉଳ ସ୍ଥିତ ସେକ୍ସନ ଅଫିସ୍ ଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ସେହିପରି ଝାରସୁଗୁଡ଼ା ଜିଲ୍ଲାର କୁଚିଣ୍ଡା ସ୍ଥିତ ସବ୍-ଡିଭିଜନ୍ ଅଫିସ୍ ଠାରେ ଆସନ୍ତା ମେ ୧୭ ତାରିଖ ଦିନ, ଲାଇକେରା ଓ ରଘୁନାଥପାଲି ସେକ୍ସନ ଅଫିସ୍ ଠାରେ ମେ ୧୮ ତାରିଖ ଦିନ, ବ୍ରଜରାଜନଗର ସ୍ଥିତ ଡିଭିଜନ ଅଫିସ୍ ଠାରେ ମେ ୨୦ ତାରିଖ ଦିନ, ଗୁମଡେରା ସ୍ଥିତ ସେକ୍ସନ ଅଫିସ୍ ଏବଂ ବେଲପାହାର ସ୍ଥିତ ସବ୍ ଡିଭିଜନ୍ ଅଫିସ୍ ଠାରେ ଆସନ୍ତା ମେ ୨୨ ତାରିଖ ଦିନ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି।ସେହିପରି ଦେଓଗଡ଼ ଜିଲ୍ଲାର ବିଦ୍ୟୁ ଉପଭୋକ୍ତାମାନେ ଆସନ୍ତା ମେ ୨୭ ଦିନ ତେଲେଇବଣି ସ୍ଥିତ ସେକ୍ସନ ଅଫିସ୍, ଆସନ୍ତା ମେ ୨୮ ତାରିଖ ଦିନ ଦେଓଗଡ଼ ଟାଉନ୍ ସ୍ଥିତ ଡିଭିଜନ୍ ଅଫିସ୍ ଠାରେ ଆୟୋଜିତ ହେଉଥିବା ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠରେ ଉପସ୍ଥିତ ରହି ବାକିଥିବା ବିବାଦୀୟ ବିଦ୍ୟୁ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ।

# ବିନାଶ ଆଡ଼କୁ ଯାଉଛି ସମ୍ବଲପୁର ସ୍ୱାସ୍ଥ୍ୟସେବା : ବିଜେପି

ସମ୍ବଲପୁର, (ସବ୍ୟୁ) : ରାଜ୍ୟ ସରକାରଙ୍କ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବାର ପ୍ରକୃତ ବିକାଶ ବିଜ୍ଞାପନ ଓ ସଭା ସମିତିରେ ସୀମିତ ରହିଛି । ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟସେବା ତୃଣମୂଳର ବ୍ୟବସ୍ଥା ବିଜ୍ଞାପନର ଠିକ ଓଲଟା । ସମ୍ବଲପୁର ଜିଲ୍ଲାକୁ ଦେଖିଲେ ରାଜ୍ୟର ସ୍ଥିତି ସ୍ପଷ୍ଟ ବାରି ହୋଇ ପଡୁଛି । ବୁଧବାର ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେପି ନେତା ଡ଼.ପ୍ରମୋଦ ରଥ ଏହା କହିଛନ୍ତି । ସେ ଆହୁରି କହିଥିଲେ ଯେ, ସରକାରୀ ତଥ୍ୟକୁ ଦେଖିଲେ ସମ୍ବଲପୁର ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା ବିକାଶ ପରିବର୍ତ୍ତେ ବିନାଶ ଆଡକୁ ଯାଉଛି । ଜିଲ୍ଲାରେ ୪୦.୭% ଶିଶୁଙ୍କ ଉଚ୍ଚତା ଓ ୨୫.୫% ଶିଶୁଙ୍କ ଓଜନ ବୟସ ତୁଳନାରେ କମ । ଉଚ୍ଚତା ଅନୁସାରେ ଅତ୍ୟନ୍ତ କମ ଓଜନର ଶିଶୁଙ୍କ ହାର ୭.୬% ଓ ଜନ୍ମ ବେଳେ କମ ଓଜନ ଶିଶୁଙ୍କ ସଂଖ୍ୟା ୩୬.୩% ରହିଛି । ୬୪.୫% ଶିଶୁ ଓ ୬୬.୭% ମହିଳା ରକ୍ତହୀନତାର ଶିକାର ଅଛନ୍ତି । ଜିଲ୍ଲାରେ ୫୪.୨୪% ସ୍ୱୀକୃତି ଡାକ୍ତର ପଦବୀ ଖାଲିପଡିଛି । ମୋଟ ୩୧୦ ଡାକ୍ତର ପଦବୀରୁ ୧୬୯ ଟି ଡାକ୍ତର ପଦବୀ ଖାଲି ପଡିଛି । ଜିଲ୍ଲାରେ ୫୨% ନର୍ସ ପଦବୀ ଖାଲି ପଡିଛି ଅର୍ଥାତ ୫୬୫ ସ୍ୱୀକୃତି ନର୍ସ ପଦବୀରୁ ୨୯୪ଟି ପଦବୀ ଖାଲି ପଡିଛି । ବୁର୍ଲା ମେଡିକାଲ କଲେଜରେ ୫୫% ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର, ସିନିଅର ରେସିଡେଣ୍ଟ ଆଦି ପଦବୀ ଖାଲି ପଡିଛି । ମୋଟ ସ୍ୱୀକୃତି ୫୧୩ ପଦବୀରୁ ୨୮୦ଟି ପଦବୀ ଖାଲି ପଡିଛି । ଅଣଶିକ୍ଷକ ପଦବୀରେ ବୁର୍ଲା ମେଡିକାଲ କଲେଜରେ ୩୩% ପଦବୀ ଖାଲିପଡିଛି । ମୋଟ ୧୭୫୪ ସ୍ୱୀକୃତି ପଦବୀ ମଧ୍ୟରୁ ୫୮୨ ପଦବୀ ଖାଲି ରହିଛି । ଭୀମସାରକୁ ସ୍ୱୟଂଶାସିତ ଘୋଷଣାର ୨୫ ବର୍ଷ ବିତି ଯାଇଥିଲେ ମଧ ଆଜି ଯାଏଁ ଆର୍ଥିକ ଓ ପ୍ରଶାସନିକ କ୍ଷମତା ଦିଆଯାଇନାହିଁ । ଏଥିରୁ ରାଜ୍ୟ ସରକାରଙ୍କ ପଶ୍ଚିମାଞ୍ଚଳ ପ୍ରତି ରହିଥିବା ବୈମାତୃକ ମନୋଭାବକୁ ପ୍ରମାଣିତ କରୁଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।




# ପୃଥ୍ୱୀରାଜ ହାଇସ୍କୁଲରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ

ବଲାଙ୍ଗିର, (ସବ୍ୟୁ) : ସ୍ଥାନୀୟ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠିଙ୍କ ସଭାପତିତ୍ୱରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ଜୁନିୟର ରେଡକ୍ରସ ଚେୟାରମେନ ଧୃବ ଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେଡକ୍ରସ ପତାକା ଉତ୍ତୋଳନ କରି ଦିବସର ଶୁଭାରମ୍ଭ କରିଥିଲେ । ପରେ ପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀ ବେହେରା ରେଡକ୍ରସର ଆଭିମୁଖ୍ୟ ଏବଂ ସେବାର ମହନିୟତା ସମ୍ପର୍କରେ ଜଣାଇଥିଲେ । ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିୟର ରେଡକ୍ରସ ଭାଇସ ଚେୟାରମ୍ୟାନ କେଶବ ମେହେର ଉପସ୍ଥିତ ରହି ସେବା ସ୍ୱାସ୍ଥ୍ୟ ଏବଂ ବିଶ୍ୱ ବନ୍ଧୁତା ସମ୍ପର୍କରେ ମତ ରଖିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ଜୁନିୟର ରେଡକ୍ରସ ସଂପାଦକ ପ୍ରଦୀପ କୁମାର ପାତ୍ର ରେଡକ୍ରସ ଭଳି ମାନବୀୟ ସେବା ସଂସ୍ଥାରେ ଅନ୍ୟମାନଙ୍କୁ ଯୋଗ ଦେଇବା ପାଇଁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ସଭାରେ ଯୋଗଦାନ କରି ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ବିକାଶ ରଂଜନ ସାହୁ ବିଶ୍ୱ ରେଡକ୍ରସ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ହେନେରି ଡୁନାଣ୍ଟ ଙ୍କର ଜିବନୀ ସଂପର୍କରେ ଆଲୋକପାତ କରିଥିଲେ । ଏହି ସଭାରେ ସ୍କାଉଟ ଡିଓସି ବିନୋଦ ମହାପାତ୍ର ଏବଂ ଗାଇଡ ଡିଓସି ଜୟଶ୍ରୀ ସେଠି ମଞ୍ଚାସୀନ ଥିଲେ । ସଭାରେ ସ୍ୱାଗତ ଅଭିଭାଷଣ ଏବଂ ସଭା ପରିଚାଳନା କରିଥିଲେ ସାଧନକର୍ମୀ ରବିନ୍ଦ୍ର ଠେଟୁଆଲ । ସଭା ଶେଷରେ ସାଧନକର୍ମୀ ଘନଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ଜନସାଧାରଣମାନଙ୍କ ପାଇଁ ଦହିପାଣି ବଣ୍ଟନ କରାଯାଇଥିଲା । ଏଥିରେ ସହସ୍ରାଧିକ ଲୋକ ଥଣ୍ଡା ଦହିପାଣି ସେବନ କରି ଆଶ୍ୱସ୍ଥି ଅନୁଭବ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଜୁନିୟର ରେଡକ୍ରସ ସାଧନ କର୍ମୀ, ବ୍ଲକ ସଂଗଠକ, ପରାମର୍ଶ ଦାତା, ସ୍କାଉଟ ଏବଂ ଗାଇଡର ସକ୍ରିୟ ସଭ୍ୟ, କ୍ରିଡା ବ୍ଲକ ସଂପାଦକ ତଥା ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ଯୋଗ ଦେଇ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

# ଟିଟିଲାଗଡ ବ୍ଲକରେ ଟୁକୁନି ସାହୁଙ୍କ ଜୋରଦାର୍ ପ୍ରଚାର

ବଲାଙ୍ଗିର, (ସବ୍ୟୁ) : ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ସିହିନୀ ଓ ଘୋଡାର ପଞ୍ଚାୟତରେ ବିଦାୟୀକା ପ୍ରାର୍ଥୀ ଟୁକୁନୀ ସାହୁ ଜୋରଦାର ପ୍ରଚାର ଅଭିଯାନ ଚଳାଇଛନ୍ତି । ବୁଧବାର ଦିନ ଶ୍ରୀମତୀ ସାହୁଙ୍କୁ ଶତାଧିକ ଯୁବକ କୁମୁଡା ଗାଁ ସମ୍ମୁଖରୁ ବିଶାଳ ବାଇକ୍ ର୍ୟାଲିରେ ସ୍ୱାଗତ କରି ବିଭିନ୍ନ ଗାଁ ମାନଙ୍କରେ ପ୍ରଚାର କରିଥିଲେ । ୧୮ ଜଣ ସରପଞ୍ଚ ଙ୍କ ସହିତ ଘୋଡାର ଗାଁର ଅର୍ଦ୍ଦଲା ଗାଁ ଘୋଡାର ଓ ସିହିନୀ ଗାଁରେ ଘରକୁଘର ବୁଲିବୁଲି ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ । ଏହି ଅବସରରେ ଶ୍ରୀମତୀ ସାହୁ ଲୋକଙ୍କୁ ରାଜ୍ୟ ସରକାରଙ୍କ ୨୫ ବର୍ଷ ଶାସନ କାଳରେ ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସଂପର୍କରେ ଅବଗତ କରିଥିଲେ । ପରେ ସିହିନୀ ପଂଚାୟତର ଯୁଦେପୁର ଗାଁରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଧାୟିକା ପ୍ରାର୍ଥୀ ଶ୍ରୀ ସାହୁଙ୍କ ସମେତ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ଜିଲ୍ଲା ପରିଷଦ ସଦସ୍ୟା ଗୀତା ବିଶି, ପୂର୍ବତନ ଅଧକ୍ଷା ରମାକାନ୍ତି ପୁଟେଲ, ବିଜୁ ଜନତା ଦଳର ବ୍ଲକ ସଭାପତି ପଦ୍ମଲୋଚନ ପୋଢ, ପଞ୍ଚାୟତ ସଭାପତି ହେମନ୍ତ ସାହୁ, ଜଗବନ୍ଧୁ ସାହୁ, ଦୀଲିପ ବାଗ, ଲାଲା ବର୍ମା ତୁଲସୀ ସାହୁ, ସିହିନୀ ସମିତି ସଭ୍ୟ ଉମା ବାଗ, ପଂଚାୟତ ସଭାପତି ଦିଗାମ ଖରସେଲ, ଚୂଡା କୁମ୍ଭାର, କିଶୋର ବାଦ, କାର୍ତ୍ତୀକ ଜାନି, କୁଂଚ ବାଗ, ମନ୍ତ ବାଗ, ମଂଟୁ ବାଗ,ଉମା ବାଗ, ଗଜିନ ଛତର, ନିତ୍ୟା ବାଗଙ୍କ ସମେତ ୧୮ ଜଣ ସରପଂଚ ସଧାରଣ ସଭାରେ ମଞ୍ଚାସୀନ ଥିଲେ । ଚଳିତ ନିର୍ବାଚନରେ ଡବଲ ଶଙ୍ଖରେ ଭୋଟ ଦେଇ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ବୀଜୟୀ କରିବାକୁ ନିବେଦନ କରିଥିଲେ ।





**Format C-1**
*(for candidate to publish in Newspapers, TV)*

**Declaration about criminal cases**
*(As per the judgment dated 25th September, 2018, of Hon'ble Supreme Court in WP(Civil) No. 536 of 2011 (Public Interest Foundation & Ors. Vs. Union of India & Anr.)*

Name and address of candidate : **KANAK VARDHAN SINGH DEO AT. RAJKHAMAR, PO. PATNAGARH, DIST. BOLANGIR**

Name of political party : **BHARATIYA JANATA PARTY**
*(Independent candidates should write "Independent" here)*

Name of Election : **2024 GENERAL ELECTION TO THE ODISHA LEGISLATIVE ASSEMBLEY**
*Name of Constituency : **67-PATNAGARH**

**I KANAK VARDHAN SINGH DEO** (name of candidate), a candidate for the above mentioned election, declare for public information the following details about my criminal antecedents :

**(A)** Pending criminal cases

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | Court of JMFC-1, Bolangir | GR No. 461 of 2013 | Charges Frame | Disobedience to an order lawfully promulgated by a public servant |
| 2 | Pending Investigation | PS Case No-29 Dt. 21.02.2021 of Town Police Station, Sambalpur | Pending Investigation | Disater Management Act 2005-56 Epidemic Diseases Act 1897-3, IPC 1860-143, IPC-1860-269, IPC 1860-270, IPC 1860-336, IPC 1860-353 |

**(B)** Details about cases of conviction for criminal offences


| Sl. No. | Name of Court & date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| NA | NOT APPLICABLE | NOT APPLICABLE | NOT APPLICABLE |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.


## ରାମଲୀଳା ରାବଣ ବଧ ସହ ସୀତାଙ୍କ ଅଗ୍ନି ପରୀକ୍ଷା ସମ୍ପନ୍ନ

# ମନମୋହିଲା ରୁଦ୍ର ପଟେଲଙ୍କ ଛଉ ନୃତ୍ୟ

ବଲାଙ୍ଗିର, (ସବ୍ୟୁ) : ରାମଜୀ ନାଟ୍ୟ ସଂସଦର ରାମଲୀଳା ନାଟକରେ ରାବଣ ବଧ ଲୀଳା ଗୁରୁ ଗୁରଶ୍ରୀ ବାଳମକୁନ୍ଦ ବେହେରା କଣ୍ଠରେ ସଦାଶିବ ରଚିତ ରାମଲୀଳା ସହିତ ସୀତାଙ୍କ ଅଗ୍ନି ପରୀକ୍ଷା ଓ ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ମଞ୍ଚସ୍ଥ ହୋଇଯାଇଛି । ଆଜି ପ୍ରବଳ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ତଥା ରାମଲୀଳା ନାଟକ ପ୍ରତି ଭଲ ପାଇବା ଦେଖିବାକୁ ମିଳିଥିଲା । ଦର୍ଶକ ଅଗ୍ନି ପରୀକ୍ଷାକୁ ଦେଖି କଳାକାରଙ୍କ ନିଖୁଣ ଅଭିନୟରେ ମନ୍ତ୍ର ମୁଗ୍ଧ ସଦୃଶ ଦେଖାଯାଉଥିଲେ । ପଡା ପିଲାମାନଙ୍କ ଦ୍ୱାରା ବ୍ରହ୍ମ ଶର ଓ ଅଗ୍ନି ପରୀକ୍ଷାକୁ ଯାନ୍ତ୍ରିକ ମାଧ୍ୟମରେ ରବି ନାଏକ ଓ ସାଥୀ ଦେଖାଇବାକୁ ଚେଷ୍ଟା କରିଥିଲେ । ଯାହାକୁ ଦର୍ଶକ ଖୁବ୍ ପ୍ରଶଂସା କରିଛନ୍ତି । ଆଜି ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଶୈଳୀନ କୁମାର ବାବୁ, ଆନନ୍ଦ କୁମାର ମିଶ୍ର ଓ ମାନସ ରଞ୍ଜନ ସାହୁ ଏବଂ ଶିବ – କୁମୁଦ ରଞ୍ଜନ ନାୟକ, ପାର୍ବତୀ – ତପନ ପଟେଲ, ରାବଣ – ଡା. ରୁଦ୍ର ନାରାୟଣ ପଟେଲ, କକେଶି – କୁଳଦୀପ ପଟେଲ, ମନ୍ଦୋଦରୀ – ନରେନ୍ଦ୍ର ନିଆଳ, ସାରଥୀ – ବିଜୁ ନାୟକ, ରାବଣ ସେନା – ଲଳିତ ପୂଜାରୀ, ରାମ ପ୍ରସଦା ଦାସ, ଜଗଦୀଶ ପଟେଲ, ଟୁକୁ ବଡିଆ, ସତ୍ୟ ଦର୍ଜୀ ଇତ୍ୟାଦି, ତ୍ରିଜଟା – କ୍ଷେତ୍ର ବନଛୋର ଅନ୍ୟ ରାଣୀ – ଯଶୋବନ୍ତ ପଟେଲ ଓ ରାମ ପ୍ରସାଦ ସାହୁ, ସୁଗ୍ରୀବ – ସୁରୁ ବଡିଆ, ଅଙ୍ଗଦ – ସନାତନ ଦେବତା, ହନୁ – ଘନଶ୍ୟାମ ସାଏ, ସୁସେନ – ରାଜେଶ ସ୍ୱାଇଁ, ବିଭିଷଣ – ଅରୁଣ କୁମାର ରାଉତ, ରାମ ସେନା ଶୁଭମ୍ ଦେବତା, ମାତଳି – ସୁଦର୍ଶନ ନାଏକ, ଅଗ୍ନି ଦେବତା – ଚୈତନ୍ୟ ମଟାରି ଅଭିନୟ କରିଥିଲେ । ବେଶ ଭୂଷାରେ ମନ, ଚୈତନ୍ୟ, ବଲ, ରାଜେଶ , ଅଟଳ ଓ ସାଥୀ । ଛଉ ନୃତ୍ୟରେ ଡା. ରୁଦ୍ର ନାରାୟଣ ପଟେଲ ରାବଣ ବଧର ନୃତ୍ୟ କରିବେଶ ର୍ଚ୍ଚିତ ରହିଥିବା ବେଳେ ଆୟୁଷ୍ମାନ ତ୍ରିପାଠି ବାଦ୍ୟ ଦେଉଥିବା ବେଳେ ଶ୍ରୀୟା ପଟେଲଙ୍କ କଣ୍ଠରେ ସୀତାଙ୍କ ଅଗ୍ନି ପରୀକ୍ଷା ଗୀତ ଲୋକଙ୍କୁ ବେଶ୍ ଆକର୍ଷିତ କରିଥିଲା । ।




**Format C-1**
*(for candidate to publish in Newspapers, TV)*

**Declaration about criminal cases**
*(As per the judgment dated 25th September, 2018, of Hon'ble Supreme Court in WP(Civil) No. 536 of 2011 (Public Interest Foundation & Ors. Vs. Union of India & Anr.)*

Name and address of candidate : **SANGEETA KUMARI SINGH DEO AT. RAJKHAMAR, PO. PATNAGARH, DIST. BOLANGIR**

Name of political party : **BHARATIYA JANATA PARTY**
*(Independent candidates should write "Independent" here)*

Name of Election : **2024 GENERAL ELECTION TO THE LOKSABHA**
*Name of Constituency : **10-BOLANGIR P.C.**

**I SANGEETA KUMARI SINGH DEO** (name of candidate), a candidate for the above mentioned election, declare for public information the following details about my criminal antecedents :

**(A)** Pending criminal cases

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | Pending Investigation | PS Case No-29 Dt.21.02.2021 at Town Police Station, Sambalpur | Pending Investigation | Disater Management Act 2005-56 Epidemic Diseases Act 1897-3, IPC 1860-143, IPC 1860-269, IPC 1860-270, IPC 1860-336, IPC1860-353 |

**(B)** Details about cases of conviction for criminal offences

| Sl. No. | Name of Court & date(s) of order(s) | Description of offence(s) & punishment imposed | Maximum Punishment Imposed |
|---|---|---|---|
| NA | NOT APPLICABLE | NOT APPLICABLE | NOT APPLICABLE |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

# ସଂଘବଦ୍ଧ ଆକ୍ରମଣରେ ମହିଳା ଗୁରୁତର

ମାଲକାନଗିରି, (ସବ୍ୟୁ) : କାଳିମେଲା ଥାନା ଅନ୍ତର୍ଗତ ଗୋଇମେଟେଲା ପଞ୍ଚାୟତର ଏମ୍‌ଭି- ୩୩ ଗ୍ରାମରେ ଦୁଇ ପରିବାରଙ୍କ ମଧ୍ୟରେ କିଛି କାରଣକୁ ନେଇ ଦୀର୍ଘ ଦିନ ହେଲା ମନ ମାଳିନ୍ୟ ହୋଇ ଥିଲା । ଏହି ମତାନ୍ତର ବର୍ତ୍ତମାନ ଉଗ୍ରରୂପ ନେବା ଫଳରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଅନ୍ୟ ପରିବାରର ଜଣେ ମହିଳାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି । ଆକ୍ରମଣର ଶିକାର ହୋଇଥିବା ମହିଳ ବର୍ତ୍ତମାନ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି ଛ ଏ ନେଇ କାଳିମେଲା ଥାନାରେ ୧୩୩/୨୪ରେ ଏକ ମାମଲା ରୁଜୁ ହୋଇଛି ।

ଏମ୍‌ଭି – ୩୩ ଗ୍ରାମର ଅମର ଅଧିକାରୀଙ୍କ ସ୍ତ୍ରୀ ମିନୁ ଏହି ଆକ୍ରମଣର ଶିକାର ହୋଇ ଚିକିତ୍ସାଧୀନ ଅଛନ୍ତି । ଏମ୍‌ଭି- ୩୩ ଗ୍ରାମର ଦୁଇ ପଡ଼ୋଶୀ ଅମର ଅଧିକାରୀ ଓ ବିପୁଲ ସିଲଙ୍କ ପରିବାର ମଧ୍ୟରେ ପ୍ରାୟ ଏକବର୍ଷ ଧରି କୌଣସି କାରଣକୁ ନେଇ ମନ ମାଳିନ୍ୟ ହୋଇ ଆସୁଥିଲା ବେଳେ ଗତ ଶୁକ୍ରବାର ରାତି ପ୍ରାୟ ୧୦ ଟାରେ ମିନୁ , ବିପୁଲ ସିଲଙ୍କ ଘର ସମ୍ମୁଖ ରାସ୍ତାରେ ପଡିଥିବା ଗୋବର ଗୋଟାଉ ଥିବା ସମୟରେ ବିପୁଲ ବାହାରି ଆସି ମିନୁଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲା । କିଛି ସମୟ ପରେ ବିପୁଲ ଓ ତାଙ୍କ ପୁଅ ରଜିତ, ବିପୁଲଙ୍କ ଭଉଣୀ ଚମ୍ପା ଓ ତାଙ୍କ ପୁଅ ଶ୍ୟାମଳ ଏମାନେ ସମସ୍ତେ ସଂଘବଦ୍ଧ ଭାବେ ମହିଳାଙ୍କୁ ଆକ୍ରମଣକରି ମାରି ଦେବାକୁ ଉଦ୍ୟମ କରିଥିଲେ ମହିଳା ଜଣକ କାଳିମେଲା ଥାନାରେ ଏକ ଏତଲା ଦାୟର କରିଛନ୍ତି । ଏହି ଆକ୍ରମଣରେ ମହିଳାଙ୍କ ମୁଣ୍ଡରେ ଓ ଆଖିରେ ଆଘାତ ଲାଗିଥିବା ଅଭିଯୋଗ ହୋଇଛି । ଏଥିସହ ତାଙ୍କ ପରିବାର ଲୋକ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ମହିଳା ଏତଲାରେ ଉଲ୍ଲେଖ କରିଛନ୍ତି । ଏ ନେଇ କାଳିମେଲା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କୁ ପଚାରିବାରୁ ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଅଭିଯୋଗ ଜଣେ ମହିଳା ଏଏସଆଇ ପଦ୍ମିନୀ ଦଲେଇ ଘଟଣାର ତଦନ୍ତ କରୁଥିବା ପ୍ରକାଶ କରିଥିଲେ ।

# ଜାତୀୟ ତାଇକୋଣ୍ଡୋ ଚାମ୍ପିଆନସିପ୍‌ରେ ସୁବର୍ଣ୍ଣପୁର ଖେଳାଳିଙ୍କ ସଫଳତା



ସୋନପୁର, (ସବ୍ୟୁ) : ଜାତୀୟ ତାଇକୋଣ୍ଡୋ ଚାମ୍ପିଆନସିପ ଅନୁଷ୍ଠିତ ହୋଇଥିବା ଗୋଆରେ ସୁବର୍ଣ୍ଣପୁରର ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଗୋଆର କାଲାଙ୍ଗୋଟରେ ଅନୁଷ୍ଠିତ ୭ମ ଜାତୀୟ ତାଇକୋଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲ୍ଲାର ଖେଳାଳିଙ୍କୁ ମିଳିଛି ଏହି ସଫଳତା । ଗତ ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଗୋଆରେ ଏହି ଚମ୍ପିଆନସିପ ହୋଇଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ଏଡ଼ୋସାସ ତାଇକୋଣ୍ଡୋ ଏକାଡେମୀର ୧୬ ଜଣ ଖେଳାଳିଙ୍କୁ ନେଇ ୫ ଜଣ ଅଫିସିଆଲ ଯାଇଥିଲେ । ୧୮ଟି ରାଜ୍ୟର ଶତାଧିକ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ୧୭ଟି ପଦକ ସହ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି । ଯେଉଁଥିରେ ୧୫ଟି ସ୍ୱର୍ଣ୍ଣ ପଦକ ଏବଂ ୨ଟି ରୌପ୍ୟ ପଦକ ରହିଛି । ସ୍ୱର୍ଣ୍ଣ ପଦକ ପାଇଥିବା ଖେଳାଳିମାନେ ହେଲେ ଅନୁସ୍କା ଦାଶ, ପ୍ରିୟଦର୍ଶିନୀ କର, ହରିପ୍ରିୟା ମିଶ୍ର, ରାଜଲକ୍ଷ୍ମୀ ସାହୁ, ତନ୍ମୟ ଦାଶ ପଟ୍ଟନାୟକ, ତାସା ନାୟକ, ଜାଗୃତି ଦଳବେହେରା, ଅର୍ପିତା ପ୍ରଧାନ, ଚିରଞ୍ଜନ ସାହୁ, ରେୟାନ୍ସ ମହାପାତ୍ର, କୁମାର କାଶ୍ୟପ ଷଡଙ୍ଗୀ, ସାତ୍ୱିକ ଦାଶ ପଟ୍ଟନାୟକ, ତଥାସ୍ତୁ ମିଶ୍ର ସେହିଭଳି ରୌପ୍ୟ ପଦକ ପାଇଥିବା ଖେଳାଳିମାନେ ହେଲେ ଶୁଭଶ୍ରୀ ପ୍ରିୟଦର୍ଶନୀ ଏବଂ ଶ୍ରୀୟାଂଶ ମିଶ୍ର । ଏହି ଟିମକୁ ମୁଖ୍ୟ କୋଚ ଏଡ୍‌ସୋସ ହୋତା,ଅଶ୍ୱେଶ ହୋତା ସହକାରୀ କୋଚ ବିଶ୍ୱରଞ୍ଜନ ସାହୁ, ଆର୍ଯ୍ୟନ ପୁରୋହିତ, ମନିଷ ମାଝୀ ଏବଂ ପ୍ରିୟଦର୍ଶନ କର ନେଇଯାଇଥିଲେ । ଖେଳାଳିଙ୍କ ଏହି ସଫଳତା ପରେ ରାଜ୍ୟ ତାଇକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଂଜ, ସୁବର୍ଣ୍ଣପୁର ଜିଲ୍ଲା ତାଇକୋଣ୍ଡୋ ସଂଘର ସଭାପତି ରବୀନ୍ଦ୍ର ହୋତା ଏବଂ ଆଇନ ପରାମର୍ଶଦାତା ଶେଷଦେବ ବାରିକଙ୍କ ସମେତ ଖେଳପ୍ରେମୀ ଓ ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଡକାୟତି ଯୋଜନା ବେଳେ ୬ ଗିରଫ



ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ କୁମ୍ଭାରପଡ଼ା ଲାୟନ୍ସ କ୍ଲବ ନିକଟରେ ଡକାୟତି ପାଇଁ ଯୋଜନା ବେଳେ ପୋଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୫ଟି ଛୁରୀ, ଏକ ଦେଶୀ ବନ୍ଧୁକ ଗୁଳି ସହ ବନ୍ଧୁକ, ୬ଟି ମୋବାଇଲ ଫୋନ ଜବତ ହୋଇଛି । ଏନେଇ ୧୮୯/୨୪ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଲାୟନ୍ସ କ୍ଲବ ନିକଟରେ କିଛି ଅସାମାଜିକ ଯୁବକ ଏକତ୍ର ହୋଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଡ଼ଉ କରିଥିଲା । ଚଡ଼ଉ ବେଳେ ଉପରୋକ୍ତ ମାରଣାସ୍ତ୍ର ସହ କୁମ୍ଭାରପଡ଼ାର ଅର୍ମାନ ଖାନ(୨୧), ବୁଢାପାଲିର ମହମ୍ମଦ ସେକ ଇକବାଲ(୧୮) ଓ ମହମ୍ମଦ ସେହଜାଦ ଆଲାମ (୧୯), ରୋବିନ୍‌ସୋନାର ସୋହିଲ ଅଲ୍ଲା ଖାଁ(୨୨), ପେନସନପଡ଼ାର ସେପଟେନ୍ ରାଜା (୧୮) ଏବଂ କୁମ୍ଭାର ପଡ଼ାର ମହମ୍ମଦ ଅମିନୁଲ ଏଶେଖାନ (୨୦)ଙ୍କୁ ଗିରଫ କରାଯାଇଛି । ତେବେ ଅଭିଯୁକ୍ତ ମାନେ ମୁଦିପଡା ପାର୍କ ନିକଟରେ ଡକାୟତି କରିବାକୁ ଯୋଜନା କରୁଥିବା ନେଇ ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ମାମଲା ରହିଛି । ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ସଦର ଏସଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି ।

# ବଲାଙ୍ଗୀରକୁ ଅପରାଧମୁକ୍ତ ସହର କରିବାକୁ କଳିକେଶ ସିଂହଦେଓଙ୍କ ଆହ୍ୱାନ



ବଲାଙ୍ଗିର, (ସବ୍ୟୁ) : ବିଜେଡ଼ି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଓ ବିକାଶ ମୂଳକ କାର୍ଯ୍ୟ ଏବଂ କଳିକେଶଙ୍କ ଲୋକପ୍ରିୟତା ଓ କାର୍ଯ୍ୟଦକ୍ଷତା ନିର୍ବାଚନରେ ସଫଳତା ପ୍ରଦାନ କରିବ ବୋଲି ବିଶ୍ୱାସ ରଖିଛନ୍ତି ଶ୍ରୀମତୀ ମେଘନା ସିଂହଦେଓ । ତେବେ ଶ ସିଂହଦେଓ ବିଜେଡ଼ି ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଏବଂ ତାଙ୍କ ସ୍ୱାମୀ ବିଧାୟକ ପ୍ରାର୍ଥୀ କଳିକେଶଙ୍କ ପାଇଁ ସ୍ଥାନୀୟ ଅଂଚଳବାସୀଙ୍କ ଠାରେ ଦୁଇଟି ଭୋଟ ଶଙ୍ଖ କୁ ଦେଇ ଜିତେଇବା ପାଇଁ ନିବେଦନ କରିଥିଲେ । ୱାର୍ଡ ନମ୍ବର ୧୮ ରାଜୀବ ନଗର ଠଛରେ ଏକ ବିଶାଳ ଜନ ସଂପର୍କ ସାଧାରଣ ସଭା ରେ ନରସିଂହ ବାଗ ଙ୍କ ସଭାପତିତ୍ୱରେ ବିଧାୟକ ପ୍ରାର୍ଥି କଳିକେଶ ନାରାୟଣ ସିଂହଦେଓ, ସହଧର୍ମିଣୀ ମେଘନା ସିଂହଦେଓ, ସାଂସଦ ପ୍ରାର୍ଥି ସୁରେନ୍ଦ୍ର ସିଂ ଭୋଇ ପୌରାଧକ୍ଷଛ ଲିକା ସାହୁ, କାଉନସିଲର ଗଙ୍ଗାଧର ଚାନ୍ଦ ,ବିଧୁ ଭୂଷଣ ତ୍ରିପାଠୀ ପ୍ରମୁଖ ଅଭିଭାଷଣ ଦେଇଥିଲେ । କଳିକେଶ ସିଂହଦେଓ ଙ୍କୁ ଓ ସୁରେନ୍ଦ୍ର ସିଂ ଭୋଇ ଙ୍କୁ ଦୁଇଟି ଶଙ୍ଖ ରେ ଭୋଟ ଦେଇ ବିପୁଳ ମାତ୍ରା ରେ ବିଜୟୀ କରିବା ପାଇଁ ବିଜେଡି ନେତା ମାନେ ୱାର୍ଡ଼ ବାସିନ୍ଦା କୁ ନିବେଦନ କରିଥିଲେଛ ଏହି ଅବସରରେ କଳିକେଶ ଉପସ୍ଥିତ ଜନସାଧାରଣ ଙ୍କ ଠାରୁ ଭୋଟ ଆଶୀର୍ବାଦ ଲୋଡିଥିଲେ ବଲାଙ୍ଗୀର ର ବିଭିନ୍ନ ୱାର୍ଡ଼ ର ସମସ୍ୟା ସମାଧାନ କରାଯାଇଛି ଓ ସହରର ମହାରାଣୀ ସାଗର ର କାମ ଟି ଏସଏସଜି ମା ମାନଙ୍କ ଦ୍ୱାରା ଚାଲିଛି ଅନ୍ୟ ବନ୍ଧ ମାନଙ୍କର ଉନ୍ନତିକରଣ କାମ ଚାଲିବ ପୌର ପରିଷଦ ତରଫରୁ ଛୱାର୍ଡ଼ ୧୮ ରେ ବସ୍ତି ବାସିନ୍ଦା ଙ୍କ ସ୍ଥାୟୀ ପଟ୍ଟା, ଦିଆଯିବା ସହିତ ଯେଉଁ ପାଣି ସମସ୍ୟା ରହିଛି , ତାକୁ ଓଭରହେଡ ଟେଙ୍କ କରି ସମାଧାନ କରାଯିବ ନବୀନ ପଟ୍ଟନାୟକ ଟଙ୍କା ଦେଇଛନ୍ତି ଯଥା ଶୀଘ୍ର କାମ ଆରମ୍ଭ ହେବ ଓ ୨୪ ଘଣ୍ଟା ବିଶୁଦ୍ଧ ପାଣି ସହିତ ପ୍ରତି ଘର କୁ ପିଇବା ପାଣି ଯୋଗାଇ ଦିଆଯିବ ଛ ଆଉ ଯାହା ରହିଯାଇଛି ତାକୁ ନିର୍ବାଚନ ପରେ ଯଥା ଶୀଘ୍ର କରାଯିବ ବୋଲି ରାଜୀବ ନଗରପଡ଼ା ବାସୀ ଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି କଳିକେଶ । ଏହି ଅବସରରେ ହଜାର ହଜାର ମହିଳା ,ୱାର୍ଡ଼ ର ବାସିନ୍ଦା, ବୁଦ୍ଧିଜୀବୀ ଯୁବକ ମାନେ ଯୋଗ ଦେଇଥିଲେ ।

# ସବୁଦିନିଆ ରାସ୍ତା ନିର୍ମାଣ ଦାବି ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

ଭବାନୀପାଟଣା, (ସବ୍ୟୁ) : ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତଥା ଭବାନୀପାଟଣା ସଦର ବ୍ଲକର ଚାଞ୍ଚେର ପଞ୍ଚାୟତ ବେନ୍ ଗାଁବାସୀ ସବୁଦିନିଆ ରାସ୍ତା ଦାବିରେ ଭୋଟବର୍ଜନ ଚେତାବନୀ ଦେଇଛନ୍ତି । ପ୍ରକାଶ ଯେ, ଏହି ଗାଁକୁ ଆଜିପର୍ଯ୍ୟନ୍ତ ଭଲ ରାସ୍ତା ନାହିଁ । ଗାଁକୁ ଯିବାକୁ ହେଲେ ଗାଁ ମୁଣ୍ଡରେ ଏକ ନାଳ ପାରହୋଇ ଯିବାକୁ ପଡ଼େ । ଏହି ନାଳରେ ଏକ ପୋଲ ନିର୍ମାଣ କରାଯାଇଥିଲାଛ କିନ୍ତୁ ପୋଲ ନିର୍ମାଣର ଦୁଇ ମାସ ପରେ ଭାଙ୍ଗି ଯାଇଥିଲାଛ ଫଳରେ ଗ୍ରାମବାସୀ ବର୍ଷା ଦିନରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷା ମାସରେ ଯଦି କାହାର ସ୍ୱାସ୍ଥ୍ୟବସ୍ଥା ଖରାପ ହୁଏ କିମ୍ବା ଗର୍ଭବତୀଙ୍କୁ ଡାକ୍ତରଖାନା ନେବାକୁ ହୁଏ ଦୁଃଖ ଦ୍ୱିଗୁଣିତ ହୋଇଯାଏ । ବର୍ଷା ଦିନେ ଗ୍ରାମବାସୀ ଜଳବନ୍ଦୀ ଜୀବନ ବିତାଉଛନ୍ତି । ଏଭଳି ପରିସ୍ଥିତିରେ ଗାଁର ଶିକ୍ଷା ଓ ଅନ୍ୟାନ୍ୟ ମୌଳିକ ସୁବିଧାର କଥା ନକହିବା ଭଲ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଅଣଦେଖା କରୁଥିବାରୁ ଗ୍ରାମବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି । ତେଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ମାର୍ଶାଲ ଆର୍ଟ ତାଲିମ ଶିବିର ଉଦ୍‌ଘାଟିତ

ସମ୍ବଲପୁର, (ସବ୍ୟୁ) : ସ୍ଥାନୀୟ କଚେରୀ ସ୍ଥିତ ଜିଲ୍ଲା ଜୁଡୋ ହଲ ଠାରେ ସାଓଲିନ କୁଙ୍ଗ ଉଷୁ ଆସୋସିଏସନ ପକ୍ଷରୁ ଗ୍ରୀଷ୍ମ କାଳୀନ ମାର୍ଶାଲ ଆର୍ଟ ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଏସବିଆଇ ଉପ କାର୍ଯ୍ୟ ନିବନ୍ଧକ ମନମୋହନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଶାରିରୀକ, ମାନସିକ ଓ ଆତ୍ମରକ୍ଷାର କୌଶଳ ପାଇଁ ପ୍ରଶିକ୍ଷଣ ନିଶ୍ଚିତ ରୂପେ ସୁସ୍ଥ ସମାଜ ଗଠନରେ ସହଯୋଗ ହେବ । ଆଉ ଛାତ୍ରଛାତ୍ରୀ ଯୋଗଦେଇ ଏହାର ସୁଯୋଗ ଉଠାନ୍ତୁ ବୋଲି କହିଥିଲେ । ସୂଚନାଯୋଗ୍ୟ, ଏହି ତାଲିମ ଶିବିରରେ ୫ରୁ ୨୫ ବର୍ଷ ବୟସ୍କ ଛାତ୍ରଛାତ୍ରୀମାନେ ମାଗଣାରେ ତାଲିମ ନେଇ ପାରିବେ । ଶିବିର ଉଦଯାପିତ ଦିନ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ।

ଏଥିରେ ୪୩ ଜଣ ପ୍ରଶିକ୍ଷାର୍ଥୀଙ୍କ ସମେତ ସମ୍ପାଦକ ସୁବାସ ବେହେରା, ଗାୟତ୍ରୀ ମିଶ୍ର, ପୁଷ୍ପାଞ୍ଜଳି ସାହୁ , ସ୍ୱାଗତ କୁମାର ଘଡାଇ, ଶାନ୍ତି ଗୋପ, ଦିବ୍ୟଲକ୍ଷ୍ମି ମାଝୀ , ଦିବ୍ୟକରିସ୍ମା ପୃଷ୍ଟି , ଶମ୍ଭୁ କୁଷ୍ଟା, ସମିର ବିଶ୍ୱାଳ, ପ୍ରିୟଙ୍କା ମିତ୍ତଲ, ସୋନୁ ପ୍ରସାଦ ସୋନାର , ଅରୁଣ କୁମାର ଅଜାଡିୱାଲ , ସଞ୍ଜୀବ ପଟ୍ଟନାୟକ ଓ କେଶବ ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଗରା ମାଠିଆ ଧରି ଚିତ୍ରକୋଣ୍ଡା ବ୍ଲକ ଅଫିସ ଘେରିଲେ ଶତାଧିକ ମହିଳା

ଚିତ୍ରକୋଣ୍ଡା,(ସବ୍ୟୁ) : ଆଜି ସକାଳ ୭ଟା ସମୟରେ ଚିତ୍ରକୋଣ୍ଡା ସଦର ମହକୁମା ର ୮.୯ ଓ ୧୦ ନଂ ୱାର୍ଡର ଶତାଧିକ ମହିଳା ଗରା, ମାଠିଆ ଧରି ଚିତ୍ରକୋଣ୍ଡା ବ୍ଲକ ଅଫିସ ଗେଟରେ ତାଲା ପକାଇବା ସହ ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ବ୍ଲକ ଗେଟ ସମ୍ମୁଖରେ ବସି ରହିଛନ୍ତି । ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗରା ମାଠିଆ ଧରି ବ୍ଲକ ଗେଟରେ ବସିବା ସହ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ସେମାନେ କହିଛନ୍ତି । ଚିତ୍ରକୋଣ୍ଡାର ବିଭିନ୍ନ ୱାର୍ଡରେ ଦୀର୍ଘ ବର୍ଷ ଧରି ପାନୀୟ ଜଳର ସମସ୍ୟା ଲାଗି ରହିଥିଲେ ମଧ୍ୟ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛି ପ୍ରଶାସନଛ ଚିତ୍ରକୋଣ୍ଡା ସଦର ମହକୁମାର ଦୁର୍ଗା ମନ୍ଦିର ଠାରେ ୬ ବର୍ଷ ହେବ ନିର୍ମାଣ ଚାଲିଛି ମେଗା ଜଳ ପ୍ରକଳ୍ପ କାର୍ଯ୍ୟଛ ଏହି ପାନୀୟଜଳ ପ୍ରକଳ୍ପ କାର୍ଯ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଥିଲେ ମଧ୍ୟ ଆଜି ଯାଏଁ ଟୋପାଏ ପାଣି ଲୋକଙ୍କ ଘରେ ପହଞ୍ଚି ପାରିନାହିଁଛ ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟକାରୀ ହେବା ପର ଠାରୁ ପ୍ରତି ଅଭିଯୋଗ ଶୁଣାଣି ଶବିରରେ ଚିତ୍ରକୋଣ୍ଡା ସଦର ମହକୁମାର ବିଭିନ୍ନ ୱାର୍ଡର ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରିପାରିନାହିଁ ପ୍ରଶାସନ । ବହୁବାର ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାର, ବିଡ଼ିଓ, ବିଧାୟକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଫଳ ମିଳିନଥିବା ଅଭିଯୋଗ କରିଛନ୍ତି ୱାର୍ଡ ବାସିନ୍ଦା । ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭଦ୍ରା ପାତ୍ର ଓ ଚିତ୍ରକୋଣ୍ଡା ଥାନାଧିକାରୀ ମୁକୁନ୍ଦ ମେଲେକା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କରୁଥିବା ମହିଳା ମାନଙ୍କ ସହ ଆଲୋଚନା କରି ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଏବେ ସୁଦ୍ଧା ବ୍ଲକ ଅଫିସ ଗେଟ ସମ୍ମୁଖରେ ଗରା ମାଠିଆ ଧରି ବସି ରହିଛନ୍ତି ଶତାଧିକ ମହିଳା।

# ବିଜେଡ଼ି ରାଜ୍ୟରେ ମିଛୁଆଙ୍କ ଟାଙ୍କଶାଳୀ ଖୋଲିଛି : ବିଜେପି

ବରଗଡ଼, (ସବ୍ୟୁ) : ସ୍ୱଭାବ କବି ଗଙ୍ଗାଧର ମେହେର ଙ୍କ ପବିତ୍ର ଜନ୍ମମାଟି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱସନିୟତା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଶ୍ୱାସ ଘାତକତା ପରଖି ସାରିଛି । ୨୦୧୬ ମସିହାରେ ମୋଦି ବରଗଡ଼ ମାଟିରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲୋକାର୍ପଣ କରିଥିଲେ । ଆଜି ପର୍ଯ୍ୟନ୍ତ ଓଡ଼ିଶାର ୫୦.୦୩ ଲକ୍ଷ ଚାଷୀ ୬୬୮୬.୪୦ କୋଟି ଟଙ୍କାର ବୀମା ସହାୟତା ରାଶି ପାଇ ସାରିଛନ୍ତି । ଅନ୍ୟ ପକ୍ଷରେ ସେହି ୨୦୧୬ ରେ ମୁଖମନ୍ତ୍ରୀ ସୋହେଲା ଠାରେ କ୍ୱିଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଘୋଷଣା କରିଥିଲେ । କୌଣସି ଚାଷୀଙ୍କୁ ଏହି ବୋନସ ଦିଆଯାଇନାହିଁ । ସେହିପରି ପଦ୍ମପୁର ଜିଲ୍ଲା ଘୋଷଣା ପୁରଣ କରିବାରେ ମୁଖ୍ୟମନ୍ତ୍ରୀ ବିଫଳ ହୋଇଛନ୍ତି । ଗତ ନିର୍ବାଚନରେ ବିଜେପୁର ର ଦାୟିତ୍ୱ ସେ ନେବେ ବୋଲି ନବୀନ ବାବୁ ଘୋଷଣା କରିଥିଲେ କିନ୍ତୁ ୨ଟି ନିର୍ବାଚନ ମଣ୍ଡଳୀରୁ ଜିତି ସରିବା ପରେ ସେ ବିଜେପୁର ଆସନ ତ୍ୟାଗ କରିଥିଲେ । ସେ ବିଜେପୁର ରେ ଗୋଟିଏ ମଧ୍ୟ ରାତି ବିତାଇଲେ ନାହିଁ । ଏହା ପଶ୍ଚିମ ଓଡ଼ିଶା ପ୍ରତି ନବୀନ ବାବୁଙ୍କ ବିଶ୍ୱାସ ଘାତକତା ର ଅନ୍ୟତମ ଉଦାହରଣ ବୋଲି ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ସତ୍ୟବ୍ରତ ପଣ୍ଡା ବରଗଡ଼ ର ଏକ ହୋଟେଲ ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ । ରାଜ୍ୟରେ ଭାରତୀୟ ଜନତା ପାର୍ଟି ର ସରକାର ଘୋଷଣା ହେଲେ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଧାନ ସଂଗ୍ରହ କରାଯିବ , କଟନୀ ଛଟଣି ବନ୍ଦ ହେବ । ମହିଳା ମାନଙ୍କୁ ୫୦୦୦୦ ଟଙ୍କାର ବ୍ୟୟ ଭାଉଚର ଯୋଗେଇ ଦିଆଯିବ । ପଶ୍ଚିମ ଓଡ଼ିଶାରେ ୩ଟି ମେଗା ଟେକ୍ସ ଟାଇଲ ପାର୍କ ପ୍ରତିଷ୍ଠା କରାଯିବ । ବରଗଡ଼ ସ୍ଥିତ ବରପାଲି ଠାରେ ଏକ ବିଶ୍ୱ ସ୍ତରୀୟ ଗଙ୍ଗାଧର ମେହେର କଳା ଓ ସଂସ୍କୃତି ଗବେଷଣା କେନ୍ଦ୍ର ନିର୍ମାଣ ହେବ । ସେଠାରେ ସମ୍ବଲପୁରୀ କଳା, ସଂସ୍କୃତି ଓ ସାହିତ୍ୟର ଗବେଷଣା କୁ ପ୍ରୋତ୍ସାହନ ଦିଆଯିବ । ଧନୁଯାତ୍ରା ମହୋତ୍ସବ କୁ ବିଶ୍ୱ ସାଂସ୍କୃତିକ ଐତିହ ରେ ତାଲିକାଭୁକ୍ତ କରାଯାଇ ସେଠାରେ ପ୍ରଦର୍ଶନ କରୁଥିବା ପ୍ରତ୍ୟେକ କଳାକାର କୁ ୧୦୦୦୦ ଟଙ୍କା ସମ୍ମାନ ରାଶି ଦିଆଯିବ । କେନ୍ଦୁପତ୍ର ତୋଳାଳୀ ଙ୍କ ମଜୁରୀ ଓ ବୋନସ ବୃଦ୍ଧି ହେବ । ବରଗଡ଼ ଜିଲ୍ଲାର ଅନ୍ୟତମ ସୁପୁତ୍ର ଶହୀଦ ବୀର ମାଧୋ ସିଂ ଙ୍କ ସ୍ମୃତିରେ ଏକ ବୃତ୍ତି ପ୍ରଦାନ କରାଯିବ ଛଅଧାରୁ ପାଠ ଛାଡୁଥିବା ଆଦିବାସୀ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ କୁ ନିୟମିତ କରିବା ପାଇଁ ଏହି ବୃତ୍ତିରେ ପ୍ରତି ଛାତ୍ର ଛାତ୍ରୀ ଙ୍କୁ ୫୦୦୦ ଟଙ୍କା ପ୍ରଦାନ କରାଯିବ । ବୁଣାକାର ଙ୍କୁ ୩୦୦୦ ରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ପେନସନ ଦିଆଯିବ ଛ ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ,ବିଧବା ଓ ଅସହାୟ ଭତ୍ତା ୩୦୦୦ ରୁ ୩୫୦୦ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ଛ ୧.୫ ଲକ୍ଷ ଖାଲି ପଡ଼ିଥିବା ସରକାରୀ ଖାଲି ପଦପଦବୀ ସ୍ୱଚ୍ଛତାର ସହ ପୁରଣ କରାଯିବ ଏବଂ ଅଧିକ ୨ ଲକ୍ଷ ପଦ ପଦବୀ ସୃଷ୍ଟି କରି ବେକାରୀ ସମସ୍ୟାର ସମାଧାନ ନିମନ୍ତେ ଉଦ୍ୟମ କରାଯିବ।

ସେହିପରି ଓଡ଼ିଶାର ଶାସନ କ୍ଷମତାକୁ ଆସିଲେ ପୁରୀ ଶ୍ରୀ ମନ୍ଦିର ର ରତ୍ନ ଭଣ୍ଡାର ଖୋଲାଯିବ ଓ ସେଥିରେ ଥିବା ମହାପ୍ରଭୁ ଙ୍କ ସମ୍ପତ୍ତିର ସବିଶେଷ ଅଡିଟ କରାଯିବ । ରତ୍ନ ଭଣ୍ଡାର ଚାବି ହଜିବା ପ୍ରହସନ ର ଉଚ୍ଚ ସ୍ତରୀୟ ତଦନ୍ତ ହେବ । ମନ୍ଦିରର ଚାରି ଦ୍ୱାର ଖୋଲାଯାଇ ଭକ୍ତ ମାନଙ୍କ କ୍ଲେଶ କୁ ଦୂର କରାଯିବ ବୋଲି ବିଜେପିର ସଂକଳ୍ପ ପତ୍ରକୁ ଉଦ୍ଧୃତ କରି ଶ୍ରୀ ପଣ୍ଡା ଘୋଷଣା କରିଥିଲେ । ଶିଶୁଙ୍କ ପୃଷ୍ଟି ହୀନତା ଓ ମହିଳାଙ୍କ ରକ୍ତ ହୀନତା ଦୃଷ୍ଟିରୁ ବରଗଡ଼ ଅନେକ ପଛରେ ପଡ଼ିଥିବାରୁ ଶ୍ରୀ ପଣ୍ଡା କ୍ଷୋଭ ପ୍ରକାଶ କରିଥିଲେ । ବୟସ ତୁଳନାରେ କମ ଉଚ୍ଚତା ଥିବା ଶିଶୁଙ୍କ ସଂଖ୍ୟା ଓଡ଼ିଶାରେ ୩୪.୦୧ ପ୍ରତିଶତ ଥିଲାବେଳେ ବରଗଡ଼ ଜିଲ୍ଲାରେ ତାହା ୩୯.୧୦ ପ୍ରତିଶତଛ ଉଚ୍ଚତା ଅନୁଶାରେ କମ ଓଜନ ଥିବା ଶିଶୁଙ୍କ ଅନୁପାତ ରାଜ୍ୟରେ ୨୦.୦୪ ପ୍ରତିଶତ ଥିଲାବେଳେ ବରଗଡ଼ରେ ତାହା ୨୪.୨୦ ପ୍ରତିଶତ । ଓଡ଼ିଶାରେ ୫୧ ପ୍ରତିଶତ ମହିଳା ରକ୍ତହୀନତା ଭୋଗୁଥିଲା ବେଳେ ବରଗଡ଼ରେ ତାହା ୬୮.୫୦ ପ୍ରତିଶତ । ୨୫ ବର୍ଷର ଶାସନ ସତ୍ତ୍ୱେ ପୁଷ୍ଟିହୀନତା ର ଏହି ଚିତ୍ର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମତବ୍ୟକ୍ତ କରି ଆସନ୍ତା ନିର୍ବାଚନ ରେ ବିଜେପିର ଡବଲ ଇଞ୍ଜିନ ସରକାର ଗଠନ ନିମନ୍ତେ ଶ୍ରୀ ପଣ୍ଡା ଆହ୍ୱାନ ଜଣାଇଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଡା ଅରୁପା ନନ୍ଦ ସାହୁ , ଲୋକସଭା ସଂଯୋଜକ ସୁରେଶ୍ୱର ଶତପଥୀ, ଲୋକସଭା ପ୍ରଭାରୀ ସବିତା ନନ୍ଦ, ମିଡ଼ିଆ ସଂଯୋଜକ ଅଶୋକ ପଣ୍ଡା, ଜାତୀୟ ପରିଷଦ ସଦସ୍ୟ ସୌରୀ ଚରଣ ବାରିକ, ଜିଲ୍ଲା ଉପ ସଭାପତି ଲକ୍ଷ୍ମୀ ନାରାୟଣ ରଥ, ଜିଲ୍ଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ଜିଲ୍ଲା ପ୍ରବକ୍ତା ନବ କିଶୋର ପାଣିଗ୍ରାହୀ , ମିଡ଼ିଆ ସହ ସଂଯୋଜକ ଅମିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ତାଲିମ କାର୍ଯ୍ୟକ୍ରମ

ବରଗଡ଼, (ସବ୍ୟୁ) : ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସାଧାରଣ, ପୋଲିସ୍ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଦ୍ୱାରା ଚଳିତ ଏକକାଳୀନ ସାଧାରଣ ନିର୍ବାଚନରେ ବରଗଡ଼ ଜିଲ୍ଲାର ସମସ୍ତ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ କରିଛନ୍ତି । ଆଦର୍ଶ ଆଚରଣ ବିଧିର ଅନୁପାଳନ କରିବା ସହିତ ନିର୍ବାଚନ ଖର୍ଚ୍ଚର ସଠିକ ଭାବେ ଡକ୍ୟୁମେଣ୍ଟେସନ୍ କରିବା, ସାଧାରଣ ସଭା,ରାଲି ଆୟୋଜନ ପୂର୍ବରୁ ପ୍ରଶାସନିକ ଅନୁମତି ନେବା , ଗଣମାଧ୍ୟମ ସାହାଯ୍ୟରେ ନିଜ ପ୍ରଚାର ପ୍ରସାର କରିବା ପୂର୍ବରୁ ଏମସିଏମସି ରେ ଆବେଦନ କରିବା ଏବଂ ହୋର୍ଡ଼ିଂଙ୍ଗ, ପାମ୍ଫ୍ଲେଟ ଆଦି ମୁଦ୍ରଣ ସମୟରେ ଅବଲମ୍ବନ କରିବାକୁ ଥିବା ସତର୍କତା ବିଷୟରେ ତାଲିମ ପ୍ରଦାନ କରିଥିଲେ । ଏତଦବ୍ୟତୀତ ଉପସ୍ଥିତ ପ୍ରାର୍ଥୀଙ୍କ ଅଭିଯୋଗ ଗୁଡ଼ିକୁ ଶୁଣିବା ସହିତ ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ସମସ୍ତ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ମୋବାଇଲ ନମ୍ବର କିମ୍ବା ସେମାନଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି କିମ୍ବା ସି–ଭିଜିଲ ଆପରେ ଅଭିଯୋଗ ଦାଖଲ କରିବାକୁ ସୂଚନା ଦଇଥିଲେ ଏବଂ ବରଗଡ଼ ଜିଲ୍ଲାର ଚଳିତ ଏକକାଳୀନ ସାଧାରଣ ନିର୍ବାଚନକୁ ତ୍ରୁଟିଶୂନ୍ୟ, ମୁକ୍ତ ଏବଂ ନିରପେକ୍ଷ ଭାବେ କରିବାକୁ ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ, ସାଧାରଣ ପର୍ଯ୍ୟବେକ୍ଷକ ଗିରିୱାର ଦୟାଲ ସିଂ, ଜେ. ମଞ୍ଜୁନାଥ , ପୋଲିସ ପର୍ଯ୍ୟବେକ୍ଷ ମୋଦକ ରାଜେଶ ଡ଼ି.ରାଓଙ୍କ ସମେତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶଶିକାନ୍ତ ସିଂ, ଗୌତମ ମହାକୁଳ, କ୍ରିଷ୍ଣା ମୂର୍ତ୍ତି, ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସମସ୍ତ ପ୍ରାର୍ଥୀ ଉପସ୍ଥିତ ଥିଲେ ।

# ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଈଶ୍ୱରାମ୍ମା ଦିବସ



ଭବାନୀପାଟଣା, (ସବ୍ୟୁ) : ଓଁ ଶ୍ରୀ ସାଇରାମ ଈଶ୍ୱରାମ୍ମା ଦିବସ ଶ୍ରୀ ସତ୍ୟ ସାଇ ସେବା ସମିତି ଭବାନୀପାଟଣା ପକ୍ଷରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଅପାର କରୁଣାରୁ ମଇ ମାସ ଛଅ ତାରିଖ ସୋମବାର ଦିନ ମହାସମାରୋହରେ ଭବାନୀପାଟଣା ସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ବିଦ୍ୟାମନ୍ଦିର ଠାରେ ଦିବ୍ୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଉତ୍ସବ ବାଳ ବିକାଶ ପିଲା ଏବଂ ସମିତିର ଭକ୍ତମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପ୍ରାତଃ ପାଞ୍ଚ ଘଟିକା ସମୟରେ ଓଁ କରାମ, ସୁପ୍ରଭାତମ ଏବଂ ନଗର ସଂକୀର୍ତ୍ତନ ସହ ଆରମ୍ଭ ହୋଇଥିଲା । ସକାଳ ଘ.୬.୩୦ମି. ସମୟରେ ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ କରିବା ପରେ ୧୦୮ସତ୍ୟ ସାଇ ନମାବଳୀ ସାମୁହିକ ଭାବରେ ଉଚ୍ଚାରଣ କରାଯାଇଥିଲା । ସନ୍ଧ୍ୟା କାର୍ଯ୍ୟକ୍ରମ ୬ଘଣ୍ଟା ସମୟରେ ଭଜନ, ସର୍ବଧର୍ମ ପାର୍ଥନା, ଦ୍ୱୀପ ପ୍ରଜ୍ୱଳନ, ବେଦପାଠ, ପୁରସ୍କାର ବିତରଣ, ବାଳବିକାଶ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମଙ୍ଗଳ ଆରତୀ, ପ୍ରସାଦ ସେବନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଏବଂ ସମାଜସେବ ପ୍ରଭାସ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ମୁଖ୍ୟବକ୍ତା ଭାବେ ମେଦିନୀପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ରାଜ୍ୟ ସଂଗଠକ, ସମାଜସେବୀ ପ୍ରକୃତି ବନ୍ଧୁ ପ୍ରଦୀପ କୁମାର ସାହୁ ଓ ମେଦିନୀପୁର ଆବାସିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶିଲ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ତାଙ୍କର ବକ୍ତବ୍ୟ ପ୍ରଦାନ କରି ବାଳ ବିକାଶ ଛାତ୍ରଛାତ୍ରୀଙ୍କୁ ଉଚିତ ମାର୍ଗଦର୍ଶନ ଦେଇଥିଲେ । ତତସଙ୍ଗେ ସଙ୍ଗେ ଶ୍ରୀ ସତ୍ୟସାଇ ସେବା ସମିତି, ଭବାନୀପାଟଣାର ଆବାହକ ତୁଳସୀରାମ ସାହୁ, କାର୍ଯ୍ୟକ୍ରମ ସଂଯୋଜନା କରିଥିବା ସ୍ଥଳେ ସଂଯୋଜିକା ରିଙ୍କୁ ଚୌଧୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କେ.ଭକ୍ତି ଗୀତ, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ଆନନ୍ଦିନୀ ସାହୁ, ସୁବ୍ରତ ଖାଡ଼ଙ୍ଗା, ଗତିକୃଷ୍ଣ ସାହୁ, ବିଭୁତି ଭୂଷଣ ସାହୁ, କ୍ଷୀତେଶ୍ୱର ବେହେରା, ନିରଞ୍ଜନ ସ୍ୱାଇଁ, ଦାଶରଥି ନନ୍ଦ, ଶ୍ରୀନିବାସ ମହାପାତ୍ର, ସୁଶିଲ ନାଗ, ଭାସ୍କର ଦୋରା, ଏସ. ଗୌରୀଲଳିତା, ଗାୟତ୍ରୀ ସାହୁ, ଲୋଚନା ରାଉତ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଭବାନୀପାଟଣା ସମିତିର ବାଳବିକାଶ ଛାତ୍ରଛାତ୍ରୀମାନଙ୍କର ଅଭିଭାବକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ଏବଂ ପରି ଶେଷରେ ଭବାନୀପାଟଣା ସମିତିର ଶିକ୍ଷା ସଂଯୋଜକ ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଧନ୍ୟବାଦ ପ୍ରଦାନ ପରେ ଦିବ୍ୟ ଏବଂ ପ୍ରେମ ପରିବେଶ ଭିତରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

# କୁମୁଲିରେ ବିଜୁ ମହିଳା ସମାବେଶ



ବୋରିଗୁମ୍ମା, (ସବ୍ୟୁ) :ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି ରେ ମହିଳା ଶକ୍ତି ପ୍ରଦର୍ଶନ କରିଛି ବିଜେଡ଼ି । ଜୟପୁର ନିର୍ବାଚନ ମଣ୍ଡଳୀ ର ବିଜେଡି ପ୍ରାର୍ଥନୀ ଡ଼.ଇନ୍ଦିରା ନନ୍ଦଙ୍କ ସହ କୋରାପୁଟ ଲୋକସଭା ପ୍ରାର୍ଥନୀ କୌଶଲ୍ୟା ହିକକା ଏକ ବିରାଟ ରାଲି ସ୍ଥାନୀୟ ହାଟପଦାରୁ ବାହାରି ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ବିଜୁ ଅନେକ ପଞ୍ଚାୟତ ର ମହିଳା ମାନଙ୍କୁ ନେଇ ବିଜୁ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ମୀରା ପରିଡା ଯୋଗ ଦେଇଥିଲେ । ରାଜ୍ୟ ସରକାର ୨୪ ବର୍ଷ ର ଜନ ହିତକର ଯୋଜନା ଉପରେ ଆଲୋକପାତ କରିଥିଲେ । ଆସନ୍ତା ୧୩ ତାରିଖରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏଣୁ ସମସ୍ତ ଭୋଟର ଭାଇଭଉଣୀଙ୍କୁ ବିଜେଡ଼ିକୁ ଭୋଟ ଦେବାକୁ ଡ଼.ଇନ୍ଦିରା ନନ୍ଦ ନିବେଦନ କରିଥିଲେ । ଏହି ମହିଳା ସମାବେଶରେ କୋରାପୁଟ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ପାର୍ବତୀ ମସ୍ତି, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ତୁଳସୀ କିରସାନି ସହ ସ୍ଥାନୀୟ ଅଞ୍ଚଳର ଶହ ଶହ ମହିଳା ବିଜୁ ମହିଳା ସମାବେଶରେ ଯୋଗ ଦେଇଥିଲେ । ଆଜି ପୂର୍ବାହ୍ନ ରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ବୋରିଗୁମ୍ମା ସ୍ଥିତ ବଙ୍ଗଳାଗୁଡା ର ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ବିଜେଡିରେ ଯୋଗଦାନ କରିଥିଲେ । ମିଶ୍ରଣ ପର୍ବ ରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ମୁନା ଦୋରା ଙ୍କ ସହ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।

(ଶ୍ରୀମଦ୍‌ଭଗବଦ୍ ଗୀତା ୫/୨୫)
–କର୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ )

**ଲୋଭନ୍ତେ ବ୍ରହ୍ମ ନିର୍ବାଣମଅଷୟଃ କ୍ଷୀରକଲ୍ମଷାଃ ।**
**ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ।।୨୫।।**

ଯେଉଁମାନଙ୍କ ପାପ କ୍ଷୟପ୍ରାପ୍ତ ହୋଇଛି, ଯେଉଁମାନଙ୍କର ଜନ୍ମ ସବୁ ପ୍ରକାର ସଂଶୟ ଛିନ୍ନ ହୋଇଛି, ଯେଉଁମାନେ ନିଜକୁ ସଂଯତ କରିଛନ୍ତି ଏବଂ ଯେଉଁମାନେ ସର୍ବଭୂତର ହିତସାଧନରେ ନିରବ ଅଛନ୍ତି, ଏହିପରି ତତ୍ତ୍ୱଦର୍ଶୀ ଋଷିମାନେ ବ୍ରହ୍ମନିର୍ବାଣ (ମୋକ୍ଷ) ପ୍ରାପ୍ତ ହୁଅନ୍ତି । ।।୨୫।।

## ସମ୍ପାଦକୀୟ

# ସାହାଯ୍ୟ, ସହାନୁଭୂତି ଅପେକ୍ଷାରେ ସୁଦାନ

ସାରା ବିଶ୍ୱ ବର୍ତ୍ତମାନ ଯୁଦ୍ଧ, ବିବାଦ, ବିସ୍ଥାପନ, ଜଳବାୟୁ ପରିବର୍ତ୍ତନ ପରି ବିପଦ ସହ ସଂଘର୍ଷ କରୁଛି । ଏହିସବୁ ବିପଦକୁ ନେଇ ଅନେକ ଚିତ୍ର ଆମକୁ ବିବ୍ରତ କରିଚାଲିଛି । ଇସ୍ରାଏଲର ଗାଜା ଆକ୍ରମଣ ଏବଂ ରୁଷିଆର ୟୁକ୍ରେନ ଆକ୍ରମଣର କେତେକ ଦୃଶ୍ୟ, ଏତେ ବିଭତ୍ସ ଯେ, ତାର ବର୍ଣ୍ଣନା କରିବା ପାଇଁ କାହାରି ପାଖରେ ଭାଷା ନାହିଁ ବା ଧୈର୍ଯ୍ୟ ବି ନାହିଁ । ତଥାପି ଯୁଦ୍ଧ ଚାଲିଛି, ଏହାର ପରିସମାପ୍ତି କେବେ ହେବ, ତାର ଉତ୍ତର କାହାରି ପାଖରେ ନାହିଁ , ବରଂ କେତେକ ଦେଶ ନିଜର ସ୍ୱାର୍ଥ ପାଇଁ ଯୁଦ୍ଧକୁ ସମର୍ଥନ କରିଚାଲିଛନ୍ତି । ବିଶ୍ୱ ଏବେ ବିଭାଜିତ ଏବଂ ନିଜର ସ୍ୱାର୍ଥ ପାଇଁ ଲଢେଇରେ ଦେଶସମୂହ ଏତେ ବ୍ୟସ୍ତ ଯେ' ସହାନୁଭୂତି ଓ ମାନବିକତା ବୋଲି ଏଠାରେ କିଛି ନାହିଁ । ଏହିଭଳି ବିଶୃଙ୍ଖଳିତ ଅବସ୍ଥାରେ, କେତେଯେ ଜୀବନ ନଷ୍ଟ ହେଇଚାଲିଛି, ତାର ହିସାବ ନାହିଁ ବା ହିସାବ ରଖିବାକୁ କେହି ଚାହୁଁନାହାନ୍ତି । ସୁଦାନ ସମସ୍ୟା, ତାର ଏକ ବଡ ଉଦାହରଣ ଯେଉଁଠାରେ ମାନବିକ ବିପର୍ଯ୍ୟୟ ଶେଷ ସୀମାରେ ପହଞ୍ଚି ଯାଇଛି । ସେଠାକାର ଦୃଶ୍ୟ, ଯେ କୌଣସି ସାଧାରଣ ମଣିଷକୁ ବ୍ୟସ୍ତ ବିବ୍ରତ କରିପକାଇବ ଏବଂ ମଣିଷଟି ଦୁଃଖରେ ଭାଙ୍ଗି ପଡିବା ସହ, ନିଜକୁ ନିଜେ ନିଶ୍ଚୟ କହିବ, 'ଏହାହିଁ ଆମ ମାନବିକତାର ପରିଚୟ' । ଲୋକଙ୍କ ଅବସ୍ଥା ଏବଂ ସାମାଜିକ ବ୍ୟବସ୍ଥା ସବୁକିଛି ଭୁଶୁଡି ଯାଇଛି ଏଠାରେ । ବିଶ୍ୱରେ ଏତେ ବଡ ବଡ ଧନୀ ରାଷ୍ଟ୍ର ଅଛନ୍ତି, ଶକ୍ତିଶାଳୀ ରାଷ୍ଟ୍ର ଅଛନ୍ତି, କିନ୍ତୁ ସୁଦାନ ବାସିନ୍ଦାଙ୍କ ପାଇଁ କାହାରି ବି ଧ୍ୟାନ ନାହିଁ । ବିଶ୍ୱର ଧ୍ୟାନ ଗୋଟିଏ ପରେ ଗୋଟିଏ ଯୁଦ୍ଧକୁ ଚାଲି ଯାଉଥିବାରୁ, ହୁଏତ ସୁଦାନର ଦୁଃଖ ଅଣଦେଖା ହେଇ ରହିଯାଇଛି । ଲକ୍ଷ ଲକ୍ଷ ଲୋକ ଦୁର୍ଭିକ୍ଷର ସାମ୍ନା କରୁଛନ୍ତି । ଗଣମାଧ୍ୟମରେ ପ୍ରକାଶିତ କେତେକ ଖବର ଅନୁସାରେ, ମାଟି, ଗଛପତ୍ର, ଏପରିକି ରାସ୍ତାର ମଇଳାକୁ ଖାଦ୍ୟ ଭାବରେ ଗ୍ରହଣ କରି ଜୀବନ ବିତାଉଛନ୍ତି ସାଧାରଣ ଜନତା । ଅନାହାର, ପୁଷ୍ଟିହୀନତା ଏବଂ ରୋଗରେ ପୀଡିତ ହେଇ ଛୋଟ ଛୋଟ ପିଲାମାନେ ଜୀବନ ହାରୁଛନ୍ତି । ସୁଦାନର ଦୃଶ୍ୟ ଦେଖିଲେ, ଅନୁମାନ କରିହୁଏ, ଯୁଦ୍ଧ, ବିସ୍ଥାପନ ଓ ଅର୍ଥନୈତିକ ଅବନତିର ଫଳାଫଳ କେତେ ଭୟଙ୍କର ହେଇପାରେ । ଏହି ଦୁଃଖ ସମୟରେ, ସେଠାକାର ଜନତା ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ରୋଜଗାର ପାଇଁ, ଧ୍ୟାନ ପାଇଁ ଏବଂ ଟିକେ କରୁଣା ପାଇଁ ଚିତ୍କାର କରି ଚାଲିଛନ୍ତି । ଏହି ଚିତ୍କାର ଶୁଣି କେତେକ ସଂସ୍ଥା ଆଗେଇ ଆସିଛନ୍ତି, ସୁଦାନର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ସାହାଯ୍ୟ ପହଞ୍ଚାଇ, ମୂଲ୍ୟବାନ ଜୀବନସବୁକୁ ସୁରକ୍ଷା ଦେବାପାଇଁ । ପରିଚାଳନାଗତ ଆହ୍ୱାନ, ରାଜନୈତିକ ପ୍ରତିବନ୍ଧକ ଏବଂ ଅନ୍ୟାନ୍ୟ ଅସୁବିଧା ସତ୍ତ୍ୱେ, ସାହାଯ୍ୟକାରୀ ସଂସ୍ଥା ଓ ଏହାର କର୍ମଚାରୀମାନେ ଖାଦ୍ୟ ପାଇଁ ଡହଳବିକଳ ହେଉଥିବା ମଣିଷଙ୍କ ପାଖରେ ସାହାଯ୍ୟ ପହଞ୍ଚାଇବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି । ସୁଦାନରେ ଚାଲିଥିବା ଗୃହଯୁଦ୍ଧ ଦେଶକୁ, ଏହାର ଜନତାଙ୍କୁ ଧ୍ୱଂସ ଆଡକୁ ନେଇଚାଲିଛି । ଖାଦ୍ୟର ଅଭାବ ସହ ଅତ୍ୟାଚାର, ହତ୍ୟା, ବଳାତ୍କାର, ଲୁଣ୍ଠନ ପରି କୁକାର୍ଯ୍ୟ ବଢିଚାଲିଛି । ମିଳିତ ଜାତିସଂଘର ଜାନୁୟାରୀ ୨୦୨୪ ମସିହାର ଆକଳନ ଅନୁଯାୟୀ, ସୁଦାନର ୪୫ ନିୟୁତ ଲୋକଙ୍କ ମଧ୍ୟରୁ ୫.୯ ନିୟୁତ ଲୋକ ବିସ୍ଥାପିତ ହୋଇଛନ୍ତି ଏବଂ ୧.୪ ନିୟୁତ ଲୋକ ଶରଣାର୍ଥୀ ଭାବରେ ପଳାୟନ କରିଛନ୍ତି । ସୁଦାନର ନାଗରିକ ଆନ୍ଦୋଳନ ସମାପ୍ତ ହୋଇଛି । ଏକ ସାଧାରଣ ମଞ୍ଚ ଗଠନ ପାଇଁ ରାଜନୈତିକ ଦଳ ସଂଘର୍ଷ କରୁଛନ୍ତି । ଏପ୍ରିଲ୍ ୧୫, ୨୦୨୩ ରେ, ସୁଦାନର ସଶସ୍ତ୍ର ବାହିନୀ (ଏସ୍‌ଏଏଫ୍) ଏବଂ ପାରାମିଲିଟାରୀ ରାପିଡ୍ ସପୋର୍ଟ ଫୋର୍ସ (ଆରଏସଏଫ) ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଥିଲା, ଯାହା ଫଳରେ ଆଭ୍ୟନ୍ତରୀଣ ବିସ୍ଥାପିତ , ଆଶ୍ରୟକାରୀଙ୍କ ସମେତ ୮.୬ ମିଲିୟନରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ । ଏହି ବିବାଦ ସୁଦାନର ଅନେକ ଚ୍ୟାଲେଞ୍ଜକୁ ଯଥା, ଚାଲିଥିବା ଦ୍ୱନ୍ଦ୍ୱ, ବିଶୃଙ୍ଖଳା, ରୋଗ, ଅର୍ଥନୀତିରେ ଅବନତି, ରାଜନୈତିକ ଅସ୍ଥିରତା ଏବଂ ଜଳବାୟୁ ଜରୁରୀକାଳୀନ ପରିସ୍ଥିତିକୁ ବଢ଼ାଇ ଦେଇଛି । ବର୍ତ୍ତମାନର ବିବାଦ ପୂର୍ବରୁ, ୨୦୦୩ରେ ଡାରଫୁର ସଙ୍କଟ ଆରମ୍ଭ ହେବା ପରଠାରୁ ସୁଦାନ ହିଂସା ଏବଂ ବିସ୍ଥାପନ ସହ ସଂଗ୍ରାମ କରିଆସୁଥିଲା । ଆଫ୍ରିକାର ଦ୍ୱିତୀୟ ସର୍ବାଧିକ ଶରଣାର୍ଥୀ ଅର୍ଥାତ୍ ୧ ମିଲିୟନରୁ ଅଧିକ ଶରଣାର୍ଥୀ ସୁଦାନରେ ବାସ କରୁଥିଲେ– ସେମାନଙ୍କ ମଧ୍ୟରୁ ଅଧିକାଂଶ ଦକ୍ଷିଣ ସୁଦାନ ଏବଂ ଉତ୍ତର ଇଥିଓପିଆର ଥିଲେ ଏବଂ ଅନେକେ ଟିଗ୍ରେ ବିବାଦରୁ ପଳାୟନ କରିଥିଲେ । ଏବେ ପରିସ୍ଥିତି ସାଙ୍ଘାତିକ । ସାଧାରଣ ଜନତାଙ୍କ ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ଜାତିସଂଘ ଅଧିକ ସମର୍ଥନ ପାଇଁ ନିବେଦନ ଜାରି ରଖିଛି କାରଣ ୨୫ ନିୟୁତରୁ ଅଧିକ ଲୋକଙ୍କ ପାଇଁ ମାନବିକ ସହାୟତା ଆବଶ୍ୟକ ଏବଂ ଖାଦ୍ୟ ନିରାପତ୍ତା ବିପଦ ବିଶ୍ୱର ସର୍ବ ବୃହତ କ୍ଷୁଧା ସଙ୍କଟ ସୃଷ୍ଟି କରିଛି । ସୁଦାନର ସଶସ୍ତ୍ର ବାହିନୀ (ଏସ୍‌ଏଏଫ୍) ଏବଂ ରାପିଡ୍ ସପୋର୍ଟ ଫୋର୍ସ (ଆରଏସଏଫ)ର ନେତାମାନେ ସେମାନଙ୍କ ହିଂସା ବନ୍ଦ କରିବାକୁ ମନା କରିଦେଇଥିବାରୁ ମଧ୍ୟସ୍ଥତା ପ୍ରୟାସ ବିଫଳ ହୋଇଛି । ଏବେ ସୁଦାନର ଗତି କୁଆଡେ, ତାର ଉତ୍ତର ନାହିଁ । ଗୃହଯୁଦ୍ଧର ଭୟାଭୟତା ମଧ୍ୟରେ, ସହାନୁଭୁତିର ଅଭାବ ଏବଂ ଅନ୍ତର୍ଜାତୀୟ ସମ୍ପ୍ରଦାୟର ଉଦାସୀନତା ସୁଦାନର ଦୁଃଖକୁ ବଢ଼ାଇ ଦେଇଛି । ଏପରି ଏକ ସମୟରେ, ସାରା ବିଶ୍ୱ କିପରି ନୀରବଦ୍ରଷ୍ଟା ସାଜିଛି, ତାହା ଆଶ୍ଚର୍ଯ୍ୟର କଥା । ମାନବିକତାର ପ୍ରଦର୍ଶନ କରିବା ପାଇଁ ଏହାହିଁ ପ୍ରକୃଷ୍ଟ ସମୟ । ଏହା ସ୍ପଷ୍ଟ କରିଛି, ଆମର ନୈତିକତା ବୋଲି କିଛି ନାହିଁ... ସାରା ବିଶ୍ୱରେ ଏକତା, ଭ୍ରାତୃଭାବ ବୋଲି କିଛି ନାହିଁ । ଏହାହିଁ ମାନବିକତାର ପରୀକ୍ଷା କରିବାର ସମୟ । କାରଣ ଯଦି ଆମେ ଭୋକିଲାଙ୍କ କ୍ରନ୍ଦନ, ବିସ୍ଥାପିତଙ୍କ ଦୁଃଖକୁ ଆଖି ବୁଜି ପାରିବା, ତାହେଲେ ମାନବିକତା ରହିଲା କୋଉଠି ? ମହାମାରୀଠାରୁ ଆରମ୍ଭ କରି ଜଳବାୟୁ ବିପର୍ଯ୍ୟୟ ପର୍ଯ୍ୟନ୍ତ ବହୁ ବିପଦରେ, ବିଶ୍ୱ ସାମୁହିକ ଭାବରେ ଲଢେଇ କରି ସଫଳ ହେଇଥିବାବେଳେ, ସୁଦାନବାସୀଙ୍କ ଦୁଃଖରେ ବିଶ୍ୱ ଏକାଠି ଛିଡା ହେଇପାରୁନାହିଁ କାହିଁକି ? ସୁଦାନର ସଙ୍କଟ ଆମର ଧ୍ୟାନ, ଆମର ସହାନୁଭୂତି ଏବଂ ସର୍ବୋପରି ଆମର କାର୍ଯ୍ୟ ଆବଶ୍ୟକ କରେ । ଏହା ଆମ ସମସ୍ତଙ୍କ ବିବେକ ପାଇଁ ଗୋଟିଏ ବଡ ଆହ୍ୱାନ । କାରଣ ଅନ୍ଧକାର ସମୟ ମଧ୍ୟରେ, କରୁଣା, ସହାନୁଭୂତି, ସାହାଯ୍ୟ ହିଁ ଆମର ସାମର୍ଥ୍ୟ ଯାହା ବାଟକୁ ଆଲୋକିତ କରେ, ଆମକୁ ଗୋଟିଏ ସୁସ୍ଥ ଭବିଷ୍ୟତ ଆଡକୁ ବାଟ କଢାଇ ନିଏ । ଆଶା କରିବା ସାରା ବିଶ୍ୱ ସୁଦାନବାସୀଙ୍କ ଏ ଦୁଃଖ ସମୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିବେ ଏବଂ ସୁଦାନବାସୀଙ୍କ ଦୁଃଖ ଲାଘବ କରିବାରେ ସହାୟକ ହେବେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଅନ୍ନଦାତାଙ୍କ ଦିନ

**ପ୍ରେମାନନ୍ଦ ପାଣିଗ୍ରାହୀ**

ଭାରତୀୟ ସଭ୍ୟତାର ଏକ୍ସୁଡିଶାଳ କୃଷି । ସମଗ୍ର ଦେଶରେ ଅନୁଭୂତ ହେଉଥିବା ପନ୍ଦର ପ୍ରକାର କୃଷି ଜଳବାୟୁ କ୍ଷେତ୍ର ମଧ୍ୟରୁ ଆମ ରାଜ୍ୟରେ ପ୍ରାୟ ଦଶ ପ୍ରକାର ରହିଛି । କୃଷିକୁ ନେଇ ଓଡିଶାରେ ବହୁ ପୂଜା ପାର୍ବଣ ଓ ପରମ୍ପରା ରହିଛି । ଧାନ ବିହନ କ୍ଷେତରେ ବୁଣିବା ଠାରୁ ଆରମ୍ଭ କରି ଧାନ ଅମଳର ଶେଷ ପର୍ଯ୍ୟନ୍ତ ଯେତେ ପର୍ବପର୍ବାଣୀ ଓଡିଆମାନେ ପାଳନ କରନ୍ତି ସେଥିରେ ଭରି ରହିଥାଏ ପବିତ୍ରତା । ଭଗବାନ ଶ୍ରୀବିଷ୍ଣୁ ଏହିଦିନ ଯବ ଶସ୍ୟ ଉତ୍ପାଦନ କରିଥିଲେ । ମାନବ ସମାଜ ବଞ୍ଚି ରହିବା ପାଇଁ ଦେବତାମାନେ ଏହି ତୃତୀୟାରେ ଧାନ ଶସ୍ୟ ଦାନ କରିଥିଲେ । ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିକୁ ସକଳ କୃଷି କାର୍ଯ୍ୟର ଶୁଭାରମ୍ଭ ଦିବସ ଭାବେ ଗ୍ରହଣ କରି ଓଡିଶାର କୃଷକ ଏହି ଦିନ ଅମୃତ ବେଳାରେ 'ଅଖୀମୁଠି' ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାଏ ।

ମାସ ମଧ୍ୟରେ ବୈଶାଖ, ପକ୍ଷ ମଧ୍ୟରେ ଶୁକ୍ଳପକ୍ଷ ଓ ତିଥି ମଧ୍ୟରେ ଶୁକ୍ଳପକ୍ଷର ତୃତୀୟା ତିଥି ସବୁଠାରୁ ମଙ୍ଗଳମୟ ଓ ଶୁଭଦାୟକ । ଏଣୁ ଅକ୍ଷୟ ତୃତୀୟା ବର୍ଷର ସବୁଠାରୁ ଶୁଭଦାୟକ ତିଥି ଭାବରେ ବିବେଚିତ । ଅକ୍ଷୟ ତୃତୀୟା ହିଁ ଆଣେ ସଫଳତା ଓ ସୌଭାଗ୍ୟ । ପୌରାଣିକ ଯୁଗରୁ ଏହି ଶୁଭ ଦିବସଟି ପାଳିତ ହୋଇ ଆସୁଥିଲେ ମଧ୍ୟ ଓଡିଶାବାସୀଙ୍କ ପାଇଁ ଏହା ଏକ ସର୍ବ ମଙ୍ଗଳ ଦିବସ । ସମସ୍ତ ଶୁଭକାର୍ଯ୍ୟର ଅନୁକୂଳ ଏହି ଦିନରୁ କରାଯାଇଥାଏ । ନାନା ପୁଣ୍ୟ ଓ ଧର୍ମାଦି କର୍ମ ଏହି ଦିନ ଅନୁଷ୍ଠିତ ହୋଇଥାଏ । ବୈଦିକ ମତାନୁଯାୟୀ ଏହି ଅକ୍ଷୟ ତୃତୀୟା ଦିନ ବିଶ୍ୱ ବ୍ରହ୍ମାଣ୍ଡରେ ସତ୍ୟଯୁଗ ଆରମ୍ଭ ହୋଇଥିଲା । ପୁରାଣ ବର୍ଣ୍ଣନା ଅନୁସାରେ ବୈଶାଖର ତୃଷାର୍ତ୍ତ ପ୍ରାଣୀମାନଙ୍କୁ ଜଳଯୋଗାଇ ଦେବା ନିମନ୍ତେ ଭଗବାନ ଏହି ଅକ୍ଷୟ ତୃତୀୟା ଦିନ ସ୍ୱର୍ଗରୁ ପାବନୀ ଗଙ୍ଗାଙ୍କୁ ଧରାବତରଣ କରାଇଥିଲେ । ଏହି ଦିନ ଗଙ୍ଗାଙ୍କ ବାସସ୍ଥଳ ହିମାଚଳ ଏବଂ ଗଙ୍ଗାଙ୍କୁ ମର୍ତ୍ତ୍ୟକୁ ଆଣିଥିବା ଭଗୀରଥଙ୍କର ମଧ୍ୟ ପୂଜା ହୁଏ । ବିଷ୍ଣୁଙ୍କ ଦଶ ଅବତାର ମଧ୍ୟରୁ ଷଷ୍ଠ ଅବତାର ପର୍ଶୁରାମଙ୍କ ଜନ୍ମଦିବସ ଏହି ଅକ୍ଷୟ ତୃତୀୟା । ଏଣୁ ଏହି ତିଥିକୁ ସମଗ୍ର ଭାରତବର୍ଷରେ ପର୍ଶୁରାମ ଜୟନ୍ତୀ ଭାବରେ ମଧ୍ୟ ପାଳନ କରାଯାଏ । ଏହି ଅକ୍ଷୟ ତୃତୀୟା ତିଥିରେ କୃଷିର ଆରାଧ୍ୟଦେବ ହଳାୟୁଧ ବଳରାମ ବିବାହ କରିଥିଲେ । ଦ୍ୱାପର ଯୁଗରେ ବନ୍ଧୁତ୍ୱର ଚରମ ନିଦର୍ଶନ ଦେଖାଇଥିବା ମହାଭାରତର ଅନ୍ୟତମ ପ୍ରଭାବଶାଳୀ ଚରିତ୍ର ସୁଦାମା ଏହି ତିଥିରେ ସଖା ଶ୍ରୀକୃଷ୍ଣଙ୍କୁ ଭେଟିଥିଲେ । ପ୍ରିୟ ସଖା ଆଣିଥିବା ଖୁଦ ଭଜା ଶ୍ରୀକୃଷ୍ଣ ଖାଇ ସୁଦାମାଙ୍କୁ ଐଶ୍ୱର୍ଯ୍ୟ ପ୍ରଦାନ କରିଥିଲେ । ଏହି ତିଥିରେ ବ୍ୟାସଦେବଙ୍କ ଠାରୁ ମହାଭାରତ ଶୁଣି ଗଣେଷ ଲିଖନ ଆରମ୍ଭ କରିଥିଲେ । କିମ୍ବଦନ୍ତୀ ଅନୁଯାୟୀ ମହର୍ଷି ଜନକ ବୀଜ ବପନ ପାଇଁ ଭୂମି କର୍ଷଣ କରୁଥିବା ସମୟରେ ମାଟି ଭିତରୁ ସୀତାଙ୍କୁ ଲାଭ କରିଥିଲେ । ହଳାୟୁଧ ଶ୍ରୀ ବଳଦେବ ମାତା ରେବତୀଙ୍କୁ ଏହି ପୂଣ୍ୟ ଦିବସରେ ବିବାହ କରିଥିଲେ । ଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଚନ୍ଦନ ଯାତ୍ରା ବା ଚାପ ଯାତ୍ରା ଅନ୍ୟତମ । ପାରମ୍ପରିକ ଭାବେ ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ବ୍ୟାପୀ ଜଗନ୍ନାଥଙ୍କର ଚନ୍ଦନ ଯାତ୍ରାର ଆରମ୍ଭ ଏହି ଅକ୍ଷୟ ତୃତୀୟା ଠାରୁ ହୋଇଥାଏ ।

ସତ୍ୟ ଓ ସମନ୍ୱୟର ଉଦ୍‌ଘୋଷ କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରା ବେଳେ ଯେଉଁ ରଥରେ ଚଢି ମାଉସୀ ମା'ଙ୍କ ଘରକୁ ଯାଆନ୍ତି ସେହି ରଥର ନିର୍ମାଣ କାର୍ଯ୍ୟ ଏହି ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥାଏ । 'ଗୀତଗୋବିନ୍ଦ' ମହାକାବ୍ୟର ସ୍ରଷ୍ଟା ତଥା ଜଗନ୍ନାଥଙ୍କର ପ୍ରିୟ ଭକ୍ତ ଅମର କବି ଜୟଦେବ ପୁରୀ ନିକଟବର୍ତ୍ତୀ ପ୍ରାଚୀ ନଦୀ ତଟସ୍ଥକେନ୍ଦୁ ଓ ବିଲ୍ୱ ପରିବେଷ୍ଟିତ କେନ୍ଦୁଲି ଗ୍ରାମରେ ଦ୍ୱାଦଶ ଶତକରେ ଅକ୍ଷୟ ତୃତୀୟା ଦିନରେ ଜନ୍ମଗ୍ରହଣ କରିଥିଲେ । ଶ୍ରୀ ଜଗନ୍ନାଥଙ୍କ ସେବାରେ ଜୟଦେବ ସମଗ୍ର ଜୀବନ ଅତିବାହିତ କରିଥିଲେ । ଭକ୍ତକବି ଜୟଦେବଙ୍କ ପାଇଁ ଓଡିଶାର କାବ୍ୟ ଓ ସଂଗୀତ ସମଗ୍ର ଦେଶରେ ଖ୍ୟାତି ଲାଭ କରିଥିଲା । ତାଙ୍କ ରଚିତ ଅମର କାବ୍ୟ ଗୀତଗୋବିନ୍ଦ ଓଡିଶାର ଘରେ ଘରେ ପୋଥି ପେଡିରେ ଗ୍ରାମର ପୋଥି ଗାଦିରେ ଏବେ ମଧ୍ୟ ବିଦ୍ୟମାନ । ପ୍ରତ୍ୟହ ଜଗନ୍ନାଥଙ୍କର ସନ୍ଧ୍ୟାଧୂପ ପରେ ଠାକୁରଙ୍କର ବଡସିଂହାର ବେଶ ବେଳେ ଗୀତଗୋବିନ୍ଦର ଗୋଟିଏ ଲେଖାଁଏ ସର୍ଗକୁ ଜୟଦେବଙ୍କ ପୈତୃକ ଗ୍ରାମ କେନ୍ଦୁଲିର କୁମ୍ଭକାରଙ୍କ ଦ୍ୱାରା ପ୍ରସ୍ତୁତ ପାଟଖଣ୍ଡୁଆରେ ଅଙ୍କିତ କରାଯାଇ ଜଗନ୍ନାଥଙ୍କୁ ଅର୍ପଣ କରାଯାଏ ।

ଶିଶୁମାନଙ୍କର ମଙ୍ଗଳକାରିଣୀ ହେଉଛନ୍ତି ଷଠିଦେବୀ । ଅକ୍ଷୟ ତୃତୀୟା ଦିନ ଷଷ୍ଠୀ ଦେବୀ ବା ଷଠି ଦୁସେଇଙ୍କର ପୂଜା ସ୍ତ୍ରୀଲୋକମାନେ କରୁଥିବାରୁ ଏହାର ଗୁରୁତ୍ୱ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରାତଃ କାଳରୁ ଗୃହର କୁଳବଧୂ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ ପୂର୍ବକ ନିଷ୍ଠାର ସହ ଏହି କାର୍ଯ୍ୟ କରିଥାନ୍ତି । ଛୋଟ ଛୋଟ ମାଟି ଘଡିରେ ଚୂଡା ଭଜା, ଖଇ, ନଡିଆ ଇତ୍ୟାଦି ପୂର୍ଣ୍ଣ କରି ତାହା ଉପରେ ବିଭିନ୍ନ ପ୍ରକାର ଫଳ ଓ ମିଠା ଜାତୀୟ ପଦାର୍ଥ ସଜାଇଥାନ୍ତି । ପୂଜା ସରିବା ପରେ ଏସବୁକୁ ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ ନିଜ ହାତରେ ବଣ୍ଟନ କରିଥାନ୍ତି । ପିଲାମାନଙ୍କୁ ପଡି ବାଣ୍ଟିଲେ ଷଠି ଦେବୀ ଖୁସି ହେବେ ଏବଂ ନିଜ ପରିବାରର ପିଲାମାନଙ୍କର ମଙ୍ଗଳ ହେବ ବୋଲି ବିଶ୍ୱାସ କରାଯାଏ ।

ସାଧାରଣତଃ ଖରିଫ ଋତୁ ଏହି ପବିତ୍ର ଦିବସ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୁଏ । ଅକ୍ଷୟ ତୃତୀୟା ପୂର୍ବ ରାତ୍ରରୁ କୃଷକ ଓ କୃଷକ ଗୃହିଣୀ ଉଭୟେ ପବିତ୍ରତା ପାଳନ ପୂର୍ବକ ଅନୁକୂଳ ବେତା ଓ ଗଉଣୀକୁ ଧୋଇ ଗୋମୟରେ ଲିପି ସେଥିରେ ଝୋଟି ଚିତା ଦିଅନ୍ତି ଏବଂ ଲଙ୍ଗଳ, ଜୁଆଳିକୁ ମଧ୍ୟ ଚିତା ଦିଅନ୍ତି । ଅକ୍ଷୟ ତୃତୀୟା ଦିନ ପ୍ରଭାତରୁ କୃଷକ ଗୃହିଣୀ ସ୍ନାନ ସାରି ଅମାର ଘରୁ ଧଳା ଧାନ ଆଣି ଟୋକେଇରେ ଭର୍ତ୍ତି କରି ଧଳା କପଡା ଘୋଡାଇ ଦିଏ । ଚାଷ ଅନୁକୂଳ ପାଇଁ ଏକ ଲଙ୍ଗଳ ଲୁହା, ଏକ ଧାନ ସ୍ୱର୍ଣ୍ଣ ଅଳଙ୍କାର, ଗୋଟା ଗୁଆ, ଘୋରା ଚନ୍ଦନ, ନଡିଆ, ଶ୍ୱେତପୁଷ୍ପ, ଘିଅଦୀପ, ଦୁବ, ବରକୋଳି ପତ୍ର, କଞ୍ଚାକ୍ଷୀର ଆଦି ଭୋଗ ସାମଗ୍ରୀକୁ ଏକାଠି କରେ । ମାହେନ୍ଦ୍ର ବେଳାରେ କୃଷକ ଗୃହିଣୀର ହୁଳହୁଳି ଓ ଶଙ୍ଖ ଧ୍ୱନି ମଧ୍ୟରେ ହଳରେ ବଳଦ ଯୋଚି ପୂର୍ବାମୁଖୀ ହୋଇ ହଳଦୀ, ଚନ୍ଦନ ଓ ସିନ୍ଦୁର ବୋଳା ଧାନକୁ ମୁଣ୍ଡାଇ ବିଲକୁ ଯାଏ । କୃଷକ ଗୃହିଣୀ ଓ ପିଲା ଛୁଆମାନେ ଆବଶ୍ୟକୀୟ ଭୋଗ ସାମଗ୍ରୀ ଧରି କୃଷକର ପଛେ ପଛେ ବିଲକୁ ଯାଆନ୍ତି । ବିଲର ପୂର୍ବଦିଗରେ ବିହନ ପାତ୍ର ଓ ପୂଜା ସାମଗ୍ରୀ ରଖି କୃଷକ ପାଣି ଛିଞ୍ଚେ । ସେଠାରେ ପ୍ରଥମେ ଐଶାନ୍ୟ କୋଣରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗ ଦେଇ ବସୁମାତାଙ୍କୁ ପ୍ରଣାମ କରେ । ପୂଜା ପରେ ବିଧି ଅନୁସାରେ ଧାନ ବୁଣା ଆରମ୍ଭ କରେ ଏହାକୁ ଅଖୀମୁଠି କୁହାଯାଏ । କୃଷକ ନିଜ ବିଲରେ ଅଖୀମୁଠି ବୁଣିସାରି ମା' ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରାର୍ଥନା କରି କହିଥାଏ ଏ ଅକ୍ଷୟମୁଠି ଯେପରି କ୍ଷୟ ନ ହେଉ । ମୁଠି ଅନୁକୂଳ ପ୍ରସାଦକୁ ଗୃହକର୍ତ୍ତା ଶିଶୁମାନଙ୍କୁ ବଣ୍ଟନ କରନ୍ତି । ପରିବାର ବର୍ଗ ଏକତ୍ର ସେବନ କରନ୍ତି ଓ ଗୋ–ସମ୍ପଦକୁ ମଧ୍ୟ ପ୍ରଦାନ କରନ୍ତି । କୃଷକର ପରିବାର ସେଦିନ ନିରାମିଷ ଭୋଜନ କରନ୍ତି । ଶାଗ ବା ଶାଗ ମିଶା ତରକାରି ରନ୍ଧା ଯାଏନାହିଁ । ପିଠାପିଣାରେ ସମସ୍ତେ ଅପ୍ୟାୟିତ ହୋଇଥାନ୍ତି । କେବଳ ଧାନ ନୁହେଁ କଖାରୁ, ପାଣିକଖାରୁ ଆଦି ଗଛର ମଞ୍ଜି କୃଷକ ଗୃହିଣୀ ଏହିଦିନ ଲଗାଇଥାଏ । ଧାନ ବିହନ ବୁଣିବାର ପ୍ରକୃଷ୍ଟ ସମୟ ହେଉଛି ବୈଶାଖ ଶୁକ୍ଳପକ୍ଷ ତୃତୀୟା ଠାରୁ ସାବିତ୍ରୀ ଅମାବାସ୍ୟା ପର୍ଯ୍ୟନ୍ତ । ବିଜ୍ଞାନ ସମ୍ମତ କାରଣ ଅନୁଯାୟୀ ମଞ୍ଜିରୁ ବୀଜ ଅଙ୍କୁରିତ ହେବା ପାଇଁ ମାଟିର ଏକ ନିର୍ଦ୍ଦିଷ୍ଟ ଉତ୍ତାପ ଆବଶ୍ୟକ ହୋଇଥାଏ । ଧାନ ବିହନ ଗଜା ହେବାପାଇଁ ଆବଶ୍ୟକ ନିର୍ଦ୍ଦିଷ୍ଟ ଉତ୍ତାପ ମାଟିରେ ଅକ୍ଷୟ ତୃତୀୟା ଠାରୁ ହିଁ ମିଳିଥାଏ ।

କୃଷିର ଆଦ୍ୟ ପର୍ବ ଅକ୍ଷୟ ତୃତୀୟା । ଅକ୍ଷୟ ତୃତୀୟାରେ ହିଁ ଧନ ଓ ଐଶ୍ୱର୍ଯ୍ୟର ଦେବୀ ମା' ଲକ୍ଷ୍ମୀ ସମୁଦ୍ର ମନ୍ଥନରୁ ଆବିର୍ଭାବ ହୋଇଥିଲେ । ସ୍ୱୟଂ ନାରାୟଣ ମା' ଲକ୍ଷ୍ମୀଙ୍କୁ ଏହି ଦିନ ସଙ୍ଗରେ ନେଇ ଯାଇଥିଲେ । ଆୟ ଅଳଙ୍କାର ପ୍ରତି ଓଡିଆ ରମଣୀଙ୍କର ରହିଛି ସ୍ୱତନ୍ତ୍ର ଆକର୍ଷଣ । ପରମ୍ପରା ଅନୁଯାୟୀ ଏହି ଦିନ କୌଣସି ଶୁଭ କାର୍ଯ୍ୟ ଆରମ୍ଭ କଲେ କିମ୍ବା ଧାତବ ପଦାର୍ଥ ଓ ସୁନାଗହଣା କିଣିଲେ ଘରକୁ ସୁଖ,ସୌଭାଗ୍ୟ ଓ ସମୃଦ୍ଧି ଆସେ ଏବଂ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି ।

**ଭୁଷଳ,ଭୁବନ,ଢେଙ୍କାନାଳ**
**ମୋ–୯୪୩୭୭୨୯୩୮୪**

# ଓଡ଼ିଶାର ଗର୍ବ ସ୍ଥାପତ୍ୟ ଶିଳ୍ପୀ– ରଘୁନାଥ ମହାପାତ୍ର

**ଅକ୍ଷୟ କୁମାର ରାଉତ**

ମଣିଷମାନଙ୍କ ଦ୍ୱାରା ଦେଶ, ଜାତି, ରାଷ୍ଟ୍ର ଓ ସମାଜ ଗଢ଼ା ଯାଇଛି । ପ୍ରତ୍ୟେକ ସମାଜର ଦୁଇଟି ଆଖି ଥାଏ , ତାହା ହେଉଛି ସଭ୍ୟତା ଓ ସଂସ୍କୃତି । ସଂସ୍କୃତି ହେଉଛି ସମାଜର ଦେବତା, ସଭ୍ୟତା ତା'ର ବାହନ । ମଣିଷର ସଂସ୍କୃତି ସଂକୀର୍ଣ୍ଣ ହେଲେ ତାର ସଭ୍ୟତା ବିପଦରେ ପଡ଼ିଥାଏ । ଆମ ଓଡ଼ିଶା ହେଉଛି ସାହିତ୍ୟ ,କଳା, ଭାସ୍କର୍ଯ୍ୟ ଓ ସଂସ୍କୃତି ସଭ୍ୟତାର ଦେଶ । ଯେଉଁଠି ଶିଳାରେ ସୌରଭ ଭରି ନିହାଣ ମୁନରେ ନିର୍ଜୀବ ପାଷଣକୁ ଜୀବନ୍ୟାସ ଦେଇ କୀର୍ତ୍ତିମାନ ସ୍ଥାପନ କରନ୍ତି ଶିଳ୍ପୀ । ସେହି ଦେଶରେ ଏକ ସାଧାରଣ ପରିବାରରେ ୧୯୪୩ ମସିହା ମାର୍ଚ୍ଚ ୨୩ ତାରିଖରେ ପୁରୀ (ହରଚଣ୍ଡିସାହି) ପଥୁରୀୟା ସାହିରେ ଜନ୍ମଗ୍ରହଣ କରିଥିଲେ ସାଂସଦ ପଦ୍ମ ବିଭୂଷଣ ଡ଼. ରଘୁନାଥ ମହାପାତ୍ର । ତାଙ୍କ ପିତା ଦାମୋଦର ମହାପାତ୍ର ଓ ମାତା ସୁକାନ୍ତି ଦେବୀ ।

ରଘୁନାଥଙ୍କୁ ଯେତେବେଳେ ୫ ବର୍ଷ ସେତେବେଳେ ତାଙ୍କୁ ଜ୍ୱର ହୋଇଥିଲା । କୌଣସି ଔଷଧ କାର୍ଯ୍ୟ କଲା ନାହିଁ । ପିତାମାତା ମା' ହରଚଣ୍ଡିଙ୍କ ଆଶ୍ରୟ ନେବାରୁ ସେ ଭଲ ହୋଇଗଲେ । ସେହି ଦିନ ଠାରୁ ରଘୁନାଥ ମା'ଙ୍କ ଭକ୍ତ ପାଲିଟିଗଲେ । ଘରଦ୍ୱାର ଛାଡ଼ି ସେ ମା'ଙ୍କୁ ଖୋଜିବା ପାଇଁ ବଣ ଜଙ୍ଗଲରେ ଅଖିଆ ଅପିଆ ବୁଲିଲେ । ସେ ଜଣେ ସାଧୁଙ୍କ ସାନ୍ନିଧ୍ୟ ପାଇଁ ରାମେଶ୍ୱର ଠାରେ ସାଧାନାରେ ବ୍ରତୀ ହେଲେ । ଶେଷରେ ସେ ଶିବଙ୍କର ଆଶୀର୍ବାଦ ପ୍ରାପ୍ତ ହେଲେ । ଦୁଇବର୍ଷ ପରେ ସେ ଘରକୁ ଫେରି ଜଗନ୍ନାଥଙ୍କ ଭାବଭକ୍ତିର ଆଶ୍ରୟ ନେଇ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ ।

ସେ ଛୋଟ ବେଳୁ ଅଜା ଅପର୍ତ୍ତି ମହାପାତ୍ରଙ୍କ ଠାରୁ ମୂର୍ତ୍ତି ଗଢ଼ିବା ଶିକ୍ଷା ଲାଭ କରିଥିଲେ । ରଘୁନାଥ ପୁରୀ ବଡ଼ଦାଣ୍ଡରେ ଥିବା ବିଭିନ୍ନ ଦୋକାନରେ ମୂର୍ତ୍ତି ବିକ୍ରି ପାଇଁ ଦିଅନ୍ତି ଆଉ କିଛି ମୂର୍ତ୍ତି ସମୁଦ୍ର କୂଳରେ ବିକ୍ରି କରି ସନ୍ଧ୍ୟା ବେଳକୁ ଦୋକାନୀଙ୍କ ଠାରୁ ପଇସା ଆଦାୟ କରି ଘରକୁ ଫେରନ୍ତି । ଏହା ଥିଲା ତାଙ୍କର ନିତିଦିନିଆ ବେଉସା । ଦିନେ ମୂର୍ତ୍ତି ଗଢ଼ିବା ସମୟରେ ପଥୁରୀଆ ସାହିକୁ ଓଡ଼ିଶା ଓ କଲିକତାର ଡ଼ିଜାଇନ୍ ସେଣ୍ଟରର ଦୁଇ ନିର୍ଦ୍ଦେଶକ ଆସିଥିଲେ । ସେମାନେ ରଘୁନାଥଙ୍କ କାର୍ଯ୍ୟ ଦେଖି ଖୁସି ହୋଇ ତାଙ୍କୁ ଆତ୍ମନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ । କାଳବିଳମ୍ବ ନ କରି ରଘୁନାଥ ଭୁବନେଶ୍ୱର ଠାରେ ଥିବା ହ୍ୟାଣ୍ଡିକ୍ରାଫ୍ଟ ଡ଼ିଜାଇନ ଆଣ୍ଡ ଟ୍ରେନିଂ ସେଣ୍ଟରରେ ଚାକିରିରେ ଯୋଗ ଦେଲେ । ଏଠାରେ କାର୍ଯ୍ୟ କରିବା ସମୟରେ କାରିଗର ଜୀବନର ଏକ ପରିବର୍ତ୍ତନ ଆସିଲା । ସେ ସର୍ବଭାରତୀୟ ହସ୍ତଶିଳ୍ପ ବୋର୍ଡ଼ ପକ୍ଷରୁ ହେଉଥିବା ପ୍ରତିଯୋଗିତାରେ ଭାଗ ନେଲେ । ସେ କୋଣାର୍କ ଘୋଡ଼ା ତିଆରୀ କରି ପ୍ରତିଯୋଗିତାକୁ ପଠାଇଥିଲେ । ଏହି ପ୍ରତିଯୋଗିତାରୁ ସେ ପ୍ରଥମ କରି ଜାତୀୟ ସ୍ୱୀକୃତି ପାଇ ରାଷ୍ଟ୍ରପତି ଡ. ଭି.ଭି.ଗିରିଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।

ଜାପାନର ଫୁଜି ଗୁରୁଜୀଙ୍କ ଦିଗ୍‌ଦର୍ଶନରେ ରଘୁନାଥ ମହାପାତ୍ର ଧଉଳି ଠାରେ ୧୮ ଫୁଟର ବୁଦ୍ଧ ମୂର୍ତ୍ତି ନିର୍ମାଣ କରି ସମସ୍ତଙ୍କୁ ବିସ୍ମିତ କରିଥିଲେ । ଫୁଜି ଗୁରୁଜୀ ତାଙ୍କର ନିର୍ମାଣ ଶୈଳୀ ଦେଖି ଜାପାନ ଯିବାକୁ ତାଙ୍କୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ତାଙ୍କ ପ୍ରସ୍ତାବ ରଘୁନାଥ ପ୍ରତ୍ୟାଖାନ କରିଥିଲେ । ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଭାବେ ଜଣାଶୁଣା ରଘୁନାଥ ଶିଳ୍ପୀ ଗୁରୁ କଳା ଜଗତରେ ଗୋଟିଏ ପରେ ଗୋଟିଏ ଅନନ୍ୟ କଳାର ସୃଷ୍ଟି କରି ଦେଶ ବିଦେଶରେ ପରିଚିତ ହୋଇଥିଲେ । ତାଙ୍କର କଳାକୃତି ମଧ୍ୟରେ ଭୁବନେଶ୍ୱର ମାଷ୍ଟର କାଣ୍ଟିନ ଛକରେ କୋଣାର୍କ ଘୋଡ଼ା, କଟକ ବାରବାଟି ଷ୍ଟାଡ଼ିୟମ୍‌ରେ କୋଣାର୍କ ଘୋଡ଼ା, ଭୁବନେଶ୍ୱର ଏୟାର ପୋର୍ଟରେ ୧୬ଟି କୋଣାର୍କ ଚକ୍ର, ଟିଟିଲାଗଡ଼ରେ ୭୦ ଫୁଟ ଉଚ୍ଚତାର ୩ଟି ମନ୍ଦିର, ଗଞ୍ଜାମର ନୂତନ ତାରାତାରିଣୀ ମନ୍ଦିର, ବାଲେଶ୍ୱର ଇମାମି ଜଗନ୍ନାଥ ମନ୍ଦିର, ଧଉଳିରେ ୨ ଟି ବୌଦ୍ଧ ମୂର୍ତ୍ତି, ସଂସଦରେ ସ୍ଥାପିତ ସୂର୍ଯ୍ୟ ନାରାୟଣ ମୂର୍ତ୍ତି, ରାଜୀବ ଗାନ୍ଧିଙ୍କ ସମାଧିପୀଠରେ ପଦ୍ମ, ନୂଆ ଦିଲ୍ଲୀ ଅଶୋକା ହେଟେଲରେ କୋଣାର୍କ ଚକ୍ର , ହରିଆନା ସ୍ୱରଜ କୁଣ୍ଡରେ ୧୫ ଫୁଟର ବୁଦ୍ଧ ମୂର୍ତ୍ତି, ଆମେରିକାର ଉତ୍ତର ଆଲବାମାରେ ଜଗନ୍ନାଥ ମନ୍ଦିର , ଲଦାଖରେ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ୩ଟି ବୌଦ୍ଧ ମୂର୍ତ୍ତି ,ଫ୍ରାନ୍ସରେ କାଠର ବିଶାଳ ବୌଦ୍ଧ ମୂର୍ତ୍ତି, ଜାପାନରେ ୧୫ ଫୁଟ ଉଚ୍ଚତାର ଅଶୋକସ୍ତମ୍ଭ , ଓଡ଼ିଶାର ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଦେଶର କିଛି ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଯିଏକି ତିନୋଟି ପଦ୍ମ ସମ୍ମାନ ପାଇବାରେ ହକଦାର ହୋଇଥିଲେ । ସେ ପ୍ରସ୍ତର ଶିଳ୍ପ କୃତି ପାଇଁ ୩୩ବର୍ଷ ବୟସରେ ୧୯୭୫ରେ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୦୦୧ ମସିହାରେ ସେ 'ପଦ୍ମଭୂଷଣ' ପୁରସ୍କାର ପାଇଥିଲେ । ୨୦୧୩ରେ ତୃତୀୟ ଓଡ଼ିଆ ଭାବେ 'ପଦ୍ମବିଭୂଷଣ' ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ଅନ୍ୟାନ ପୁରସ୍କାର ଭାବେ ନୃତ୍ୟଗୁରୁ କେଲୁ ଚରଣ ମହାପାତ୍ର ଓ କବି ସୀତାକାନ୍ତ ମହାପାତ୍ର ପୁରସ୍କାରରେ ପୁରସ୍କୃତ ହୋଇଥିଲେ, ଏକାଡ଼େମୀର ଧର୍ମପଦ ପୁରସ୍କାର, ଶିଳ୍ପୀଗୁରୁ ସମ୍ମାନ, ଭରତମୁନି ସମ୍ମାନ ଓ ମହ୍ଲାର ପ୍ରଭୃତି ଅନ୍ୟାନ ବହୁ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି । ୨୦୦୦ରେ ତାଙ୍କୁ ଆଇସିସିଆର ସଭ୍ୟ ଭାବେ ଭାରତ ସରକାର ମନୋନୀତ କରିଥିଲେ । ସେ ମଧ୍ୟ ଓଡ଼ିଶା ଲଳିତ କଳା ଏକାଡ଼େମୀର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଏହିଭଳି ପ୍ରତିଭାଧାରୀଙ୍କୁ ରାଷ୍ଟ୍ରପତି ରାଜ୍ୟସଭାକୁ ମନୋନୀତ କରିଥିଲେ । ଅଧୁରା ରହିଗଲା ଦ୍ୱିତୀୟ କୋଣାର୍କ ନିର୍ମାଣର ସ୍ୱପ୍ନ , ନିରବୀଗଲା ନିହଣର ମୁନ, ସବୁଦିନ ପାଇଁ ଲୁଚିଗଲା ମହାନ୍ ସ୍ଥାପତ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ଅସୁମାରୀ ଆଶା ଓ ଆକାଂକ୍ଷା, ୨୦୨୧ ମସିହା ମେ ମାସ ୯ ତାରିଖରେ ୭୮ ବର୍ଷ ବୟସରେ ତାଙ୍କର ଜୀବନ ପ୍ରଦୀପ ଅସ୍ତମିତ ହୋଇଗଲା । ଏହି ମହାନ ଶିଳ୍ପୀ ତାଙ୍କର ହାତର ସ୍ପର୍ଶରେ ହଜାର ହଜାର ପଥରକୁ ଜୀବନ୍ତ କରି ଗଢ଼ି ତୋଳିଥିଲେ । ଯାହା ଆଜି ମଧ୍ୟ ଜନମାନସକୁ ଆକର୍ଷଣ କରୁଛି । ତାଙ୍କର ପାର୍ଥିବ ଶରୀର ଆଜି ଆମ ଗହଣରେ ନାହିଁ ସତ, କିନ୍ତୁ ସେ ଯୁଗ ଯୁଗ ଧରି ତାଙ୍କର ସୃଷ୍ଟି ପଥରମୂର୍ତ୍ତିରେ ଜୀବନ୍ତ ହୋଇ ରହିଛନ୍ତି । ରାଜ୍ୟ ତଥା ଦେଶର କଳା ଜଗତ ତାଙ୍କର ଅମ୍ଳାନ କୃତିକୁ ସଦାସର୍ବଦା ଚିରସ୍ମରଣୀୟ କରି ରଖିବ ।

**ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତସିଂହପୁର,**
**ମୋ–୯୯୩୭୬୯୧୪୭୫**

# ଚିନ୍ତାମୁକ୍ତ ରହିବାର ଉପାୟ

ଚିନ୍ତାମୁକ୍ତ ହେବାର କଥା କହିବାହିଁ ସବୁଠୁ ବଡ ଚିନ୍ତାର ବିଷୟ । ଚିନ୍ତାଶୁଭ ଅଟେ, ଚିନ୍ତା ପ୍ରାକୃତିକ ଅଟେ ଆଉ ଚିନ୍ତା ଅନିବାର୍ଯ୍ୟ ଅଟେ । ଚିନ୍ତା

## ଅମୃତବାଣୀ

ସଂକେତ ଅଟେ, ତୁମେ ବୁଦ୍ଧିମାନ ଅଟ, ଚିନ୍ତା ସଂକେତ ଅଟେ କି ତୁମେ ଜାଗ୍ରତ ଅଛ । ଆଉ ଚିନ୍ତା ଏହା ସଂକେତ ଦିଏ କି ତୁମେ ବଞ୍ଚିଛ । ଯଦି ତୁମେ ଚିନ୍ତାକୁ ଡାକି ନାହଁ ତା ହେଲେ ତୁମେ ଚିନ୍ତାକୁ ମଧ୍ୟ ଭଗେଇପାରିବ ନାହିଁ ।

ଚିନ୍ତାର ଅର୍ଥ ହେଲାକି ଆମେ ପ୍ରବାହରେ ନ ଯାଇ, ଆମେ ଅଟକିଗଲେ । ଚିନ୍ତାର ଅର୍ଥ ହେଲା ଆମେ ନିଜକୁ କୌଣସିବସ୍ତୁ, ସମସ୍ୟା ଅଥବା ବ୍ୟକ୍ତିର ସହିତ ଯୋଡିକରି ଦେଖିବା ଆରମ୍ଭ କରିଦେଲେ ଆଉ ଆମେ ନିଜର ସ୍ୱତନ୍ତ୍ରତାକୁ ହରେଇ ଦେଲେ ।

ଚିନ୍ତାକୁ ସ୍ୱୀକାର କରିନେବା ହିଁ ପୁରାଚେତନା ସହିତ, ଯେମିତି ଯେମିତି ଚେତନାର ସ୍ୱର ବଢିବ ଚିନ୍ତାରୁ ଧ୍ୟାନ ହଟିଯିବ । ଚିନ୍ତାରୁ ଯଦି ଧ୍ୟାନ ଥରେ ହଟିଗଲା ତା ହେଲେ ଚିନ୍ତାମୁକ୍ତ ନିଜର ହେଇଯିବ । ପ୍ରବାହରେ ରହିଲେ ଚିନ୍ତା ହୁଏ ନାହ । ଁ ଖାତିର କରିଲେ ଚିନ୍ତାରୁ ମୁକ୍ତି ମିଳିବନି । ପ୍ରବାହତ ଗୋଟିଏ ଲହଡି ଭଳି ଉପରୁ ଆଉ ତଳକୁ ଯିବା ଅନିବାର୍ଯ୍ୟ ଅଟେ । ଏହି ଲହଡି ଉପରକୁ ଉଠିଥାଏ ଆଉ କିଛି ସମୟ ପରେ ସେହି ଲହଡି ତଳକୁ ଆସିବା ଆରମ୍ଭ କରିଥାଏ । ଲହଡି ଛାଡିଲାବେଳେ କିଛିହେବ ନାହିଁ କେବଳ ପାଣି ଆଉ ଗୋଳିଆ ହେବ ।

ଆଉ ଲହଡିର ପ୍ରାକୃତିକ ଲୟବଦ୍ଧତା ମଧ୍ୟ ଭାଙ୍ଗିଯାଏ । ଚିନ୍ତାର ପୂର୍ଣ୍ଣତା ସ୍ୱୀକାର କରିକି ବାସ୍ ଦେଖି ରହିବା । ଯଦି କୌଣସି ରୋଗ ଅଛି ତା ହେଲେ ତାର ଚିକିତ୍ସା କରେଇବାକୁ ହେବ । ଯିଦ କୌଣସି ଅସୁବିଧା ଅଛି ତା ହେଲେ ଏହାର ଉପାୟ ଖୋଜିବାକୁ ପଡିବ । କିନ୍ତୁ ଯଦି ଅକାରଣହିଁ ଚିନ୍ତା । ହେଇଗଲେ ତା ହେଲେ ଏହାକୁ



ଗୋଟିଏ ସୁରକ୍ଷିତ ରାସ୍ତା ଦେଇ ଦେବାକୁ ହେବ । ଆଉ ଚିନ୍ତା ତୁମକୁ ଛାଡିକରି ଚାଲିଯିବ । କୌଣସି କଲୋନୀରେ ଗୋଟିଏ ସିଂହ ପଶି ଆସିଲା, ସେତେବଳେ ଜଙ୍ଗଲର ଅଧିକାରୀଙ୍କୁ ଡକାଯାଏ, ସେ ସମସ୍ତ ଭୟଭୀତ କଲୋନୀର ଲୋକଙ୍କୁ କହିଥାନ୍ତି କି ସିଂହକୁ ଯିବା ପାଇଁ ସୁରକ୍ଷିତ ରାସ୍ତା ଦେଇ ଦିଅନ୍ତୁ ।

ଚିନ୍ତା ମଧ୍ୟ ସେହି ସିଂହଭଳି ପୁରା ଛାଡି ପଳେଇବ । ଯେତେବେଳେ ତୁମେ ପୁରା ସଚେତ ହୋଇକରି ଦୂରରୁ ତାକୁ ଦେଖୁଥିବ ।

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,**
**ୟୁନିଟ୍–୯(ଫ୍ଲାଟ),ଭୁବନେଶ୍ୱର–୨୨**
**ମୋ–୭୯୭୮୮୩୦୬୧୧**

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁକ୍ତ ୨...

ନିଜର ବାଇକ ରେ ନେଇଯାଇ ବିଜିପୁର ଠାରେ ଛାଡ଼ିଦେଇଥିଲେ । ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ବର୍ଗଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ଛାତ୍ରୀଙ୍କ ପରିବାର ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା ।ସେହିକ୍ରମରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା ।ପିଡିତା ଛାତ୍ରୀଙ୍କ ବୟାନ ରେକର୍ଡ କରାଯିବା ସହ ଏମକେସିଜି ମେଡିକାଲରେ ଡାକ୍ତରୀ ମାଇନା କରାଯାଇଥିଲା। ଏହାପରେ ଯେଉଁ ଯୁବକ ଜଣକ ନାବାଳିକାକୁ ଘରକୁ ଡାକି ନେଇଥିଲେ ତାଙ୍କୁ ପୋଲିସ ପ୍ରଥମେ କାବୁ କରିଥିଲା । ଏହା ପରେ ପରେ ଅନ୍ୟଯୁବକମାନଙ୍କୁ ପୋଲିସ ଧରିବାରେ ସଫଳ ହୋଇଛି । ମୁଖ୍ୟ ଅଭିଯୁକ୍ତ ହେଲା ରତ୍ନୁ କୁମାର ଦାସ , ରୁଦ୍ର ଜେନା , ଅଭିଳାଷ ପୋଲାଇ ,ଯମୁନା ଗଉଡ , ଆକାଶ ନାୟକ ଘଟଣାରେ ସଂପୃକ୍ତ ଥିବା ସମସ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି । ସେପଟେ ନବାଳିକା ଜଣକ ଥାନାରେ ୬ରୁ ୭ଜଣ ଯୁବକ ସଂପୃକ୍ତ ଥିବା ନେଇ ଲିଖିତ ଅଭିଯୋଗ କରିଥିବା ବେଳେ ଏହି ଘଟଣାରେ ଆଉ କାହାରି ସଂପୃକ୍ତି ରହିଛି ସେନେଇ ପୋଲିସ ଅଧିକା ତଦନ୍ତ ଜାରୀ ରଖିଥିବା ବ୍ରହ୍ମପୁର ଏସପି ସାର୍ଥକ ଷଡଙ୍ଗୀ କହିଛନ୍ତି ।

### କାଳବୈଶାଖୀ...

ବର୍ଷା ସହ ପବନ ଘଣ୍ଟାପ୍ରତି ୪୦-୫୦ କିମି ବେଗରେ ବୋହିପାରେ । ସେହିପରି ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲ୍ଲାରେ କାଳବୈଶାଖୀ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏସବୁ ଜିଲ୍ଲାଗୁଡ଼ିକରେ ଘଡ଼ଘଡ଼ି, ବର୍ଷା ସହିତ ପବନ ୩୦-୪୦ କିମି ବେଗରେ ବୋହିପାରେ ।

### ବିଜେପି...

କଲେ । ମା' ସମଲେଇ ପ୍ରକଳ୍ପକୁ ବନ୍ଦ କରିବାକୁ ଚେଷ୍ଟା କରି ସୁପ୍ରିମ୍‌କୋର୍ଟରେ ମାମଲା କରି ଓକିଲ ଫିସ୍ ୩୦ ଲକ୍ଷ ଦେଇଛନ୍ତି । ଏହି ଚକ୍ରାନ୍ତ କିଏ କରିଥିଲା ଆପଣମାନେ ଜାଣନ୍ତି । ନବୀନ ବାବୁ ସୁପ୍ରିମ୍‌କୋର୍ଟରେ ଲଢ଼ି ପ୍ରକଳ୍ପ କଲେ । ଜଗନ୍ନାଥ ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପ ବନ୍ଦ କରିବାକୁ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ଚେଷ୍ଟା କରି ସଫଳ ହେଲେନାହିଁ । ବିଜୁ ଏକ୍ସପ୍ରେସ୍ ୱେ ଯୋଗୁ ପଦ୍ମପୁର ସବ୍‌ଡିଭିଜନ ସବୁଠୁ ଅଧିକ ଲାଭବାନ ହୋଇଛି । ପଡୋଶୀ ଛତିଶଗଡରେ ନକ୍ସଲ ସମସ୍ୟା ରହିଛି । ଡବଲ ଇଞ୍ଜିନ ସରକାର କିଛି କରିପାରୁନି । ହେଲେ ନବୀନ ଇଞ୍ଜିନ ସରକାର ବିକାଶ ଜରିଆରେ ଓଡ଼ଶାକୁ ଶାନ୍ତ ରଖିଛନ୍ତି । ଏହାଛଡା ବିକାଶ କାର୍ଯ୍ୟର ସେ ହିସାବ ଦେବାସହ ପରିଣିତା ମିଶ୍ରଙ୍କୁ ଲୋକସଭା ଓ ବର୍ଷା ସିଂ ବରିହାଙ୍କୁ ବିଧାନସଭା ଲାଗି ଭୋଟ୍ ଦେବାକୁ ଅନୁରୋଧ କରିଥିଲେ । ସେହିଭଳି ଭେଡେନ୍‌ରେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଓଡ଼ିଶା ମା'ର ସେବା ମୁଖ୍ୟମନ୍ତ୍ରୀଙ୍କ ଧର୍ମ । ନବୀନ ପଟ୍ଟନାୟକ ଲୋକଙ୍କୁ କାମର ହିସାବ ଦିଅନ୍ତି । ଅନ୍ୟ କେଉଁ ମୁଖ୍ୟମନ୍ତ୍ରୀ ଦିଅନ୍ତି ବୋଲି କି ପ୍ରଶ୍ନ କରିଥିଲେ । ବିରୋଧୀ ନିଜେ କାମ କରିବେନି କି କାହାକୁ କରାଇ ଦେବେନି । ଶୋଇଥିବା ଲୋକକୁ କିଏ ଉଠାଇବ । ୨୦୧୪ ରୁ ୨୦୧୯ ଓ ୨୦୨୪ ସବୁବେଳେ ଗୋଟିଏ ପ୍ରତିଶ୍ରୁତି ଏମ୍‌ଏସ୍‌ପିକୁ ଦ୍ୱିଗୁଣିତ କରିବୁ । ୧୦ ବର୍ଷ ହେଲାଣି କଲେନାହିଁ ଆଉ କ'ଣ କରିବେ ବୋଲି ଶ୍ରୀ ପାଣ୍ଡିଆନ କଟାକ୍ଷ କରିଛନ୍ତି ।

### ଅମ୍ବାନୀ...

ଚାହେଁ ଯେ ନରେନ୍ଦ୍ର ମୋଦି ଏହି ଶିଳ୍ପପତିମାନଙ୍କୁ ଯେତେ ଟଙ୍କା ଦେଇଛନ୍ତି କଂଗ୍ରେସ ସେତିକି ଟଙ୍କା ଦେଶର ଗରିବଙ୍କୁ ଫେରାଇ ଦେବ ।

---

### ନୀଳାଚଳ ସାରସ୍ୱତ ସଂଘର ପ୍ରସ୍ତୁତି ବୈଠକ

## ୨୦୨୫ରେ ସୋରରେ ହେବ ୭୪ତମ ଭକ୍ତ ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ପରମହଂସ ସଦଗୁରୁ ସ୍ୱାମୀ ନିଗମାନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଙ୍ଘ ୭୪ ତମ 'ଉତ୍କଳ ଭକ୍ତ ସମ୍ମିଳନୀ'ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ୨୦୨୫ରେ ବାଲେଶ୍ୱର ଜିଲ୍ଲା ସୋର ଠାରେ ଏହି ସମ୍ମିଳନୀ ଆୟୋଜନ ହେବ ।

ବୈଠକରେ ସଙ୍ଘର ସଭାପତି ସନ୍ତୋଷ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ସଙ୍ଘର ପରିଚାଳକ ଶରତ ଚନ୍ଦ୍ର ସିଂ ଦେଓ ଯୋଗ ଦେଇ ସମ୍ମିଳନୀର ବିଭିନ୍ନ ସେବା ବିଭାଗର ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତା ୨୦୨୫ ଫେବ୍ରୁଆରୀ ମାସ ମାଘ ପୂର୍ଣ୍ଣିମାରେ ଅନୁଷ୍ଠିତ ହେବାକୁ ଥିବା ଭକ୍ତ ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ଭକ୍ତମାନଙ୍କ ରହିବା ଓ ପ୍ରସାଦ ପାଇବାର ସମସ୍ତ ବ୍ୟବସ୍ଥା ସଙ୍ଘ ପକ୍ଷରୁ ଆୟୋଜନ କରାଯିବ । ଏଥିପାଇଁ ସମ୍ମିଳନୀରେ ବିଭିନ୍ନ ସେବା ବିଭାଗର ମୁଖ୍ୟ ସେବକମାନେ ସମସ୍ତ ଆୟୋଜନର ସମୀକ୍ଷା କରିଥିଲେ । ଏହି ସମ୍ମିଳନୀରେ ସୋର ମ୍ୟୁନିସିପାଲଟିର ଉପାଧ୍ୟକ୍ଷ ସସ୍ମିତା ଦାସ, ସୋର ମହୋତ୍ସବ କମିଟିର ସମ୍ପାଦକ ଅଜିତ କୁମାର ନାୟକ, ସୋର ନାଗରିକ ମଞ୍ଚର ସମ୍ପାଦକ ପ୍ରଫେସର ନେତ୍ରାନନ୍ଦ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଦୁଇ ଦୁର୍ଦ୍ଦାନ୍ତ ମହିଳା ମାଓବାଦୀଙ୍କ ସହ ୭ ମାଓ ସଦସ୍ୟଙ୍କ ଆତ୍ମସମର୍ପଣ

କନ୍ଧମାଳ (ସବ୍ୟୁ) : ବୌଦ୍ଧ ଜିଲା ପୋଲିସ ନିକଟରେ କେକେବିଏନ୍ ମାଓ ଡିଭିଜନର ବରିଷ୍ଠ କ୍ୟାଡର୍ ର ଦୁଇ ଦୁର୍ଦ୍ଦାନ୍ତ ମହିଳା ମାଓବାଦୀ ଏବଂ ୭ ମାଓ ସଦସ୍ୟ ଆତ୍ମସମର୍ପଣ କରିଛନ୍ତି । ଦୁଇ ଦୁର୍ଦ୍ଦାନ୍ତ ମହିଳା ମାଓବାଦୀ ଯୋଗୀ ମାଡଭି ଜ୍ୟୋତି (ବୟସ -୨୦ ), ପୋଜେ ମାଡଭି (ବୟସ -୨୨ ) ବୁଧବାର ଦିନ ପୋଲିସ୍ ସାଉଥ୍ ରେଞ୍ଜର ଇନ୍ସପେକ୍ଟର ଜେନେରାଲ୍ ଜୟ ନାରାୟଣ ପଙ୍କଜ ଓ ଏସପି ରାଜ ପ୍ରସାଦ ଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି । ଯାହା ଏହି ଅଞ୍ଚଳରେ ବୃଦ୍ଧି ପାଇଥିବା ନକ୍ସଲ ଏବଂ ମାଓବାଦୀ ଘଟଣାକୁ ରୋକିବା ଦିଗରେ ପୋଲିସ କୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି ।



ସଂଗଠନର ଅନ୍ୟ ୭ ପୁରୁଷ ସଦସ୍ୟ ହେଲେ ଭୀମା କାଡ଼ତି , ଭୀମା ବଞ୍ଜାମ , ବାଣ୍ଡି ବଞ୍ଜାମ , ଆର୍ମା ରାବା, ମାଳ ମାଡଭି , ଦେବା କାଡ଼ତି ଏବଂ ଆୟତା ମାଡଭି ସମସ୍ତେ ଛତିଶଗଡର ଦନ୍ତେୱାଡା ଜିଲା ମୁଲେର ଗାଁର ବାସିନ୍ଦା ଅଟନ୍ତି କେକେବିଏନ୍ (କାଳାହାଣ୍ଡି-କନ୍ଧମାଳ-ବୌଦ୍ଧ -ନୟାଗଡ଼) ଡିଭିଜନର ଅଷ୍ଟମ କମ୍ପାନୀର ପ୍ରଥମ ପ୍ଲାଟୁନର ଉଭୟ ମହିଳା ମାଓବାଦୀ ହିଂସାତ୍ମକ କାର୍ଯ୍ୟକଳାପରେ ଜଡିତ ଥିଲେ । ସାଧାରଣ ଜୀବନଯାପନ କରିବାକୁ ସେମାନେ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ କହିବାନୁସାରେ, ନକ୍ସଲ ସଂଗଠନରେ ମହିଳା କ୍ୟାଡରଙ୍କୁ ଯୌନ ଉତ୍ପୀଡ଼ନ କରାଯିବା , ଅନ୍ୟକୁ ଭୟଭୀତ କରି ପାଣ୍ଠି ସଂଗ୍ରହ କରିବା , ମାଓବାଦୀମାନେ ବେଆଇନ ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ ଦେବା , ଗଞ୍ଜାଇ ଚାଷ ଏବଂ ଚୋରା ଚାଲାଣ କରିବା , ଗଞ୍ଜାଇ ମାଫିଆଙ୍କ ଠାରୁ ଚାନ୍ଦା ଆଦାୟ ଏବଂ ଯୁବକ ଯୁବତୀ ମାନଙ୍କୁ ମିଥ୍ୟା ପ୍ରତିଶୃତି ଏବଂ ପ୍ରଚାର ଦ୍ୱାରା ସଂଗଠନ ରେ ସାମିଲ କରାଯାଉଛି ଝ ନୂତନ ଓ କନିଷ୍ଠ କ୍ୟାଡର ପ୍ରତି ବରିଷ୍ଠ ନେତାଙ୍କ ଅନୈତିକ କାର୍ଯ୍ୟକଳାପ ଏବଂ ଅଭଦ୍ର ବ୍ୟବହାର ଦ୍ୱାରା ସେମାନେ ନିରାଶ ହୋଇଛନ୍ତି । ମାଓବାଦୀ ଙ୍କ ଅନୈତିକ କାର୍ଯ୍ୟକଳାପ ଦ୍ୱାରା ସେମାନେ ବିବ୍ରତ ଓ ନିରାଶ ହୋଇଥିଲେ ବୋଲି ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି ଦକ୍ଷିଣାଞ୍ଚଳ ପୁଲିସ ଆଇଜି ଜୟନାରାୟଣ ପଙ୍କଜ ଏବଂ ଏସପି ରାଜ ପ୍ରସାଦ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଆତ୍ମସମର୍ପଣ ଏବଂ ଥଇଥାନ ଯୋଜନା ଅନୁସାରେ ସେମାନଙ୍କୁ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗେଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି । ଗତ କିଛିଦିନ ତଳେ ପୁଲିସ ସହ ସଂଘର୍ଷରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ୯ ଜଣ ମାଓବାଦୀ ଆତ୍ମସମର୍ପଣ କରିବା ପରେ ମାଓବାଦୀଙ୍କ ମନୋବଳ ଦୁର୍ବଳ ହୋଇ ପଡ଼ିଛି ବୋଲି ଏସ୍ପି ସୂଚନା ଦେଇଛନ୍ତି । ଚଳିତ ସାଧାରଣ ର୍ନିବାଚନ ସମୟରେ ମାଓବାଦୀଙ୍କ ଆତ୍ମସମର୍ପଣ କରିବା ପୁଲିସର ମନୋବଳକୁ ବାଇଛି ବୋଲି ସେ କହିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ନାମରେ ବେଦ୍ଧ ସମତେ ଅନ୍ୟ ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୁରସ୍କାର ରାଶି ମଧ୍ୟ ଘୋଷଣା ହୋଇଥିଲା ।

## ଏକାମ୍ର ନିର୍ବାଚନ ମଣ୍ଡଳୀରେ ବାବୁ ସିଂଙ୍କ ମାରାଥନ ପ୍ରଚାର



ଭୁବନେଶ୍ୱର (ସବ୍ୟୁ) : ଏକାମ୍ର ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବିଜେପି ର ଶକ୍ତି ବୃଦ୍ଧି ପାଇବାରେ ଲାଗିଛି । ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂ ଆଜି ନିର୍ବାଚନ ମଣ୍ଡଳୀରେ ଦିନ ତମାମ ବିଭିନ୍ନ ସ୍ଥାନରେ ଆଜି ମାରାଥନ ପ୍ରଚାର କରିଛନ୍ତି । ସକାଳୁ ପୋଖରୀପୁଟ ଅଞ୍ଚଳରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ସହ ମିଶି ଅନନ୍ତ ବିହାର ପାର୍କ ରେ ଜନ ସମ୍ପର୍କ କରିବା ସହିତ ପଦଯାତ୍ରା କରିଥିଲେ । ପରେ ଭୀମଟାଙ୍ଗୀ, କପିଳେଶ୍ୱର ର ବିଭିନ୍ନ ଅଞ୍ଚଳରେ ମାରାଥନ ପଦଯାତ୍ରା ଓ ମହିଳା ବୈଠକ ଏବଂ ବରିଷ୍ଠ ନାଗରିକଙ୍କ ସହ ବୈଠକ କରି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ବିଜେପି କୁ ଭୋଟ୍ ଦେଇ ଜିତାଇବାକୁ ଅନୁରୋଧ କରିଥିଲେ । ଏଥିସହିତ ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକାମ୍ର ର୍ନିବାଚନ ମଣ୍ଡଳୀର ଶତାଧିକ ବିଜେଡି ନେତା ଓ କର୍ମୀ ବିଜେପିରେ ଯୋଗ ଦେଲେ ବାବୁ ସିଂ ଙ୍କ ନେତୃତ୍ୱରେ । ଏହି ଅବସରରେ ବିଜେପି ବିଧାୟକ ପ୍ରାର୍ଥୀ ବାବୁ ସିଂ କହିଛନ୍ତି ଯେ, ଏକାମ୍ର ର୍ନିବାଚମଣ୍ଡଳୀରେ ଯେଉଁ ଭଳୀ ଭାବରେ ରାଜନୈତିକ ବାତାବରଣ ଦେଖାଯାଉଛି ଲୋକଙ୍କ ବିପୁଳ ସମର୍ଥନ ପରିବର୍ତ୍ତନ ର ଲକ୍ଷଣ କୁ ଦର୍ଶାଉଛ । ନରେନ୍ଦ୍ର ମୋଦୀ ଦେଶରେ ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବେ ଓ ଓଡ଼ିଶାରେ ବିକଳ୍ପ ସରକାର ହେବା ସହ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପି ନିଶ୍ଚିନ୍ତ ବିଜୟ ଲାଭ କରିବଛ ଏକାମ୍ର ର ଅସ୍ମିତାର ସୁରକ୍ଷା ତଥା ସ୍ୱାଭିମାନ ପାଇଁ ବିଜେପି ହାତରେ କ୍ଷମତା ଦେବାକୁ ଏକାମ୍ର ନିର୍ବାଚନ ମଣ୍ଡଳୀର ଲୋକେ ମନସ୍ଥ କରି ସାରିଛନ୍ତି ବୋଲି ସେ କହିଛନ୍ତି । ନିର୍ବାଚନକୁ ସମସ୍ତେ ରଣାଙ୍ଗନ କହୁଥିବା ବେଳେ ମୁଁ କହେ ଜନସାଧାରଣ ଙ୍କ ସେବାରେ ନିଜକୁ ନିୟୋଜିତ କରିବାର ମାଧ୍ୟମ । ଏଥର ଏକାମ୍ର ବାସୀ ବିଜେପିକୁ ସୁଯୋଗ ନିଶ୍ଚୟ ଦେବେ ବୋଲି ସଂକଳ୍ପ କଲେଣି । ମନରେ ଅନେକ ସଂକଳ୍ପ ନେଇ ମଇଦାନକୁ ଓହ୍ଲେଇଛି । ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା- ମୋର କର୍ତ୍ତବ୍ୟ ।

### ତିଗିରିଆରେ ବର୍ଷିଲେ ସଂତୃପ୍ତ ଓ ରଣେନ୍ଦ୍ର

## କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର

କଟକ (ସବ୍ୟୁ) : କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ବୈମାତୃକ ମନୋଭାବ ଦିନକୁ ଦିନ ବୃଦ୍ଧି ପାଉଛି । ଗତ ୧୦ବର୍ଷ ଶାସନ କାଳରେ ବିଜେପି ସରକାର କୌଣସି ପ୍ରତିଶ୍ରୁତି ପୂରଣ କରିନାହିଁ । ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ବିଜେପି ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲା ତାହା ପାଣିର ଗାର ସାବ୍ୟସ୍ତ ହୋଇଛି । ଦେଶରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଲାଣି । ନିତ୍ୟବ୍ୟବହୃତ ସାମଗ୍ରୀର ଦର ଆକାଶଛୁଆଁ ହେଉଛି । ଗରିବ ଖଟିଖିଆଙ୍କ ଅବସ୍ଥା ଶୋଚନୀୟ ହେଲାଣି । କିନ୍ତୁ ପୁଞ୍ଜିପତିଙ୍କ ପୁଞ୍ଜି କେମିତି ବୃଦ୍ଧି ପାଇବ ତାହାକୁ ଦୃଷ୍ଟି ଦେଉଛନ୍ତି କେନ୍ଦ୍ର ସରକାର । ଗରିବ ଖଟିଖିଆ ଶ୍ରେଣୀର ଲୋକଙ୍କ ପେଟରୁ ଦାନା କାଟି କେନ୍ଦ୍ର ସରକାର ପୁଞ୍ଜିପତିଙ୍କୁ ପୋଷୁଛନ୍ତି । ଓଡ଼ିଶାରେ ବିଜୁ ଜନତା ଦଳର ସରକାର ପ୍ରତି ଜନସମର୍ଥନ ଦେଖି କେନ୍ଦ୍ର ସରକାର ଏବେ ଯେଉଁ ସବୁ ଘୋଷଣା କରୁଛନ୍ତି, ତାହା କ୍ଷଣସ୍ଥାୟୀ ଓ କେବଳ ଧୁଆଁବାଣ । ଏହାର ପ୍ରତିକାର ପାଇଁ ରାଜ୍ୟରେ ଯୋଡ଼ି ଶଙ୍ଖ ବାଜିବା ଦରକାର । ଆସନ୍ତା ଦିନରେ ଏକ ସୁସ୍ଥ ସବଳ ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ସ୍ଥିରାବସ୍ଥା ଆଣିବାକୁ ହେଲେ ରାଜ୍ୟରେ ଯୋଡି ଶଙ୍ଖର ଆବଶ୍ୟକତା ରହିଛି । ଏଣୁ ବିକାଶର ଧାରାକୁ ଅପରିବର୍ତ୍ତିତ ରଖିବାକୁ ଉଭୟ ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ବିଜୟୀ କରିବାକୁ ତିଗିରିଆରେ ଅନୁଷ୍ଠିତ ଜନସମାବେଶରେ ମତ ପ୍ରକାଶ ପାଇଛି ।



ବୁଧବାର ଠାରୁ ତିଗିରିଆ ବ୍ଲକ ଅଧୀନ ୧୪ ନଂ ଜୋନ୍‌ରେ ବିଜୁ ଜନତା ଦଳ ତା'ର ନିର୍ବାଚନୀ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛି । ପୂର୍ବାହ୍ନରେ ରଣେନ୍ଦ୍ର ଓ ଡଃ ସନ୍ତୃପ୍ତ ମିଶ୍ର ତିଗିରିଆ ବ୍ଲକ ନୂଆପାଟଣା ଅଧିନ ମା କଳାପାଟଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ । ହଜାର ହଜାର ଜନସାଧାରଣଙ୍କ ଉପସ୍ଥିତିରେ ଉଭୟ ପ୍ରାର୍ଥୀ ନୁଆପାଟଣା, ଭୋଗଡା, ସୁରେନ୍ଦ୍ରପାଟଣା, ଜେମାଦେଇପରୁ, ପଙ୍କାଳ ଛକ, ବିରିପୁଟ, ବାଲିପୁଟ, ଭୁତିଆଡିହ, ହାଟମାଳ, ଚାରିବାଟିଆ ହରିଜନ ସାହି, ନନ୍ଦପୁର, ସାମପୁର, ବଡନାଉପୁଟ, ଶାଳିଜଙ୍ଘା, ବଉଳାଙ୍ଗ, ବାହାରବିଲ୍ଲା, ଖଣ୍ଡହତା ଆଦି ଗ୍ରାମ ପରିକ୍ରମା କରି ବିଜେପି ସରକାରଙ୍କ ଜନସ୍ୱାର୍ଥ ବିରୋଧି ନୀତି ଉପରେ ମତବ୍ୟକ୍ତ କରିବା ସହ ଓଡିଶାର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ତଥା ଏକ ସୁସ୍ଥ ସାମାଜିକ ରାଜନୈତିକ ବାତାବରଣ ପ୍ରତିଷ୍ଠା ଦିଗରେ ବିଜୁ ଜନତା ଦଳ ଏକମାତ୍ର ଦଳ ବୋଲି ମତାମତ ଦେଇଥିଲେ । ଆସନ୍ତା ଦିନରେ ଏହି ବିକାଶର ଧାରକୁ ଆଗକୁ ନେବାକୁ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ବିପୁଳ ସଂଖ୍ୟାରେ ମତଦାନ କରିବାକୁ ନିବେଦନ କରିଥିଲେ । ପ୍ରଚାର କାର୍ଯ୍ୟରେ ଶେଷ ପର୍ଯ୍ୟାୟରେ ବଡନାଉପୁଟ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡହତା ଜଗନ୍ନାଥ ମନ୍ଦିର ନିକଟରେ ଆୟୋଜିତ ଏକ ସାଧାରଣ ସଭାରେ ଉଭୟ ପ୍ରାର୍ଥୀ ବିଜେପି ସରକାରଙ୍କୁ ତୀବ୍ର ଭର୍ତ୍ସନା କରିବା ସହ କେନ୍ଦ୍ର ସରକାରଙ୍କ ପାଇଁ ଆଜି ଭାରତର ଆର୍ଥିକସ୍ଥିତି ଅବସ୍ଥା ଶୋଚନୀୟ ହୋଇପଡିଛି ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକ ଅଧକ୍ଷା ସଂଧାରାଣୀ ନାୟକ, ଉପାଧ୍ୟକ୍ଷ ମାନସ କୁମାର ସାହୁ, ୧୪ନଂ ଜିଲ୍ଲା ପରିଷଦ ସଭ୍ୟ ସଂଜୟ କୁମାର ମଲ୍ଲିକ, ୧୫ ନଂ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ପୂର୍ବତନ ବ୍ଲକ ଅଧକ୍ଷ ଭାଗିରଥି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ପାନୀୟ ଜଳ ସମସ୍ୟା : ବ୍ଲକ ପରିସରରେ ଗ୍ରାମବାସୀଙ୍କ ଧାରଣା

ଖଣ୍ଡପଡା,(ସବ୍ୟୁ): ଗ୍ରୀଷ୍ମ ଋତୁରେ ମିଳୁନି ପାନୀୟ ଜଳ । ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବା ପରେ ଖଣ୍ଡପଡ଼ା ବ୍ଲକ ଅଧିନ ୬ଟି ଗ୍ରାମର ଜନସାଧାରଣବୁଧବାର ଦିନ ତମାମ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିବା ଜଣାଯାଇଛି । ଖଣ୍ଡପଡା ବ୍ଲକଅଧିନ ସିଧାମୂଳା ପଂଚାୟତର ଘୋଡାମାରୀଦ୍ୱାରଗାଁ, କନାସିଂ ମୁଣ୍ଡିଆସାହି, ବଡବାଣପୁର ପଂଚାୟତ ଅଧିନ ଭ୍ରମରବରପ୍ରସାଦ, ଶିମିଳିସାହି, ସିଂଘାପଡା ପଂଚାୟତ ଅଧିନ ବରଗଣ୍ଡ ନୂଆସାହିସମେତ ଗଡିଆସାହି ପଂଚାୟତ ଅଧିନ ସାଧୁଆପଲ୍ଲୀ ଗ୍ରାମର ବାସିନ୍ଦା ମାନେ ପାନୀୟ ଜଳ ମୁନ୍ଦେସଂଗ୍ରହ ନିମନ୍ତେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଭାରତୀୟ ବିକାଶ ପରିଷଦ ରାଜ୍ୟଉପ ସଭାପତି ନିରଂଜନ ଦାସଙ୍କ ନେତୃତ୍ୱରେ ଉପରୋକ୍ତ ସମସ୍ତ ଗ୍ରାମର ୧୦୦ରୁ ଉର୍ଦ୍ଧ ଜନସାଧାରଣ ବ୍ଲକକାର୍ଯ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ । ନୟାଗଡ ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀସୁବାସ ଚନ୍ଦ୍ର ସ୍ୱାଇଁ ଧାରଣାସ୍ଥଳରେ ପହଁଚି ଜନସାଧାରଣଙ୍କୁ ବୁଝାଶୁଝା କରିବା ସହ ଆସନ୍ତା ୧୫ ଦିନମଧ୍ୟରେ





ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବା ସହ ଗୁରୁବାର ଠାରୁଉକ୍ତ ଗ୍ରାମ ଗୁଡିକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତିଦେବା ପରେ ଗ୍ରାମବାସୀମାନେ ଧାରଣାରୁ ଓହରି ଯାଇଥିବା ଜଣାଯାଇଛି । ପ୍ରକାଶଥାଉକି ଗତଏପ୍ରିଲ ୧୦ ତାରିଖରେ ଉପରୋକ୍ତ ଗ୍ରାମର ବାସିନ୍ଦା ମାନେ ମଧ ବ୍ଲକ ପରିସରରେ ଧାରଣା ଦେଇଥିଲେ ।ବ୍ଲକ ଉନ୍ନୟନ ଅଧିକାରୀ ପ୍ରତିଶୃତି ଦେଇ ପରବର୍ତୀ ସମୟରେ ଆଉ ଧରାଛୁଆଁ ନଦେବାରୁ ଗ୍ରାମବାସୀମାନେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇଥିବା ଜଣାପଡିଛି ।

**ହଜିଛି**

ମୁଁ, ଲାଜପତ ରାଏ ମଲ୍ହୋତ୍ର, ପିତା: ୯ ଚମନ ଲାଲ ମଲ୍ହୋତ୍ର, ବାସସ୍ଥାନ ଠିକଣା- ଫ୍ଲାଟ୍ ନଂ.: ୧୨/ଏ, ଲର୍ଡ ଗୁଞ୍ଜନ ପ୍ୟାଲେସ, ବମିଖାଲ, ଭୁବନେଶ୍ୱର ଏହି ନୋଟିସ୍ ମାଧ୍ୟମରେ ସର୍ବସାଧାରଣଙ୍କୁ ଜଣାଇବାକୁ ଚାହୁଁଛି ଯେ, ମୁଁ ଲର୍ଡ ଗୁଞ୍ଜନ ପ୍ୟାଲେସର ବ୍ଲକ୍-ବିର ଫ୍ଲାଟ୍ ନଂ.: ବି/୨କୁ ତା.୨୦.୦୭.୨୦୦୭ରିଖରେ ଶ୍ରୀ ସମୀର ବୁଦ୍ଧିରାଜାଙ୍କ ଠାରୁ କ୍ରୟ କରିଥିଲି ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ ନଂ.: ୮୨୫୫/୨୦୦୭ । ପୁନଶ୍ଚ, ଶ୍ରୀ ସମୀର ବୁଦ୍ଧିରାଜା ତା.୨୭.୧୧.୧୯୯୬ ରିଖରେ ଏହି ସମ୍ପତ୍ତି ସୁଧାଂଶୁ କୁମାର ମିଶ୍ରଙ୍କ ଠାରୁ କ୍ରୟ କରିଥିଲେ ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୫୪୪୪/୧୯୯୬ । ଉପରୋକ୍ତ ବିକ୍ରୟ ଦଲିଲ୍ (ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୫୪୪୪/୧୯୯୬, ତାରିଖ:୨୭.୧୧.୧୯୯୬)ଟି ଭଇ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି ଏବଂ ପୁନରୁଦ୍ଧାର କରିବା ଅବସ୍ଥାରେ ମଧ୍ୟ ନାହିଁ। ଉପରୋକ୍ତ ତଥ୍ୟଗୁଡିକ ମୋର ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁଯାୟୀ ସତ୍ୟ ଅଟେ।

**ଦ.ପୂ. ରେଳପଥ-ଟେଣ୍ଡର**

**ଟେଣ୍ଡର ନୋଟିସ ନଂ : ଏମଇସିଏଚସିକେପି-୨୪-୨୫-୦୨, ତାରିଖ : ୦୭.୦୫.୨୦୨୪** । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଡିଭିଜନାଲ ରେଳବାଇ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳବାଇ ନିମ୍ନରେ ବର୍ଣ୍ଣିତ କାର୍ଯ୍ୟପାଇଁ ସିଙ୍ଗଲ ପ୍ୟାକେଟ ସିଷ୍ଟମ ଅନୁଯାୟୀ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବାବଦରେ ମାନୁଆଲ ପ୍ରସ୍ତାବଗୁଡିକୁ ଗ୍ରହଣ କରାଯିବ ନାହିଁ ଏବଂ ମିଳିଥିବା ଏଭଳି କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣୀୟ ହେବନାହିଁ । **କାର୍ଯ୍ୟର ନାମ :** ଏସଏସଇ (ସି ଏଣ୍ଡ ଡବ୍ଲ୍ୟୁ)/ଝାରସୁଗୁଡା ଅଧୀନରେ ସରଡେଗା ଓ ଲାଇକେରା ସାଇଡିଂ ଠାରେ ଖୋଲା ଟେଣ୍ଡର ମାଧ୍ୟମରେ ବୋଝେଇ ହୋଇ ପାରୁନଥିବା ୱାଗନଗୁଡିକର ଅନଲାଇନ ଯୋଗେ ମରାମତି କାର୍ଯ୍ୟ । ଦୁଇବର୍ଷ ମିଆଦ ପାଇଁ ଏହି କାର୍ଯ୍ୟ କରାଯିବ । **ଟେଣ୍ଡର ମୂଲ୍ୟ : ଟ. ୩,୬୫,୦୪,୩୨୧.୬୦ । ବିଡ୍ ସିକ୍ୟୁରିଟି : ଟ. ୩,୩୨,୫୦୦/- ଟେଣ୍ଡର ଫର୍ମ ମୂଲ୍ୟ :** ଶୂନ । **ଟେଣ୍ଡର ଖୋଲିବା ସ୍ଥାନ :** ସିନିୟର ଡିଏମଇ/ସିକେପିଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ୨୯.୦୫.୨୦୨୪, ୧୫.୦୦ ଘଣ୍ଟା** । ଟେଣ୍ଡରକୁ ୱେବସାଇଟ୍ **https://www.ireps.gov.in** ରେ ଦେଖାଯାଇ ପାରିବ । ଟେଣ୍ଡରଦାତା/ବିଡର ନିଶ୍ଚୟ କ୍ଲାସ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ହାସଲ କରିଥିବେ ଏବଂ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ନିଶ୍ଚୟ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଭାଗ ନେଇପାରିବେ । ସମସ୍ତ ଆନୁଷଙ୍ଗିକ ଦଲିଲ ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଭାଗ ନେବାବେଳେ ନିଶ୍ଚୟ ଅପଲୋଡ କରାଯିବ । **(PR-124)**

## ଟିପିସିଓଡିଏଲର ବାର୍ଷିକ ବିଜନେସ୍ ଆସୋସିଏଟ୍ ମିଟ୍

ଭୁବନେଶ୍ୱର (ସବ୍ୟୁ) : ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ୨୦୨୪ ମେ' ୭ ତାରିଖରେ ଭୁବନେଶ୍ୱରର ଏମ୍‌ଡିସି ବରମୁଣ୍ଡାରେ ବାର୍ଷିକ ବିଜନେସ୍ ଆସୋସିଏଟ୍ (ବିଏ)ସମ୍ମିଳନୀ ଆୟୋଜନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶର ବିଭିନ୍ନ ଅଂଚଳରୁ ୯୦ ସମ୍ମାନଜନକ ବିଜନେସ୍ ଆସୋସିଏଟ୍ ଉତ୍ସାହର ସହ ଅଂଶଗ୍ରହଣକରିଥିଲେ। ଟିପିସିଓଡିଏଲ୍ ସହିତ ସହଯୋଗିତା ପଦକ୍ଷେପ ବିଷୟରେ ସେମାନେ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ଏହି ଭାବବିନିମୟ କାର୍ଯ୍ୟକ୍ରମରେ ଗଠନମୂଳକ ଆଲୋଚନା ହୋଇଥିଲା ଯେଉଁଥିରେ ଅଂଶଗ୍ରହଣକାରୀମାନେ ମିଳିତ ଅଭିବୃଦ୍ଧି ପାଇଁ ସେମାନଙ୍କଅଭିଜ୍ଞତା ବାଂଟିଥିଲେ ଓ ରଣନୀତି ଉପରେ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ଭାବ ବିନିମୟ ଅଧିବେଶନ ଯେଉଁଥିରେ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହଙ୍କନେତୃତ୍ୱରେ ବିଭିନ୍ନ ବିଭାଗର ପ୍ରମୁଖ ଅଧିକାରୀଙ୍କ ସମେତ ନେତୃତ୍ୱ ଟିମ୍ ଯୋଗଦେଇଥିଲେ। ଏହି ଅଧିବେଶନରେ ବିଜନେସ୍‌ଆସୋସିଏଟ୍ ମାନେ ପ୍ରାସଙ୍ଗିକ ପ୍ରଶ୍ନ କରି ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କଠାରୁ ପ୍ରତିକ୍ରିୟା ହାସଲ କରିବାର ସୁଯୋଗପାଇଥିଲେ।ଆଲୋଚନା ସମୟରେ ବହୁ ସଂଖ୍ୟାରେ ବିଜନେସ୍ ଆସୋସିଏଟ୍ ଟାଟା ପାୱାର ସହ ସହଯୋଗିତା ପରଠାରୁ ଟିପିସିଓଡିଏଲ୍‌ରୁ ମିଳୁଥିବାଲାଭଗୁଡ଼ିକୁ ପ୍ରଶଂସା କରିଥିଲେ, ଯେଉଁଥିରେ ପେମେଂଟ୍ ପ୍ରକ୍ରିୟାକୁ ସଂଗଠିତ କରିବା ଏବଂ ଉଚିତ ସମୟରେ କାରବାର ଉପରେଗୁରୁତ୍ୱ ପ୍ରଦାନ କରାଯାଉଛି। ଏହି ଉପଲକ୍ଷେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କମ୍ପାନିଗୁଡ଼ିକୁ ଟିପିସିଓଡିଏଲ୍ ପକ୍ଷରୁ ସ୍ୱୀକୃତି ପ୍ରଦାନକରାଯାଇଥିଲା।ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ବାର୍ଷିକ ବିଜନେସ୍ ଆସୋସିଏଟ୍ ସମ୍ମିଳନୀ ଆମ ସହଯୋଗିତାର ଦୃଢ଼ତା ଏବଂ ଶକ୍ତି କ୍ଷେତ୍ରରେ ନବସୃଜନ ଓ ଉତ୍କର୍ଷକୁ ବଢ଼ାଇବା ପାଇଁ ଆମ ମିଳିତ ପ୍ରତିବଦ୍ଧତାର ପ୍ରମାଣ। ଆମବିଜନେସ୍ ଆସୋସିଏଟ୍‌ମାନେ ପ୍ରଦାନ କରିଥିବା ମୂଲ୍ୟବାନ ପରାମର୍ଶକୁ ଆମେ ପ୍ରଶଂସା କରୁଛୁ ଯାହା ଆମ ସେବାରେ ଉନ୍ନତି ଆଣିବାଏବଂ ସମସ୍ତ ଅଂଶୀଦାରଙ୍କୁ ମୂଲ୍ୟ ପ୍ରଦାନ କରିବା ଲାଗି ଆମ ସଂକଳ୍ପକୁ ଦୋହରାଉଛି।''



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ : ସମ୍ବଲପୁର
ସର୍ଲାକଣି ଛକ ନିକଟ, ସମ୍ବଲପୁର - ୭୬୮୦୦୬ (ଓଡ଼ିଶା)

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| **ପାରଳାଖେମୁଣ୍ଡି ଶାଖା** / ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ମାଧବ ବାରିକ,** ପିତା: ହରିଶ ଚନ୍ଦ୍ର ବାରିକ, ସା: ନଡିଆତୋଟା ଷ୍ଟ୍ରିଟ୍, ଗ୍ରା.ପା/ଥାନା: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡ଼ିଶା-୭୬୧୨୦୦ | **ତା.୨୫.୦୯.୨୦୨୩ ସୁଦ୍ଧା ଟ.୬,୧୨,୭୯୯/-** ସହିତ ସେବାବଦ ପରବର୍ତ୍ତି ସୁଧ ଏବଂ ଖର୍ଚ୍ଚ | **୨୫.୦୯.୨୦୨୩ / ୦୭.୦୫.୨୦୨୪** | **ଶ୍ରୀ ମାଧବ ବାରିକ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାକି କରଣ ଷ୍ଟ୍ରିଟ୍‌ର ନଦର୍ଣ୍ଣ ରୋ ରେ ଅବସ୍ଥିତ ଯାହାର ପ୍ଲଟ୍ ନଂ.: ୧୪୫୩/୪୦୦୮, ଖାତା ନଂ.: ୨୧୫/୧୩୬୧, କ୍ଷେତ୍ର: ଏକର୦.୦୧୪ ଡିସିମିଲି, ମୌଜା: ପାରଳାଖେମୁଣ୍ଡି, ଏସ୍‌ଆରଓ/ଥାନା/ତହସିଲ: ପାରଳାଖେମୁଣ୍ଡି, ଜିଲ୍ଲା: |
| ଗଜପତି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ରଘୁନାଥ ପଟନାଏକଙ୍କ ଗୃହ, ପଶ୍ଚିମ: ସତ୍ୟନାରାୟଣ ପଟ୍ଟନାଏକଙ୍କ ଗୃହ ଏବଂ ଅନ୍ୟମାନେ | | | |
| **ଋଣଗ୍ରହୀତା: ଶ୍ରୀ ବୁରଗାପୁ ରବି କୁମାର,** ପିତା: ଶ୍ରୀ ବୁରଗାପୁ ଇଶ୍ୱର ରାଓ / **ସହ-ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ବୁରଗାପୁ ଇଶ୍ୱର ରାଓ,** ପିତା: ଶ୍ରୀ ବୁରଗାପୁ ବୈରାଗୀ, ଉଭୟଙ୍କ ଠିକଣା- ସା: ବଡସାହି, ପୋ: ତାମ୍ପରକାବିଟି, ଥାନା: ଗୁରାଣ୍ଡି, ଜିଲ୍ଲା: ଗଜପତି, ଓଡ଼ିଶା-୭୬୧୨୧୧ | **ତା.୨୧.୧୦.୨୦୨୩ ସୁଦ୍ଧା ଟ.୯,୮୭,୮୦୨/-** ସହିତ ସେବାବଦ ପରବର୍ତ୍ତି ସୁଧ ଏବଂ ଖର୍ଚ୍ଚ | **୨୧.୧୦.୨୦୨୩ / ୦୭.୦୫.୨୦୨୪** | **ଶ୍ରୀ ବୁରଗାପୁ ଇଶ୍ୱର ରାଓ,** ପିତା: ଶ୍ରୀ ବୁରଗାପୁ ବୈରାଗୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୦୦/୪୯୫, ପ୍ଲଟ୍ ନଂ.: ୭୧୯/୧୭୨୨, କ୍ଷେତ୍ର: ଏକର୦.୦୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାମ୍ପରକବିଟି, ତହସିଲ/ଏସ୍‌ଆରଓ: ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ବିକ୍ରେତାଙ୍କ ଜମି, ପଶ୍ଚିମ: ବେଣୀ ପ୍ରଧାନଙ୍କ ଜମି |

**ସ୍ଥାନ: ସମ୍ବଲପୁର, ତାରିଖ: ୦୮.୦୫.୨୦୨୪** — **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।










ଅତାବିରା, ଭଟ୍‌ଲି, ଭେଡେନ୍, ପଦ୍ମପୁରରେ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ କାର୍ତ୍ତିକ ପାଣ୍ଡିଆନ୍

# ରାଜଧାନୀରେ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ'

## ସୁରକ୍ଷା କଡ଼ାକଡ଼ି, ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ନୋ ଫ୍ଲାଇଙ୍ଗ୍ ଜୋନ୍



ଭୁବନେଶ୍ୱର, (ସବ୍ୟୁ) : ଆସନ୍ତା ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବେ । ସେଦିନ ରାଜଧାନୀରେ ଏକ ବିଶାଳ ରୋଡ୍ ଶୋ'ରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟା ୬ଟାରୁ ଭୁବନେଶ୍ୱରରେ ଆୟୋଜିତ ରୋଡ୍ ଶୋ'ରେ ସାମିଲ ହେବେ । ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ପର୍ଯ୍ୟନ୍ତ ରୋଡ୍ ଶୋ' ହେବ । ଏହି ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ସମୟରେ ଭୁବନେଶ୍ୱର ନୋ ଫ୍ଲାଇଙ୍ଗ୍ ଜୋନ୍ ଘୋଷଣା କରାଯାଇଛି । ସୁରକ୍ଷାରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ୫୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ମିଳିଛି । ଏଥିସହ ଏସ୍‌ପିଜି ମଧ ସୁରକ୍ଷାରେ ସାମିଲ ହେବେ । ଏହି ସୁରକ୍ଷା ବ୍ୟବସ୍ଥାକୁ ନେଇ ମଙ୍ଗଳବାର ରାଜଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ ହୋଇଥିଲା । ଏହି ବୈଠକରେ ଭୁବନେଶ୍ୱର ବିମାନବନ୍ଦର ଅଧିକାରୀ, ଏସ୍‌ପିଜି ଟିମ୍ ସହ କମିଶନ୍‌ରେଟ୍ ପୋଲିସ୍ ପକ୍ଷରୁ ଡିସିପି ପ୍ରତୀକ ସିଂ ଓ ଅନ୍ୟ ଦୁଇଜଣ ଡିସିପି ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ଲୁ ବୁକ୍ ନିୟମ ଅନୁଯାୟୀ ସୁରକ୍ଷା ବଳୟ ପ୍ରସ୍ତୁତ କରାଯାଉଛି । ରୋଡ୍ ଶୋ' ସମୟରେ ମାଷ୍ଟରକ୍ୟାଣ୍ଟିନ୍‌ରୁ ବାଣୀବିହାର ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ । ସୁରକ୍ଷାରେ ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଦଳ ମଧ ସକ୍ରିୟ ରହିବେ ବୋଲି ସୂଚନା ମିଳିଛି ।

## ଜଙ୍ଗଲ ରାସ୍ତାରେ ରୋଗୀଙ୍କୁ ୪ କି.ମି ବୋହିଆଣିଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

ଭୁବନେଶ୍ୱର (ସବ୍ୟୁ): ଜଣେ ଗୁରୁତର ରୋଗୀଙ୍କୁ ଷ୍ଟ୍ରେଚରରେ ବୋହିଆଣି ମାନିବିକତା ଦେଖାଇଛନ୍ତି ୧୦୮ ଆମ୍ବୁଲାନ୍ସର କର୍ମଚାରୀ । ଘଟଣାନୁଯାୟୀ କଳାହାଣ୍ଡୀ ଜିଲ୍ଲା ଥୂଆମୂଳ ରାମପୁର ବ୍ଲକର ତାଳଝପି ପଂଚାୟତ ଅନ୍ତର୍ଗତ ଉପରଝପି ଗ୍ରାମର ସିନାଦେଇ ମାଝୀ (୬୦ବର୍ଷ)ନାମକ ଜଣେ ମହିଳା ଜଙ୍ଗଲରେ କାମ କରୁଥିବା ସମୟରେ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଏଥିପାଇଁ ତାଙ୍କ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ । ଖବର ପାଇବା ପରେ ଗୁଣୁପୁର ଏସଡିଏଚରୁ ତୁରନ୍ତ ଏକ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳ ଅଭିମୁଖେ ବାହାରିଯାଇଥିଲା । ମାତ୍ର ରୋଗୀଜଣଙ୍କ ଜଙ୍ଗଲ ମଧରେ ଥିବାରୁ ତାଙ୍କ ନୀକଟକୁ ଆମ୍ବୁଲାନ୍ସ ସହ ଯିବା ସମ୍ଭବପର ନଥିଲା ।

## ବିଜେଡ଼ିରେ ଯୋଗଦେଲେ ଚିଲିକା ନିର୍ବାଚନମଣ୍ଡଳୀର ବହୁ ବିଜେପି କର୍ମକର୍ତ୍ତା



ଭୁବନେଶ୍ୱର (ସବ୍ୟୁ): ଚିଲିକା ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି କର୍ମୀ ଓ କର୍ମକର୍ତ୍ତା ବୁଧବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍‌ହୋଇଥିବା ସମସ୍ତ ବିଜେପି କର୍ମୀ ଓ କର୍ମକର୍ତ୍ତାଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ଚିଲିକା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ମିଶ୍ରଣ ପର୍ବରେ ସମିତି ସଭ୍ୟ ମନୋରମା ବେହେରା, କିଶୋର ବେହେରା, ବିଭୂତି ରଂଜନ ବେହେରା, କାହ୍ନୁ ଚରଣ ବେହେରା ଓ ସୁକଦେବ ବେହେରା, ବିଦ୍ୟାଧର ବେହେରା, ସୁବାଶ ବେହେରା ଓ ସୁଶାନ୍ତ ବେହେରାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଟିକାକରଣ ସପ୍ତାହ




ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଶିଶୁରୋଗ ବିଭାଗ ପକ୍ଷରୁ ବିଶ୍ୱ ଟୀକାକରଣ ସପ୍ତାହ ପାଳନ ଅବସରରେ ଏକ ଦୁଇ ଦିନିଆ ଏଚ୍‌ପିଭି ଭାକ୍ସିନେସନ୍ ଅଭିଯାନ ଆୟୋଜିତ ହୋଇଯାଇଛି। ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ଆୟୋଜିତ ଏହି ଅଭିଯାନ ପରିପ୍ରେକ୍ଷୀରେ ଏମ୍‌ବିବିଏସ୍ ଛାତ୍ର ଓ ଇନ୍‌ଟର୍ଣ୍ଣ ମାନଙ୍କୁ ଏଚ୍‌ପିଭି ଟୀକା ପ୍ରଦାନ କରାଯାଇଥିଲା। ଏହି ଟୀକାକରଣ ଅଭିଯାନରେ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର ଡାକ୍ତର ପୁଷ୍ପରାଜ ସାମନ୍ତସିଂହାର ଏବଂ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ମମତାଦେବୀ ମହାନ୍ତି ଯୋଗ ଦେଇ ଏଚ୍‌ପିଭି ଭାକ୍ସିନେସନ୍ ଡ୍ରାଇଭ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ଏହି ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଏଚ୍‌ପିଭି ଟୀକା ପ୍ରଦାନ କରାଯାଇଥିଲା ।


## ଆମ୍ରି ହସ୍ପିଟାଲ ପରିସରରେ ଲିଭର କ୍ଲିନିକ ଉଦଘାଟିତ




ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲ ପରିସରରେ ଲିଭର କ୍ଲିନିକର ଶୁଭାରମ୍ଭ ହୋଇଯାଇଛି । ଏହି ଉଦଘାଟନୀ ସମାରୋହରେ ଯକୃତ ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ବ୍ୟକ୍ତିଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ଏହା ସହ ବିଶେଷଜ୍ଞ ଡାକ୍ତରୀ ଟିମର ମାର୍ଗଦର୍ଶନରେ ଅଂଶଗ୍ରହଣକାରୀ ମାନେ ଉପଯୁକ୍ତ ପରାମର୍ଶ ନେଇଥିଲେ । ଲିଭର କ୍ଲିନିକର ଶୁଭାରମ୍ଭ ଅବସରରେ ଆମ୍ରି ହସ୍ପିଟାଲର ଦକ୍ଷିଣ-ପୂର୍ବାଞ୍ଚଳ ନିର୍ଦ୍ଦେଶକ ଡ. ସୁଧାକର କାନ୍ତିପୁଡ଼ି କହିଛନ୍ତି, ଭୁବନେଶ୍ୱରରେ ଯକୃତ ରୋଗ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଉଛି । ତେଣୁ ଫଳପ୍ରଦ ଚିକିତ୍ସା ପାଇଁ ଶୀଘ୍ର ରୋଗ ନିର୍ଣ୍ଣୟ କରିବା ନିହାତି ଆବଶ୍ୟକ । ଏହି ନୂତନ ଲିଭର କ୍ଲିନିକ୍ ଅତ୍ୟନ୍ତ ଆବଶ୍ୟକୀୟ ଏବଂ ଉନ୍ନତ ଜ୍ଞାନକୌଶଳ ସହିତ ଚିକିତ୍ସା ପ୍ରଦାନ କରିବ ଏବଂ ଯକୃତ ରୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପ୍ରଦାନ କରିବ । ଆମ୍ରି ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ଶକ୍ତିମାୟା ମହାପାତ୍ର କହିଛନ୍ତି ଯେ, ଗୋଟିଏ ଛାତ ତଳେ ରୋଗ ନିରାକରଣ, ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଉପରେ ଧାନ ଦେଇ ଆମେ ଯକୃତ ରୋଗରେ ପୀଡ଼ିତ ଲୋକଙ୍କ ଜୀବନର ଗୁଣବତ୍ତାରେ ଯଥେଷ୍ଟ ଉନ୍ନତି ଆଣିପାରିବା ।

## ଖରାଦିନରେ ଏହି ଖାଦ୍ୟ ଉପରେ ଧ୍ୟାନ ଦେଇ ଚର୍ମ ସହିତ ସ୍ୱାସ୍ଥ୍ୟର ଉତମ ଯତ୍ନ ନିଅନ୍ତୁ

ଭୁବନେଶ୍ୱର (ସବ୍ୟୁ): ଗ୍ରୀଷ୍ମ ଦିନେ ପ୍ରାୟତଃ ଚର୍ମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଥାଏ। ଚର୍ମର ଉତମ ଯତ୍ନ ନେବା ଲାଗି ବିଶେଷ ପଦକ୍ଷେପ ଗ୍ରହଣ କରିବା ଉଚିତ। ଚର୍ମରୋଗ ବିଶେଷଜ୍ଞ ସାମଗ୍ରିକ ସୁସ୍ଥତା ଉପରେ ଏହା ସୁପାରିଶ କରନ୍ତି । ଯାହା ଆଭ୍ୟନ୍ତରୀଣ ଓ ବାହ୍ୟ ଚର୍ମ ଚିକିତ୍ସା ଅଭ୍ୟାସକୁ ସଠିକ ଭାବରେ ପରିଚାଳନା କରିଥାଏ। ଗ୍ରାହକମାନଙ୍କୁ ଗୋଟିଏ ପରାମର୍ଶ ହେଉଛି ସନ୍ତୁଳିତ ଖ୍ରାଦ୍ୟ ଗ୍ରହଣ ସାଙ୍ଗକୁ ଚର୍ମର ଉପଯୁକ୍ତ ଯତ୍ନ ନେବା। ଜଳବାୟୁ ପରିବର୍ତ୍ତନ ସମୟରେ ଚର୍ମର ଉତମ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ଏଠାରେ କିଛି ପରାମର୍ଶ ଡ. ଗିତିକା ମିତଲ, ଚର୍ମ ବିଶେଷଜ୍ଞ ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞ ଦେଇଛନ୍ତି । ଆଲମଣ୍ଡ ଏକ ପୁଷ୍ଟିକର ପଦାର୍ଥ । ଏଥିରେ ୧୫ଟି ପୁଷ୍ଟିକର ଉପାଦାନ ରହିଛି ଯଥା



ମାଗନେସିୟମ, ପ୍ରୋଟିନ, ରିବୋଫ୍ଲେବିନ, ଜିଙ୍କ ଇତ୍ୟାଦି । ଆଲମଣ୍ଡରେ ସୁସ୍ଥ ଚର୍ବି ଓ ଭିଟାମିନ ଇ- ଥାଏ ଯାହା ଆଂଟି ବାର୍ଦ୍ଧକ୍ୟ ଗୁଣ ପ୍ରଦାନ କରେ ଓ ଚର୍ମର ସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ । ଏହା ଆପଣଙ୍କ ଖାଦ୍ୟରେ ବହୁ ଭାବରେ ରଖାଯାଇପାରେ। ଏହାକୁ ଭାଜି, ମିଠା ସହିତ ଓ ଓଟମିଲ ସହିତ ମିଶାଇ ଗ୍ରହଣ କରାଯାଇପାରେ। ଏହାକୁ ମଧ୍ୟ ଖାଦ୍ୟର ସ୍ୱାଦ ବୃଦ୍ଧି ଲାଗି ମିଶାଯାଇପାରେ ।

## ୧୦୦ ତମ ଅଧ୍ୟାୟରେ ଜୀ ସାର୍ଥକର ମଧୁର ସଂସାର ମେଗା ଧାରାବାହିକ




ଭୁବନେଶ୍ୱର (ସବ୍ୟୁ): ଜୀ ସାର୍ଥକର ମେଗା ଧାରାବାହିକ ମଧୁର ସଂସାର ୧୦୦ତମ ଅଧ୍ୟାୟରେ ପହଞ୍ଚିଛି । ମଧୁ ଖବର କାଗଜ କମ୍ପାନୀରେ ସାମ୍ବାଦିକା ଭାବରେ ନିଯୁକ୍ତି ହେବା ଭରଦ୍ୱାଜ ପରିବାରର କିଛି ସଦସ୍ୟଙ୍କୁ ଭଲ ଲାଗେ ନାହିଁ । କିନ୍ତୁ ସ୍ୱର୍ଣ୍ଣ ଯେହେତୁ ମଧୁକୁ ସମର୍ଥନ କରେ, ତେଣୁ ମଧୁଙ୍କୁ ଏହି କାମ କରିବାକୁ କେହି ଅଟକାଇ ପାରନ୍ତି ନାହିଁ ବୋମା ଫିଙ୍ଗି ନିଜ ଶ୍ୱଶୁର ଘରକୁ ଧମକ ଦେଇଥିବା ଗୁଣ୍ଡା ବିରୋଧରେ ପ୍ରମାଣ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଥାଏ ମଧୁ । ଏଭଳି କାର୍ଯ୍ୟ ପାଇଁ ମଧୁ ତାଙ୍କ ଶ୍ୱଶୁର, ଦିଅର ଏବଂ ନଣନ୍ଦଙ୍କ ସାହାଯ୍ୟ ନିଅନ୍ତି ।ଏଭଳି କାର୍ଯ୍ୟରେ ଲିପ୍ତ ଥିବା ଗୁଣ୍ଡାଙ୍କ ଘରେ ଛଦ୍ମବେଶରେ ପଶି ପ୍ରମାଣ ସଂଗ୍ରହ କରିବାରେ ଲାଗିପଡନ୍ତି ତେବେ ସେମାନେ ଗୁଣ୍ଡାକୁ କଣ ଗିରଫ କରାଇବାରେ ସଫଳ ହେବେ? ମଧୁ ଙ୍କୁ କଣ ସମସ୍ତଙ୍କଠାରୁ ପ୍ରଶଂସା ମିଳିବ? ମାନସ କଣ ମଧୁ ଙ୍କ କାର୍ଯ୍ୟ ପାଇଁ ଗର୍ବ କରିବେ? ସବୁପରେ ଯୌଥ ପରିବାର ମଧରେ ଥିବା ଅନ୍ୟ ଏକ ଆର୍ଥିକ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରେ ମଧୁ । ହେଲେ ମଧୁ କଣ ସଫଳ ହେଇପାରିଛି ? ଏସବୁ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଦେଖନ୍ତୁ ସୋମବାରରୁ ଶନିବାର ସନ୍ଧ୍ୟା ୭ ଟାରୁ ମେଗା ଧାରାବାହିକ ମଧୁର ସଂସାର । ଓଡିଆ ମହିଳାମାନଙ୍କର ସଂସ୍କୃତି ଏବଂ ସରଳତାକୁ ପ୍ରତିଫଳିତ କରୁଥିବା ଚରିତ୍ରର ଅସାଧାରଣ କାହାଣୀ, ଜୀ-ସାର୍ଥକ ସଦା ସର୍ବଦା ତା'ର ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଓଡ଼ିଆ ଦର୍ଶକଙ୍କୁ ଦେଖାଇ ଆସିଛି । ଏଥର ସେହିପରି ନୂଆ କାହାଣୀ ମଧୁର ସଂସାରର ଆରମ୍ଭ ସହିତ ଜୀ-ସାର୍ଥକ ଜାରି ରଖିଛି ଓଡିଆ ଦର୍ଶକଙ୍କ ମନୋରଞ୍ଜନର ଯାତ୍ରା ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ପ୍ରତୀକ ସିଲ ।

## ଭାରତୀୟ ଜନତା ପାର୍ଟିର ନଗର କର୍ମକର୍ତ୍ତା ବୈଠକ

କେନ୍ଦ୍ରାପଡ଼ା (ସବ୍ୟୁ): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ସ୍ଥାନୀୟ କାକଟ ଠାରେ କେନ୍ଦ୍ରାପଡା ପୌରାଂଚଳ ୨୧ଟି ୱାର୍ଡର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ବିଧାନସଭା ସଂଯୋଜକ ଉପୀନ ରାଉତଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଉପାଧକ୍ଷ ତଥା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ବିଧାୟକ ପ୍ରାର୍ଥୀ ଗୀତାଳୀ ସେଠୀ, ବିଧାନସଭା ପ୍ରଭାରୀ ବିନୋଦ ଦାସ, ସଂଯୋଜକ ସୁନାକର ବେହେରା, ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତଙ୍କ ସମେତ ସୁରତ ସେଠୀ, ଚନ୍ଦନ ପାତ୍ର, ନଗର ସଭାପତି ପ୍ରମୋଦ ମହାନ୍ତି ପ୍ରମୁଖ ଙ୍କ ସହ ଶତାଧିକ କର୍ମୀ ଯୋଗଦେଇ ଭାରତୀୟ ଜନତା ପାର୍ଟିରେ ନିଜର ତନ ମନକୁ ନିୟୋଜିତ କରି ଆଗାମୀ ନିର୍ବାଚନ ରେ ବିପୁଳ ଭୋଟ ସଂଗ୍ରହ କରି ନରେନ୍ଦ୍ର ମୋଦୀଙ୍କ ନାରା ଅବକି ବାର ୪୦୦ ପାର, ନାରାକୁ ସଫଳ କରିବା ସହ ଓଡିଶାରେ ସରକାର କରିବାର ସଂକଳ୍ପ ନେଇଛନ୍ତି । କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଉପାଧକ୍ଷ ଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ ବିଜେପିର ଲକ୍ଷ୍ୟ ଓ ଆଦର୍ଶ ଜଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ବିକାଶ ଧାରାକୁ ସାକାର କରିବା ନିମମନ୍ତେ ଏକାଠି ହୋଇ ବିଜେପିର ଡବଲ ଇଞ୍ଜିନ୍ ସରକାର କରିବା ପାଇଁ ୨ଗୋଟି ଭୋଟ ପଦ୍ମଫୁଲ ରେ ଦେବାପାଇଁ ଓଡିଶାର ଦୁଇ ଗୁଣ ବିକାଶର ଭାଗିଦାରୀ ହେବାକୁ ପ୍ରକାଶ କରିଥିଲ । ଆୟୋଜିତ କାର୍ଯ୍ୟକ୍ରମ ରେ ସଲିମ ଖାନ, ବିନୋଦ ବେହେରା, ନେହେରୁ କୁମାର ସାହୁ, ନୃସିଂହ ପ୍ରସାଦ ପତ୍ରୀ, ଅଶୋକ କୁମାର ସୁଆର, ଉମାକାନ୍ତ ଦାସ, ରାଜେନ୍ଦ୍ର ପତି, ଅମିତାବ ସୁଆରଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଏହି ଅବସର ରେ କେନ୍ଦ୍ରାପଡା ନଗର ର ସତ୍ୟ ନାରାୟଣ ପତି, ନାରାୟଣ ପୃଷ୍ଟି, ନରହରି ପତି, ସଚ୍ଚିଦାନନ୍ଦ ବେହେରା, ଅଭିମନ୍ୟୁ ଗୋଛାୟତ ପ୍ରମୁଖ ପୁରୁଖା କାର୍ଯ୍ୟକର୍ତା ମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା ।

## ଡିସ୍ ଟିଭି ପକ୍ଷରୁ 'ଡିସ୍ ଟିଭି ସ୍ମାର୍ଟ' ସେବାର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଅଗ୍ରଣୀ ଡିଟିଏଚ୍ ପ୍ରଦାନକାରୀ ସଂସ୍ଥା ଡିସ୍ ଟିଭି 'ଡିସ୍ ଟିଭି ସ୍ମାର୍ଟ' ସେବାର ଘୋଷଣା କରିଛି। ଏହି ଶୁଭାରମ୍ଭ ଶିଳ୍ପରେ ଏକ ଅଗ୍ରଣୀ ମାଇଲଖୁଣ୍ଟ, ଯାହା ଗ୍ରାହକମାନଙ୍କୁ କୌଣସି ସ୍କ୍ରିନରେ, ଯେକୌଣସି ସ୍ଥାନରେ, ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ ଟିଭି ଏବଂ ଓଟିଟି କଂଟେଟ ଆକେସସ୍ ପ୍ରଦାନ କରୁଛି। ଏହା ସୁବିଧା, ନମନୀୟତା ଏବଂ ଉନ୍ନତ ମନୋରନ ବିକଳ୍ପ ସୁନିଶ୍ଚିତ କରୁଛି । 'ଡିସ୍ ଟିଭି ସ୍ମାର୍ଟ' ସେବା ମାଧମରେ ନୂତନ ତଥା ବତର୍ମାନର ଗ୍ରାହକଙ୍କ ସମେତ ସମସ୍ତ ଡିସ୍ ଟିଭି ଏବଂ ଡି୨ଏଚ୍ ଗ୍ରାହକମାନେ ସେମାନଙ୍କ ମନୋନୀତ ଟିଭି ସବସ୍କ୍ରିପସନ ପ୍ୟାକ୍ ସହିତ ଲୋକପ୍ରିୟ ଓଟିଟି ଆପ୍ ଉପଭୋଗ କରିପାରିବେ। 'ଡିସ୍ ଟିଭି ସ୍ମାର୍ଟ' ସେବା ଇକୋସିଷ୍ଟମ୍ ଯେକୌଣସି ସ୍କ୍ରିନରେ, ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ, ଓଟିଟି ସୁପର ଆପ୍, ସେଟ୍ ଟପ୍ ବକ୍ସ ସମେତ ସ୍ମାର୍ଟ ଡିଭାଇସ୍ ଏବଂ ସ୍ମାର୍ଟ ଆଣ୍ଡ୍ରଏଡ୍ ଏସଟିବି ମାଧମରେ ମନୋରନକୁ ସକ୍ଷମ କରିବା ଡିସ୍ ଟିଭି ଏହି ଡିଭାଇସ୍ ଗୁଡ଼କରେ ସେମାନଙ୍କ ସେବାଗୁଡ଼ିକୁ ନିରବଚ୍ଛିନ୍ନ ଭାବେ ସମନ୍ୱିତ କରିବା ପାଇଁ ଟପ୍ ଟିଭି ଏବଂ ମୋବାଇଲ୍ ଅରିଜିନାଲ୍ ଇକ୍ୱିପମେଣ୍ଟ ମ୍ୟାନୁଫାକ୍ଚରର୍ସ (ଓଇଏମ୍) ସହିତ ସହଭାଗିତା କରିବ, ଯାହା ଦ୍ୱାରା ସାମଗ୍ରିକ ଉପେଭାକ୍ତାଙ୍କ ଅଭିଜ୍ଞତା ସମୃଦ୍ଧ ହେବ । ଡିସ୍ ଟିଭି ଇଣ୍ଡିଆ ଲିମିଟେଡ୍‌ର ସିଇଓ ମନୋଜ ଦୋଭାଲ କହିଛନ୍ତି, 'ଡିସ୍ ଟିଭି ଏହାର ପ୍ରତିଷ୍ଠା




ପରଠାରୁ ମନୋରଞ୍ଜନ ବ୍ୟବହାର କ୍ଷେତ୍ରରେ ପରିବର୍ତ୍ତନ ଆଣିଛି । 'ଡିସ୍ ଟିଭି ସ୍ମାର୍ଟ' ସେବାର ଶୁଭାରମ୍ଭ କେବଳ ଏକ ପ୍ରସ୍ତାବ ନୁହେଁ ଏହା ଭାରତରେ ମନୋରଞ୍ଜନ ବ୍ୟବହାରକୁ ପୁନଃସଂକଳ୍ପିତ କରିବାର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । ଏହି ଦୂରଦର୍ଶୀ ପ୍ରସ୍ତାବକୁ ପ୍ରଭାବଶାଳୀ ଭାବରେ ପ୍ରଚାର କରିବା ପାଇଁ, ଡିସ୍ ଟିଭି ଟେଲିଭିଜନ, ଡିଜିଟାଲ, ପ୍ରିଂଟ ଏବଂ କପୋର୍ରେଟ୍ ଆଉଟରିଚ ସମେତ ଏକାଧିକ ଚ୍ୟାନେଲରେ ଏକ ବ୍ୟାପକ ମାର୍କେଟିଂ ଅଭିଯାନ ଆରମ୍ଭ କରିଛି, ଯାହା ଯେକୌଣସି ସ୍କ୍ରିନରେ, ଯେକୌଣସି ସ୍ଥାନରେ ମନୋରନ ଉପଲବ୍ଧତାର ବାର୍ତାକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

## ଏଆରଏମସି ଆଇଭିଏଫ ଫର୍ଟିଲିଟି ସେଣ୍ଟର

# ଅଧିଗ୍ରହଣ କଲା ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ

ଭୁବନେଶ୍ୱର (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ଆଇଭିଏଫ ନେଟୱାର୍କ ଏବଂ ୨.୯ ଅରବ ଡଲାର ସିକେ ବିର୍ଲା ଗ୍ରୁପର ଏକ ଅଂଶବିଶେଷ ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ ପକ୍ଷରୁ ଏଆରଏମସି ଆଇଭିଏଫ ଫର୍ଟିଲିଟି ସେଣ୍ଟର ଅଧିଗ୍ରହଣ ସମ୍ପର୍କରେ ଘୋଷଣା କରିଛି, ଯାହା ଦ୍ୱାରା ଏହି ନେଟ୍‌ୱର୍କର ଦକ୍ଷିଣ ଭାରତକୁ ପ୍ରବେଶ ହୋଇଛି। ବର୍ତମାନ ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ ୩୦ଟି ସେରରେ ପରିଚାଳନା କରୁଛି ଏବଂ ଏହି ଅଧିଗ୍ରହଣ ସହିତ ଏହା କେରଳ, କର୍ଣ୍ଣାଟକ ଓ ତାମିଲନାଡୁରେ ନିଜର

Birla Fertility & IVF

ଉପସ୍ଥିତି ସମ୍ପ୍ରସାରିତ କରିବା ସହ ସମଗ୍ର ଦେଶରେ ସମୁଦାୟ ୩୭ଟି ସେଣ୍ଟର ପରିଚାଳନା କରିବ। ଏହି ଅଧିଗ୍ରହଣ ଫଳରେ ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ ଏକ ଅଗ୍ରଣୀ ସଂସ୍ଥା ଭାବେ ଜନସାଧାରଣଙ୍କୁ ସେମାନଙ୍କର ଫର୍ଟିଲିଟି ଆବଶ୍ୟକତା କ୍ଷେତ୍ରରେ ଆବଶ୍ୟକତା ପୁରଣ କରିବ । ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ ଜରିଆରେ ମାତ୍ର ତିନି ବର୍ଷ ମଧରେ ଏହି ଗ୍ରୁପ ନିଜକୁ ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ଏବଂ ସର୍ବାଧିକ ବିଶ୍ୱସନୀୟ ଫର୍ଟିଲିଟି କେୟାର ବ୍ରାଣ୍ଡ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛି।

## କ୍ରିପ୍ଟୋ କାରବାରରେ ୫୪.୭୫ ଲକ୍ଷ ଠକେଇ, ୩ ସାଇବର ଠକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କ୍ରିପ୍ଟୋ କାରବାରରେ ଟଙ୍କା ବିନିଯୋଗ କରି ଠକେଇର ଶିକାର ହୋଇ ୨୦୨୩ ମସିହାରେ ଏତଲା କରିଥିବା ବ୍ୟକ୍ତିଙ୍କ ଏତଲାକୁ ଆଧାର କରି କ୍ରାଇମବ୍ରାଞ୍ଚ ସାଇବର ୟୁନିଟ୍ ୩ ଜଣଙ୍କୁ ଗିରଫ କରିଛି । ଗିରଫ ୩ ଜଣ ହେଲେ ବରଗଡ଼ର ସୁମିତ୍ କୁମାର ଦାସ, ଅମୀୟ ରଞ୍ଜନ ଶତପଥୀ ଓ ଛତିଶଗଡ଼ ଭିଲାଇର ସିଦ୍ଧାର୍ଥ ଶତପଥୀ । ସୁମିତ୍ ଓ ଅମୀୟ ଫିଣ୍ଟେକ୍ କମ୍ପାନୀର ନିର୍ଦ୍ଦେଶକ ଥିବାବେଳେ ସିଦ୍ଧାର୍ଥ ଫିନେପ୍ କମ୍ପାନୀର ନିର୍ଦ୍ଦେଶକ ଥିବା କ୍ରାଇମ୍‌ବ୍ରାଞ୍ଚ କହିଛି । ଗିରଫ ୩ ଜଣ ୨୦୨୩ ମସିହା ମେ ୬ ତାରିଖରୁ ମେ ୨୩ ତାରିଖ ମଧରେ ଏତଲାକାରୀଙ୍କ ଠାରୁ ୫୪.୭୫ ଲକ୍ଷ ଠକି ନେଇଥିବା ସେ ଏତଲାରେ ଦର୍ଶାଇଛନ୍ତି । ୨୦୨୩ ମସିହା ମେ ୫ ତାରିଖରେ ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ସହ ହ୍ୱାଟ୍‌ସଆପ୍‌ରେ ଯୋଗାଯୋଗ କରିଥିଲେ ଗିରଫ ଅଭିଯୁକ୍ତ । ସେ ହ୍ୱାଟ୍ସଆପ୍‌ରେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବ୍‌ସ୍କ୍ରାଇବ୍ କରିବାକୁ କହିଥିଲେ । ଏଥିସହ ଟେଲିଗ୍ରାମ୍‌ରେ ମଧ ଏତଲାକାରୀଙ୍କ ସହ ଯୋଗାଯୋଗ କରି ଟଙ୍କା ବିନିଯୋଗ କରିବାକୁ ପ୍ରବର୍ତାଇ ଥିଲେ । ଟଙ୍କା ବିନିଯୋଗ କଲେ କମ୍ ଦିନରେ ଅଧିକ ଲାଭ ହେବ ବୋଲି ସାଇବର ଠକ ଏତଲାକାରୀଙ୍କୁ ପ୍ରଲୋଭିତ କରାଇଥିଲେ । ଗିରଫ ୩ ଠକଙ୍କୁ କ୍ରାଇମ୍‌ବ୍ରାଞ୍ଚ କୋର୍ଟଚାଲାଣ କରିଥିଲେ ମଧ ତଦନ୍ତ ଜାରି ରହିଛି ।

MAA GOURI JEWELLERS
An ISO-9001:2015 Certified Jewellery




Deals in 916/22K Huid Halmark Gold Available here.
Plot No.: N5-259/E, Indradhanu Market, IRC Village, BBSR-15
Mob. : 9438004290, 7008078823
laxmidharsubudhi1975@gmail.com www.maagourijewellwers.com

# ଜଙ୍ଗଲ ନିଆଁ ନେଇ ଚିନ୍ତାରେ ସୁପ୍ରିମକୋର୍ଟ

## ବର୍ଷା କିମ୍ବା କୃତ୍ରିମ ବର୍ଷା ଭରସାରେ ରୁହନି





**ନୂଆଦିଲ୍ଲୀ:** ଉତ୍ତରାଖଣ୍ଡର ଜଙ୍ଗଲରେ ବ୍ୟାପକ ଅଗ୍ନିକାଣ୍ଡ ଘଟିଛି ।ଏହି ନିଆଁ ଲିଭିବାର ନାଁ ନେଉନାହିଁ । ଏହାକୁ ଲିଭାଇବାକୁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଛି । ତଥାପି ଏହି ଜଙ୍ଗଲ ନିଆଁ ଏବେ ଜନବସତି ଆଡକୁ ବ୍ୟାପିବାରେ ଲାଗିଛି । ଏହାକୁ ନେଇ ଏବେ ସୁପ୍ରିମକୋର୍ଟ ଚିନ୍ତା ବ୍ୟକ୍ତ କରିଛନ୍ତି । ଏଥିସହ ଉତ୍ତରାଖଣ୍ଡ ସରକାରଙ୍କୁ କୋର୍ଟ ତାଗିଦ କରିଛନ୍ତି । ଆମେ ବର୍ଷା କିମ୍ବା କୃତ୍ରିମ ବର୍ଷା ଭରସାରେ ହାତ ଉପରେ ହାତ ରଖି ବସି ପାରିବା ନାହିଁ । ଗଣମାଧ୍ୟମରେ ଜଙ୍ଗଲରେ ଲାଗିଥିବାର ନିଆଁର ଭୟଙ୍କର ଚିତ୍ର ଆପଣ ନିଶ୍ଚିତ ଦେଖିଥିବେ । ଏଥିପାଇଁ ରାଜ୍ୟ ସରକାର କ'ଣ କରୁଛନ୍ତି । ସରକାରଙ୍କୁ ଏଥିପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ହେବ । ଏଥିସହ ଏହି ପ୍ରସଙ୍ଗରେ କେନ୍ଦ୍ରୀୟ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିକୁ ସାମିଲ କରାଇବାକୁ ସୁପ୍ରିମ କୋର୍ଟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଜିଷ୍ଟିସ୍ ବିଆର୍ ଗଓ୍ୱଇ ଓ ଜଷ୍ଟିସ ସନ୍ଦୀପ ମେହଟାଙ୍କ ଖଣ୍ଡପୀଠରେ ଆଜି ଉତ୍ତରାଖଣ୍ଡର ଜଙ୍ଗଲରେ ଲାଗିଥିବା ନିଆଁକୁ ନେଇ ହୋଇଥିବା ଏକ ମାମଲାର ଶୁଣାଣି ହୋଇଛି । ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ବଢୁଥିବା ଅଗ୍ନିକାଣ୍ଡ ଘଟଣାରେ ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ଏହାକୁ ନିୟନ୍ତ୍ରଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ । ସେ ଦୁଇ ବର୍ଷ ପୂର୍ବେ ଏନଜିଟିରେ ମଧ୍ୟ ଏକ ପିଟିସନ ଦାଖଲ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ସରକାର ଏହା ଉପରେ କୌଣସି ପଦକ୍ଷେପ ନେଇନାହାଁନ୍ତି । ସେଥିପାଇଁ ମୋତେ ଏଠାକୁ ଆସିବାକୁ ପଡିଲା ବୋଲି ଆବେଦନକାରୀ କହିଛନ୍ତି । ବର୍ତ୍ତମାନ ସୁଦ୍ଧା ଜଙ୍ଗଲରେ ଲାଗିଥିବା ନିଆଁକୁ ନେଇ ୩୯୮ଟି ଘଟଣା ରେଜିଷ୍ଟର ହୋଇଛି । ୩୫୦ରୁ ଅଧିକ ଅପରାଧିକ ମାମଲା ରୁଜୁ ହୋଇଛି ଯେଉଁଥିରେ ୬୨ ଜଣଙ୍କ ନାଁ ରହିଛି । ୨୯୮ ଅଜ୍ଞାତ ଲୋକଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚାଲିଛି ।

# ଜେପି ନଡ୍ଡା ଓ ଅମିତ ମାଲବ୍ୟଙ୍କୁ ସମନ୍



**ନୂଆଦିଲ୍ଲୀ:** ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ସମନ । ବିଜେପିର ବିବାଦୀୟ ପୋଷ୍ଟକୁ ନେଇ ତାଙ୍କୁ କର୍ଣ୍ଣାଟକ ପୁଲିସ ସମନ ପଠାଇଛି । ତାଙ୍କ ସହ ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟଙ୍କୁ ମଧ୍ୟ ପୁଲିସ ସମନ କରିଛି । ବେଙ୍ଗାଲୁରୁ ପୁଲିସ ସାମ୍ନାରେ ହାଜର ହେବାକୁ ଉଭୟଙ୍କୁ ଏକ ସପ୍ତାହ ସମୟ ଦିଆଯାଇଛି । ନିକଟରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଦଳର ଆଇଟି ମୁଖ୍ୟ ଅମିତ ମାଲବ୍ୟ ଓ କର୍ଣ୍ଣାଟକା ବିଜପି ମୁଖ୍ୟ ବିଓ୍ୱାଇ ବିଜୟେନ୍ଦ୍ରଙ୍କ ବିରୋଧରେ ଏଫଆଇଆର ରୁଜୁ କରିଥିଲା କଂଗ୍ରେସ । ଏସସି ଓ ଏସଟି ସଂପ୍ରଦାୟର ଲୋକଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ନଦେବାକୁ ଏମାନେ ଡରାଉଥିବାରୁ କଂଗ୍ରେସ ଏପରି ପଦକ୍ଷେପ ନେଇଥିଲା । କଂଗ୍ରେସର ଏଫଆଇଆର ପରେ ପୁଲିସ୍ ମାମଲା ରୁଜୁ କରିଥିଲା । ସୋସିଆଲ ମିଡିଆ ପ୍ଲାଟଫର୍ମରେ କର୍ଣ୍ଣାଟକ ବିଜେପି ଦ୍ୱାରା ଏକ ଭିଡିଓ ପୋଷ୍ଟ କରାଯାଇଥିଲା । ଏହି ଭିଡିଓକୁ ନେଇ ବିବାଦ ଆରମ୍ଭ ହୋଇଥିଲା । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ରାହୁଲ ଗାନ୍ଧିଙ୍କୁ ଏହି ଭିଡିଓରେ ଭୁଲ୍ ରୂପେ ଉପସ୍ଥାପିତ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି । ଏ ସମ୍ପର୍କରେ କର୍ଣ୍ଣାଟକ କଂଗ୍ରେସ ନିର୍ବାଚନ ଆୟୋଗଙ୍କୁ ଏକ ଚିଠି ମଧ୍ୟ ଲେଖିଥିଲା । ଏଥିରେ କୁହାଯାଇଥିଲା ଯେ, ଭିଡିଓ ଜରିଆରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଲୋକଙ୍କୁ ଭୟଭୀତ କରାଯାଇଛି । ଏସସି / ଏସଟି ସମ୍ପ୍ରଦାୟର ଲୋକଙ୍କ ବିରୋଧରେ ଶତ୍ରୁତା, ଘୃଣା ଏବଂ ଅନୈତିକ ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଭିଡିଓକୁ ବିଜେପି ଦ୍ୱାରା ପୋଷ୍ଟ କରାଯାଇଥିବା ନେଇ କଂଗ୍ରେସ ଅଭିଯୋଗ କରିଥିଲା ।


ଏହା ସହିତ କର୍ଣ୍ଣାଟକ କଂଗ୍ରେସ ବିଜେପି ଉପରେ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ମଧ୍ୟ କରିଛି । ନିର୍ବାଚନ ଆୟୋଗଙ୍କୁ ଲେଖାଯାଇଥିବା ଚିଠିରେ କଂଗ୍ରେସ କହିଛି ଯେ ରାହୁଲ ଗାନ୍ଧି ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଏହି ଭିଡିଓରେ ଆନିମେଟେଡ୍ ରୂପେ ଦର୍ଶାଯାଇଛି, ଯାହା ଆଚରଣ ବିଧି ଉଲ୍ଲଂଘନ କରୁଛି । ଏହି ଭିଡିଓକୁ କର୍ଣ୍ଣାଟକ ବିଜେପି ଦ୍ୱାରା ମେ' ୪ରେ ପୋଷ୍ଟ କରାଯାଇଥିଲା ।

# କନ୍ୟାକୁ ୯୬, ବରକୁ ୧୦୦

## ୩ ବର୍ଷ ଡେଟ୍ ପରେ ପଡ଼ିଲା ହାତଗଣ୍ଠି

**ଓ୍ୱାଶିଂଟନ:** କୁହାଯାଏ ପ୍ରେମ ପାଇଁ କୌଣସି ବୟସ ନାହିଁ । ଜଣେ ବ୍ୟକ୍ତି ଯେକୌଣସି ବୟସରେ ନିଜର ପ୍ରକୃତ ପ୍ରେମକୁ ପାଇପାରିବେ । ଏହାର ଏକ ଉଦାହରଣ ସାମ୍ନାକୁ ଆସିଛି । ଆମେରିକାର ଜଣେ ୧୦୦ ବର୍ଷ ବୟସ୍କ ବ୍ୟକ୍ତି ତାଙ୍କ ୯୬ ବର୍ଷର ଗର୍ଲଫ୍ରେଣ୍ଡ ସହିତ ବିବାହ କରିବାକୁ ଯାଉଛନ୍ତି । ୨୦୨୧ ମସିହାରୁ ଗତ ୩ ବର୍ଷ ଧରି ଉଭୟ ପରସ୍ପରକୁ ଡେଟ୍ କରୁଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହରୋଲ୍ଡ ଟେରେନ୍ସ ଆମେରିକା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି, ଏଥର ଆଲୋଚନାର କାରଣ ହେଉଛି ତାଙ୍କର ବ୍ୟକ୍ତିଗତ ଜୀବନ । ସେ ଆସନ୍ତା ମାସରେ ଫ୍ରାନ୍ସରେ ଥିବା ତାଙ୍କ ଗର୍ଲଫ୍ରେଣ୍ଡଙ୍କ ସହ ବିବାହ କରିବାକୁ ଯାଉଛନ୍ତି । ଦୁହେଁ ସମୁଦ୍ର କୂଳରେ ବିବାହ କରୁଛନ୍ତି ଯେଉଁଠାରେ ଆମେରିକୀୟ ସେନା ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧ କରିବାକୁ ଅବତରଣ କରିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ବାୟୁସେନାରେ କାର୍ଯ୍ୟ କରିଥିବା ହରୋଲ୍ଡଙ୍କୁ ଡି-ଡେ ଅବତରଣର ୮୦ତମ ବାର୍ଷିକୀ ଜୁନ୍ ୬ରେ ସମ୍ମାନିତ କରାଯିବ । ସେହି ଦିନ ଆମେରିକା ସହଯୋଗୀ ଦଳରେ ଯୋଗ ଦେଇ ବିଶ୍ୱଯୁଦ୍ଧର ଗତି ବଦଳାଇଥିଲା । ଏହି ଯୁଦ୍ଧରେ, ହରୋଲ୍ଡ ଜୀବନ୍ତ ଫେରିଥିବା ଭାଗ୍ୟଶାଳୀମାନଙ୍କ ମଧ୍ୟରୁ ଜଣେ ଥିଲେ ।

# ଲିଭ୍-ଇନ୍ ରିଲେସନ୍‌ଶିପ୍ ଭାରତୀୟ ସଂସ୍କୃତି ପାଇଁ କଳଙ୍କ'



**ନୂଆଦିଲ୍ଲୀ:** ଏବେକାର ଯୁବପିଢୀ ବିବାହ ପୂର୍ବରୁ ଲିଭ-ଇନ୍ ରିଲେସନଶିରେ ରହିବାକୁ ପସନ୍ଦ କରନ୍ତି । ଅଧିକାଂଶ ଲିଭ୍-ଇନ୍ ରିଲେସନଶିପରେ ରହୁଛନ୍ତି ।ଏହା ଆଜିକାଲି ଏକ ଫ୍ୟାଶନ ପାଲଟି ଗଲାଣ । ବିବାହ ପୂର୍ବରୁ ପରସ୍ପରକୁ ଭଲ ଭାବେ ଜାଣିବା ପାଇଁ ଯୁବକ-ଯୁବତୀ ଲିଭ-ଇନରେ ରହିବାକୁ ପସନ୍ଦ କରନ୍ତି । ତେବେ ଏହି ଲିଭ-ଇନ୍ ରିଲେସନଶପକୁ ନେଇ ଛତିଶଗଡ ହାଇକୋର୍ଟ ଏକ ବଡ ରାୟ ଦେଇଛନ୍ତି । ଏହାକୁ ଭାରତୀୟ ସଂସ୍କୃତି ପାଇଁ କଳଙ୍କ ବୋଲି କହିଛନ୍ତି । ଜଷ୍ଟିସ୍ ଗୌତମ ଭାଦୁଡି ଓ ଜଷ୍ଟିସ ସଞ୍ଜୟ ଏସ୍ ଅଗ୍ରଓ୍ୱାଲଙ୍କ ଦୁଇ ଜଣିଆ ଖଣ୍ଡପୀଠ ଲିଭ୍-ଇନ୍ ସମ୍ପର୍କରୁ ଜନ୍ମ ହୋଇଥିବା ଶିଶୁର ହେପାଜତ ମାମଲାରେ ଶୁଣାଣି କରି କଡ଼ା ମନ୍ତବ୍ୟ ଦେଇଛନ୍ତି । ବାସ୍ତବରେ, ଶିଶୁଟିର ରକ୍ଷଣାବେକ୍ଷଣ ସଂପର୍କରେ ତା' ବାପା ଛତିଶଗଡ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ । ମାମଲାର ଶୁଣାଣି ପରେ କୋର୍ଟ ଏହି ଆବେଦନକୁ ଖାରଜ କରିଛନ୍ତି । କଡା ମନ୍ତବ୍ୟ ଦେଇ କୋର୍ଟ କହିଛନ୍ତି ଯେ ସମାଜର କେତେକ ସ୍ଥାନରେ ଗ୍ରହଣ କରାଯାଇଥିବା ଲିଭ୍-ଇନ୍ ସମ୍ପର୍କ ଏବେ ମଧ୍ୟ ଭାରତୀୟ ସଂସ୍କୃତିରେ ଏକ କଳଙ୍କିତ ହୋଇ ରହିଛି । କାରଣ ଲିଭ୍-ଇନ୍ ସମ୍ପର୍କ ଏକ ଆୟାତିତ ଧାରଣା, ଯାହା ଭାରତୀୟ ରୀତିନୀତିର ପୂରାପୁରି ବିପରିତ ।କୋର୍ଟ ଆହୁରି କହିଛନ୍ତି, ଜଣେ ବିବାହିତ ଲୋକଙ୍କ ପାଇଁ ଲିଭ୍-ଇନ୍ ରିଲେସନଶିପର ବାହାରକୁ ଆସିବା ସହଜ । ତେବେ ଲିଭ୍-ଇନ୍ ସମ୍ପର୍କରୁ ଜନ୍ମିତ ପିଲାମାନଙ୍କ ଦୁଃଖକୁ କୋର୍ଟ ଅଣଦେଖା ପାରିବେ ନାହିଁ । ଏହି ଲିଭ-ଇନ୍ ସମ୍ପର୍କ ଭାରତୀୟ ମାନ୍ୟତା ବିରୋଧୀ ଅଟେ ବୋଲି କୋର୍ଟ କହିଛନ୍ତି ।

# ଭିଡ଼ିଓ ସୁଟ୍ ମହଙ୍ଗା ପଡ଼ିଲା

## ଟିଭି ସାମ୍ବାଦିକଙ୍କୁ ଦଳି ଦେଲା ହାତୀ

**ତିରୁଅନନ୍ତପୁରମ୍:** କେରଳରେ ଜଣେ ଟିଭି ସାମ୍ବାଦିକଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି । ଟିଭି ସାମ୍ବାଦିକ କେରଳର ପାଲକ୍କଡ ଜିଲ୍ଲାରେ ସୁଟିଂ ପାଇଁ ଯାଇଥିଲେ । ସେ ଦେଖିଥିଲେ ଗୋଟିଏ ହାତୀପଲ ନଦୀ ପାର ହୋଇଯାଉଛନ୍ତି । ସେ ଭିଡିଓ ତିଆରି କରିବା ସମୟରେ ହଠାତ୍ ଏକ ହାତୀ ଆକ୍ରମଣ କରିଥିଲା । ଏହାପରେ ୩୪ ବର୍ଷ ବୟସ୍କ ସାମ୍ବାଦିକ ଏ.ଭି ମୁକେଶଙ୍କୁ ଚିକିତ୍ସା ପାଇଁ ପାଲକ୍କଡ ଜିଲ୍ଲାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ ।

ଏଭି ମୁକେଶ ମାଲାୟାଲମ୍ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲରେ କାମ କରୁଥିଲେ । କୋଟେକ୍କଡ ଅଞ୍ଚଳରେ ତାଙ୍କୁ ଏକ ହାତୀ ଆକ୍ରମଣ କରିଥିବା ଜଣାପଡିଛି । ମତୃଭୂମୀ ନ୍ୟୁଜର ପାଲକ୍କଡ୍ ବ୍ୟୁରୋର କ୍ୟାମେରାମ୍ୟାନଙ୍କ ମୃତ୍ୟୁ ପରେ ଲୋକମାନେ ଅଭିଯୋଗ କରିଛନ୍ତି ଯେ ହାତୀମାନେ କ୍ରମାଗତ ଭାବରେ ହଇରାଣ କରୁଛନ୍ତି । ହାତୀଙ୍କୁ ନିୟନ୍ତ୍ରଣ କରିବାକୁ ସେମାନେ ଅନେକ ଥର ଦାବି କରିଛନ୍ତି । କିନ୍ତୁ ସେସବୁକୁ ଶୁଣାଯାଉ ନାହିଁ । ଯେତେବେଳେ ମୁକେଶଙ୍କୁ ଡାକ୍ତରଖାନା ଅଣାଯାଇଥିଲା, ତାଙ୍କ ପତ୍ନୀ ତିଶା ମଧ୍ୟ ତାଙ୍କ ସହ ଥିଲେ । କିନ୍ତୁ ମୁକେଶଙ୍କ ଜୀବନ ରକ୍ଷା କରାଯାଇ ପାରି ନଥିଲା ।

# କର୍ମଚାରୀ ସମୂହ ଛୁଟି ନେବାରୁ ୭୮ ବିମାନର ଉଡ଼ାଣ ବାତିଲ



**ନୂଆଦିଲ୍ଲୀ:** ସମୂହ ଛୁଟିରେ ଗଲେ ଏୟାର ଇଣ୍ଡିଆର ୩ଶହ କର୍ମଚାରୀ । ଅସୁସ୍ଥତା ଦର୍ଶାଇ ଏକ ସଙ୍ଗେ ସମସ୍ତ କର୍ମଚାରୀ ସମୂହ ଛୁଟିରେ ଚାଲି ଯାଇଛନ୍ତି । ସମୂହ ଛୁଟିରେ ଗଲେ ଏୟାର ଇଣ୍ଡିଆର ୩ଶହ କର୍ମଚାରୀ । ଅସୁସ୍ଥତା ଦର୍ଶାଇ ଏକ ସଙ୍ଗେ ସମସ୍ତ କର୍ମଚାରୀ ସମୂହ ଛୁଟିରେ ଚାଲି ଯାଇଛନ୍ତି । ଫଳରେ ଗତ ରାତିରୁ ଆଜି ସକାଳ ପର୍ଯ୍ୟନ୍ତ ଏୟାର ଇଣ୍ଡିଆ ୭୮ରୁ ଅଧିକ ଘରୋଇ ଓ ଅନ୍ତର୍ଜାତୀୟ ଉଡ଼ାଣକୁ ବାତିଲ୍ କରି ସାରିଲାଣି । ଗତକାଲି ହଠାତ୍ କର୍ମଚାରୀମାନେ ଅସୁସ୍ଥତା ଦର୍ଶାଇ ଛୁଟି ପାଇଁ ଆବେଦନ କରିଥିଲେ । ଏହାପରେ ସମସ୍ତଙ୍କ ମୋବାଇଲ ସୁଇଚ ଅଫ୍ ହୋଇ ଯାଇଛି । ସେମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯିବା ସତ୍ତ୍ୱେ ତାହା ସମ୍ଭବ ହୋଇ ପାରୁନି ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି । ଏନେଇ ଏୟାର ଇଣ୍ଡିଆ ପ୍ରବକ୍ତା କହିଛନ୍ତି, ଆମର ଶତାଧିକ କ୍ୟାବିନ କ୍ର୍ୟୁ ମେମ୍ବର ଏକସଙ୍ଗେ ଅସୁସ୍ଥ ହୋଇ ଯାଇଛନ୍ତି । ଫଳରେ ଅନିଚ୍ଛା ସତ୍ତ୍ୱେ ଆମକୁ ବହୁ ଫ୍ଲାଇଟକୁ ବାତିଲ କରିବା ସହ ବହୁ ଫ୍ଲାଇଟକୁ ବିଳମ୍ବରେ ଛାଡ଼ିବାକୁ ପଡୁଛି । ଏଥିଯୋଗୁ ଆମ ଯାତ୍ରୀମାନେ ବହୁ ହଇରାଣର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଆମ ଟିମ୍ ନିରନ୍ତର ରୂପେ କାମ ଚାଲୁ ରଖିଛି । ଏହାସତ୍ତ୍ୱେ ଯାତ୍ରୀଙ୍କ ଅସୁବିଧାକୁ ଦୂର କରିବାକୁ ଯଥାସମ୍ଭବ ଆମେ ଚେଷ୍ଟାରତ ଥିବା ବେଳେ ଏଥିନିମନ୍ତେ ସେମାନଙ୍କ ନିକଟରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରୁଛୁ । ଏଥିସହ ଉଡ଼ାଣ ବାତିଲ ହୋଇଥିବା ଫ୍ଲାଇଟର ଯାତ୍ରୀମାନଙ୍କୁ ସେମାନଙ୍କ ଟଙ୍କା ସମ୍ପୂର୍ଣ୍ଣ ରୂପେ ଫେରାଯିବ । ନଚେତ ସେମାନେ ଚାହିଁଲେ ତାହାକୁ ଅନ୍ୟ ତାରିଖକୁ ଘୁଞ୍ଚାଇ ଦିଆଯିବ ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି । ଗତ ମାସରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ କ୍ୟାବିନ କ୍ର୍ୟୁ ମେମ୍ବରଙ୍କ ଏକ ଟିମ୍ ଅଭିଯୋଗ କରିଥିଲେ କି ମ୍ୟାନେଜମେଣ୍ଟ ଠିକ୍ ଭାବେ କାମ କରୁନି । କର୍ମଚାରୀଙ୍କ ସହ ସମାନ ବ୍ୟବହାର ପ୍ରଦର୍ଶନ କରାଯାଉନି । ପରିଚାଳନାଗତ ତ୍ରୁଟି ହେତୁ କ୍ର୍ୟୁ ମେମ୍ବର ଶକ୍ତ ମାନସିକ ଆଘାତ ପାଉଥିବାରୁ ଏପରି ଚରମ ପଦକ୍ଷେପ ନେଇଥିବା ଆଲୋଚନା ହେଉଛି ।

# ଗୋଲ୍ଡି ବ୍ରାର ଗ୍ୟାଙ୍ଗର ୧୦ ସାର୍ପ ସୁଟର ଗିରଫ

**ନୂଆଦିଲ୍ଲୀ:** ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସେଲ୍ ପକ୍ଷରୁ ଗୋଲ୍ଡି ବରାର ଗ୍ୟାଙ୍ଗର ୧୦ ଶାର୍ପ ସୁଟରଙ୍କୁ ଗିରଫ କରାଯାଇଛି । ଦିଲ୍ଲୀ, ରାଜସ୍ଥାନ, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ବିହାର ସମେତ ୭ ରାଜ୍ୟରେ ସ୍ପେଶାଲ ଅପରେସନ୍ କରାଯାଇ ସୁଟରମାନଙ୍କୁ ଗିରଫ କରାଯାଇଛି । ଏହି ସମୟରେ ପୁଲିସ ସୁଟରମାନଙ୍କ ପାଖରୁ ୭ ପିସ୍ତଲ, ୩୧ ଜୀବନ୍ତ ଗୁଳି ସହିତ ୧୧ ମୋବାଇଲ ସେଟ୍ ଜବତ କରିଛି । ଅନୁସନ୍ଧାନରୁ ଜଣାପଡିଛି ଯେ ଗିରଫ ହୋଇଥିବା ସମସ୍ତ ସୁଟର ପରସ୍ପର ସହ ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ଅନ୍ୟାନ୍ୟ ସୋସିଆଲ ମିଡିଆ ହ୍ୟାଣ୍ଡେଲ ମାଧ୍ୟମରେ ସଂଯୁକ୍ତ ଥିଲେ । ଦିଲ୍ଲୀ ପୋଲିସର ଏହି କାର୍ଯ୍ୟ ସୁଟରଙ୍କ ଯୋଜନାକୁ ଭଣ୍ଡୁର କରିଦେଇଛି । କାରଣ ଆଗାମୀ ଦିନରେ ଏହି ସୁଟରମାନେ ବିଭିନ୍ନ ରାଜ୍ୟରେ ହତ୍ୟା, ଡକାୟତି ଏବଂ ଚୋରି ଘଟଣା ଘଟାଇବାକୁ ଯାଉଥିଲେ । ପୁଲିସ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁଯାୟୀ, ଏସିପି ଲଳିତ ମୋହନ ନେଗି ଏବଂ ଏସିପି ହୃଦୟ ଭୂଷଣଙ୍କ ନେତୃତ୍ୱରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ ଦ୍ୱାରା ଏହି ଅପରେସନ୍ କରାଯାଇଥିଲା । ଜେଲରେ ଥିବା ଲରେନ୍ସ ବିଶ୍ନୋଇ ଏବଂ ବିଦେଶରେ ରହୁଥିବା ଆତଙ୍କବାଦୀ ଗୋଲ୍ଡି ବରାର ଦିଲ୍ଲୀ-ଏନସିଆର ଏବଂ ଏହାର ଆଖପାଖ ରାଜ୍ୟରେ ଚୋରି, ହତ୍ୟା ଏବଂ ଅନ୍ୟାନ୍ୟ ଜଘନ୍ୟ ଅପରାଧ ଘଟାଉଛନ୍ତି । ଏଥିପାଇଁ ସେମାନେ ଏହି ସମସ୍ତ ଶାର୍ପ ସୁଟରଙ୍କ ସାହାଯ୍ୟ ନେଉଥିଲେ । ପୁଲିସ ପକ୍ଷରୁ ଗିରଫ ସୁଟରଙ୍କୁ ପଚରାଉଚରା କରାଯିବା ସହିତ ଅଧିକ ତଦନ୍ତ ଜାରି ରହିଛି ।



# ପୁତୁରା ଉପରେ ଖପ୍ପା ମାୟାବତୀ

## ଉତ୍ତରାଧିକାରୀ ପଦରୁ ହଟାଇଲେ

**ଲକ୍ଷ୍ନୌ:** ବହୁଜନ ସମାଜ ପାର୍ଟିର ସୁପ୍ରିମୋ ମାୟାବତୀ ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ତାଙ୍କ ଉତ୍ତରାଧିକାରୀ ତଥା ଜାତୀୟ ସଂଯୋଜକ ଦାୟିତ୍ୱରୁ ବିଦା କରିଦେଇଛନ୍ତି । ଆକାଶ ଆନନ୍ଦଙ୍କୁ ଏହି ପଦରୁ ହଟାଇବା ନିଷ୍ପତ୍ତି ପରେ ବିଭିନ୍ନ ଦଳର ପ୍ରତିକ୍ରିୟା ସାମ୍ନାକୁ ଆସୁଛି । ଏହି କ୍ରମରେ ପୂର୍ବତନ କଂଗ୍ରେସ ନେତା ଆଚାର୍ଯ୍ୟ ପ୍ରମୋଦ କୃଷ୍ଣ ମାୟାବତୀଙ୍କ ଏହି ନିଷ୍ପତ୍ତି ଉପରେ ଏକ ବିବୃତ୍ତି ଦେଇଛନ୍ତି । ପୁତୁରା ଆକାଶଙ୍କ ବିରୋଧରେ ବିଏସପି ସୁପ୍ରିମୋଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସେ କହିଛନ୍ତି ଯେ ବିରୋଧୀ ଦଳମାନେ ମାୟାବତୀଙ୍କଠାରୁ କିଛି ଶିଖନ୍ତୁ ଆଚାର୍ଯ୍ୟ ପ୍ରମୋଦ କୃଷ୍ଣମ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ ପରିବାରବାଦକୁ ସମର୍ଥନ କରୁଥିବା ଦଳମାନେ ମାୟାବତୀଙ୍କଠାରୁ ଶିଖିବା ଉଚିତ ଯେ କିଭଳି ଅପରିପକ୍ ଯୁବକମାନଙ୍କୁ ହଟାଇ ପରିପକ୍ ନେତାମାନଙ୍କୁ ଦାୟିତ୍ୱ ଦେବା ଉଚିତ ବାସ୍ତବରେ ସୀତାପୁରରେ ଏକ ରାଲିରେ ସମ୍ବୋଧିତ କରିବାବେଳେ ଆକାଶ ଆନନ୍ଦ କହିଥିଲେ ଯେ ବିଜେପି ସରକାର ଆତଙ୍କବାଦୀଙ୍କ ସରକାର ଏବଂ ସେମାନଙ୍କୁ ଜୋତା ମାରିବା ଉଚିତ । ଏହି ବିବାଦୀୟ ବିବୃତ୍ତି ପରେ ଆକାଶ ଆନନ୍ଦ ଏବଂ ତିନି ଜଣ ପ୍ରାର୍ଥୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ଏହା ପରେ ମାୟାବତୀ ପ୍ରଥମେ ତାଙ୍କ ପୁତୁରାଙ୍କ ରାଲି ଉପରେ ପ୍ରତିବନ୍ଧକ ଲଗାଇଥିଲେ ।

# ୟୁ-ଟର୍ଣ୍ଣ ମାରିଲା ଟ୍ରକ୍: ପଶିଗଲା କାର୍, ୬ ମୃତ

**ଜୟପୁର:** ରାଜସ୍ଥାନର ସଓ୍ୱାଇ ମାଧୋପୁର ଜିଲ୍ଲାରେ ଏକ ଭୟଙ୍କର ସଡକ ଦୁର୍ଘଟରା ଘଟିଛି ।ସୂଚନା ମୁତାବକ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ଏକ ଟ୍ରକ୍ ଆଗରେ ଯାଉଥିବା ବେଳେ ତା' ପଛରେ ଏକ କାର୍ ଯାଉଥିଲା । ଏତିକି ବେଳେ ଟ୍ରକଟି ହଠାତ ୟୁ-ଟର୍ଣ୍ଣ ନେଇଥିଲା । ତେବେ ପଛରେ ଯାଉଥିବା କାରଟି ନିୟନ୍ତ୍ରଣ ହରାଇ ଉକ୍ତ ଟ୍ରକ୍ ଭିତରେ ପଶି ଯାଇଥିଲା । ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ଦୁଇ ଜଣ ଆହତ ମଧ୍ୟ ହୋଇଛନ୍ତି । ସିସିଟିଭିରେ ଦୁର୍ଘଟଣା ବେଳର ପୂରା ଦୃଶ୍ୟ କଏଦ୍ ହୋଇଛି । ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପରିବାରର ୬ ଜଣ ସଦସ୍ୟଙ୍କ ମଧ୍ୟରେ ଦୁଇ ଜଣ ଛୋଟ ପିଲା ମଧ୍ୟ ଅଛନ୍ତି । ମୃତଦେହକୁ ଡାକ୍ତରଖାନା ନିଆଯାଇଥିବା ବେଳେ ବୌଲି ଥାନା ପୁଲିସ ଦୁଇ ଜଣ ଆହତଙ୍କୁ ହସ୍ପିଟାଲ ପଠାଇଛି । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ଏହି ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ପରିବାର ପ୍ରତି ସମବେଦନ ଜଣାଇଛନ୍ତି । ସେପଟେ ପୁଲିସ ଉକ୍ତ ଟ୍ରକକୁ ଜବତ କରିଛି । ଟ୍ରକ୍ ଡ୍ରାଇଭର ଫେରାର ଥିବା ବେଳେ ମାମଲାର ତଦନ୍ତ ଜାରି ରହିଛି ।

# ଓଲଟିଲା ସୁନା ବୋଝେଇ ଟ୍ରକ୍



**ଚେନ୍ନାଇ:** ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଲା ୬୬୬ କୋଟି ଟଙ୍କାର ସୁନାଗହଣା ନେଇଯାଉଥିବା ଟ୍ରକ ଆଉ ଏବାବଦରେ ସୂଚନା ପାଇବା ପରେ ପୁଲିସ ତ୍ୱରିତ ପଦକ୍ଷେପ ନେଇ ଘଟଣାସ୍ଥଳରେ ପହଁଚିଲା ଆଉ ଲୁଟ ହେବା ଆଗରୁ ସୁନାଗହଣାକୁ ଗନ୍ତବ୍ୟ ସ୍ଥଳ ଅଭିମୁଖେ ପଠାଇଲା । ତାମିଲନାଡୁର ଇରୋଡ ନିକଟ ଚିତ୍ତୋଡରେ ଏଭଳି ଘଟଣା ଘଟିଛି । ମିଳିଥିବା ସୂଚନା ମୁତାବକ ୬୬୬ କୋଟି ଟଙ୍କା ମୂଲ୍ୟର ୮୧୦ କିଲୋଗ୍ରାମ ସୁନା ଅଳଙ୍କାର ନେଇଥିବା ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ପୁଲିସ କହିଛି ଯେ ଏକ ଘରୋଇ ଲଜିଷ୍ଟିକ୍ କମ୍ପାନୀ ପକ୍ଷରୁ ଏହି ବିପୁଳ ପରିମାଣର ଅଳଙ୍କାର ନେଇ କଣ୍ଟେନର କୋଏମ୍ବାଟୁରରୁ ସାଲେମକୁ ଯାଉଥିଲା । ତେବେ ରାସ୍ତାରେ ଭାରସାମ୍ୟ ହରାଇ ଏହା ଓଲଟିପଡିଥିଲା ଏହି ଦୁର୍ଘଟଣାରେ ଡ୍ରାଇଭର ଶଶି କୁମାର ଏବଂ ସଶସ୍ତ୍ର ସୁରକ୍ଷା କର୍ମୀ ବଲରାଜ ଗୁରୁତର ଆହତ ହୋଇଛନ୍ତି । ସୂଚନା ମୁତାବକ ଚିତୋଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛି । ତେବେ କଣ୍ଟେନରରେ ଥିବା ଅଳଙ୍କାର ସୁରକ୍ଷିତ ରହିଛି । ଦୁର୍ଘଟଣା ପରେ ଅଳଙ୍କାରର ରସିଦ ଦେଖି ପୁଲିସ ଗହଣା ପଠାଇଥିବା ସଂସ୍ଥା ସହ ଯୋଗାଯୋଗ କରିଥିଲା ଘଟଣା ସମ୍ପର୍କରେ ସଂସ୍ଥା ପକ୍ଷରୁ ସୂଚନା ପାଇବା ପରେ ଏକ ଗାଡି ଏବଂ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା । ଏହା ପରେ ଅଳଙ୍କାରକୁ ଅନ୍ୟ ଏକ ଗାଡିରେ ସାଲେମକୁ ପଠାଯାଇଥିଲା ।

# ଅସଲି ସିବିଆଇ ଅଫିସରଙ୍କୁ ଲୁଟିଲେ ନକଲି କ୍ରାଇମ୍ ବ୍ରାଞ୍ଚ




**ମୁମ୍ବାଇ:** ନକଲି କ୍ରାଇମ୍ ବ୍ରାଞ୍ଚ ଜାଲରେ ପଡିଲେ ଅସଲି ସିବିଆଇ ଅଫିସର୍ । ଫେକ୍ କଲ୍ କରି ତାଙ୍କ ଠାରୁ ଲୁଟି ନେଲେ ୨ ଲକ୍ଷ ଟଙ୍କା।ଛ ମୁମ୍ବାଇର ଜଣେ ସିବିଆଇ ଅଫିସର ଏଭଳି ସାଇବର ଠକେଇର ଶିକାର ହୋଇଛନ୍ତି । ତାଙ୍କ ଆକାଉଣ୍ଟରୁ ୨ ଲକ୍ଷ ଟଙ୍କା ଚଲୁ ହୋଇଥିବା ସେ ଅଭିଯୋଗ ଆଣିଛନ୍ତି । ଏପ୍ରିଲ୍ ୨୬ ତାରିଖରେ ମୁମ୍ବାଇର ଜଣେ ୫୯ ବର୍ଷୀୟ ସିବିଆଇ ଅଫିସରଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା । କଲ୍ କରିଥିବା ବ୍ୟକ୍ତି ଜଣକ ନିଜର ପରିଚୟ ଆଶିଷ ଶର୍ମା ବୋଲି ଦେଇଥିଲେ । ସେ ଦିଲ୍ଲୀ ପୁଲିସର କ୍ରାଇମ୍ ବ୍ରାଞ୍ଚରୁ କହୁଛନ୍ତି ଓ ସିବିଆଇ ଅଫିସ୍ରଙ୍କ ନାମରେ ଏକ ପାର୍ସଲ ପାଇଛନ୍ତି ବୋଲି କହିଥିଲେ । ଉକ୍ତ ପାର୍ସଲକୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଜବତ କରାଯାଇଥିବା ସେ ସୂଚନା ଦେଇଥିଲା । ଜବତ ପାର୍ସଲରେ ସିବିଆଇ ଅଫିସର୍ଙ୍କ ଆଧାର ନମ୍ବର ବି ଉଲ୍ଲେଖ ଥିବା ସେ କହିଥିଲେ । ସେହି ପାର୍ସଲ ଭିତରେ ୮ଟି ପାସ୍ପୋର୍ଟ, ୫ଟି କ୍ରେଡିଟ୍ କାର୍ଡ ଓ ୧୭୦ ଗ୍ରାମ୍ ଡ୍ରଗ୍ସ ମିଳିଛି ବୋଲି ଜଣାଇଥିଲେ । ୪୯ ମିନିଟ୍ ପର୍ଯ୍ୟନ୍ତ ଚାଲିଥିବା ଏହି ଫୋନ୍‌କଲରେ ଠକ ଜଣଙ୍କ ଅଧିକାରୀଙ୍କୁ ଡରାଇବା ସହ ଗିରଫ କରିବାକୁ ଧମକ ମଧ୍ୟ ଦେଇଥିଲେ ।

ଏହାପରେ ଏପ୍ରିଲ ୨୮ ତାରିଖରେ ଆଉ ଜଣେ ବ୍ୟକ୍ତିଙ୍କ କଲ୍ ଉକ୍ତ ସିବିଆଇ ଅଫିସରଙ୍କ ପାଖକୁ ଆସିଥିଲା । ଦିଲ୍ଲୀ ପୁଲିସ ଓ ଆରବିଆଇ ଭେରିଫିକେସନ୍ ପ୍ରୋସେସ୍ ପାଇଁ କଥା ହେଉଥିବା ଜଣାଇଥିଲେ । ଏହାପରେ ସିବିଆଇ ଅଫିସରଙ୍କୁ ୨ ଲକ୍ଷ ଟଙ୍କା ଫିସ୍ ଭରିବାକୁ କହିଥିଲେ । ଠକଙ୍କ କଥା ଶୁଣି ସିବିଆଇ ଅଫିସର୍ ୨ ଲକ୍ଷ ଟଙ୍କା ଟ୍ରାନ୍ସଫର କରି ଦେଇଥିଲେ । ପ୍ରସୋସ୍ ସରିବା ପରେ ଏହି ଟଙ୍କା ତାଙ୍କୁ ଫେରସ୍ତ କରିଦିଆଯିବ ବୋଲି ଠକ ଜଣକ କହିଥିଲା । ହେଲେ ସିବିଆଇ ଅଫିସର ଜଣକ କିନ୍ତୁ ତାଙ୍କ ଟଙ୍କା ଆଉ ଫେରି ପାଇ ନଥିଲେ ।

ପରେ ସିବିଆଇ ଅଫିସର ଜଣକ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ମୁମ୍ବାଇ ସାଇବର ପୁଲିସରେ ଅଭିଯୋଗ କରିଛନ୍ତି । ପୁଲିସ ଅଭିଯୋଗକୁ ଆଧାର କରି ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି ।

## କ୍ରୀଡା ବିକାଶ କ୍ଷେତ୍ରରେ କିଟ୍‌ର ଅବଦାନ ଅତୁଳନୀୟ



ଭୁବନେଶ୍ୱର,୮।୫(ସବ୍ୟୁ): ଶିକ୍ଷା ସହ କ୍ରୀଡାକୁ ଅଗ୍ରାଧିକାର ଦେଇଛି କିଟ୍ ବିଶ୍ୱବିଦ୍ୟାଳୟ । କିଟ୍ ଓ କିସ୍‌ରେ ହଜାର ହଜାର ଆଦିବାସୀ ତଥା ବିଦେଶୀ ଛାତ୍ର ଛାତ୍ରୀଙ୍କ ସମାଗମ ଆମ ଶିକ୍ଷା ଗାରିମାକୁ ବଢ଼ାଇଛି । ତତ୍‌ସହିତ ଖେଳ କୁଦରେ ବି ଦୁଇ ପାଦ ଆଗରେ ରହିଛି କିଟ୍ ଓ କିସ୍ ।

ଏଆଇୟୁ (ସ୍ପୋର୍ଟ୍ସ ବୋର୍ଡ ଅଫ୍ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭରସିଟି)ର ବାର୍ଷିକ ସାଧାରଣ ବୈଠକ କିଟ୍‌ରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନ ପ୍ରଫେସର ଜିଡି ଶର୍ମା (ଏଆଇୟୁ ସଭାପତି), ପ୍ରଫେସର ବିନୟ କୁମାର ପାଠକ (ଉପସଭାପତି), ପଙ୍କଜ ମିତଲ (ସାଧାରଣ ସମ୍ପାଦକ ଏଆଇୟୁ), ପ୍ରଫସର ଶରଣଜିତ ସିଂ (କିଟ୍ ଉପକୂଳପତି), ପ୍ରଫେସର ଦୀପକ କୁମାର ବେହେରା (କିସ୍ ଉପକୂଳପତି), ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି (କିଟ୍ ରେଜିଷ୍ଟ୍ରାର), ପ୍ରଶାନ୍ତ କୁମାର ରାଉତରାୟ (କିସ୍ ରେଜିଷ୍ଟ୍ରାର), ଗଗନେନ୍ଦୁ ଦାଶ (କ୍ରୀଡା ମହାନିର୍ଦ୍ଦେଶକ), ଏତଦ୍ ବ୍ୟତୀତ ରାଜ୍ୟ ତଥା ଦେଶର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ଗୁଡିକର ପ୍ରତିନିଧି ଏଥିରେ ଯୋଗଦେଇଥିଲେ । ଏହା ବ୍ୟତୀତ ଜାତୀୟ କ୍ରୀଡାସଂଘ ଯଥା ରୋଇଂ, ସୁଇମିଂ, ଟେବୁଲ ଟେନିସ୍, ସିପକଟାକ୍ର ଓ ଆଥଲେଟିକ୍ସର ଜାତୀୟ ସଂଘ ପ୍ରତିନିଧି ଯୋଗଦେଇଥିଲେ । ୨ୟଥର ପାଇଁ କିଟ୍‌ରେ ଏଆଇୟୁ ସ୍ପୋର୍ଟ୍ସ ବୋର୍ଡ ଏଜିଏମ୍ ଅନୁଷ୍ଠିତ ହୋଇଛି । ପୂର୍ବରୁ ୨୦୧୭ରେ ବୈଠକ ହୋଇଥିଲା । ଏହି ବୈଠକରେ କିଟ୍ ଓ କିସକୁ ଅଜସ୍ର ପ୍ରଶଂସା କରାଯାଇଛି । କାରଣ କ୍ରୀଡାର ବିକାଶ ଓ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଗଢ଼ିବାରେ କିଟ୍‌ର ଅବଦାନ ଅତୁଳନୀୟ । କ୍ରୀଡାବିତଙ୍କୁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଯୋଗାଇବାରେ କିଟ୍ ଯେଉଁ ପ୍ରୟାସ ଜାରି ରହିଛି ଦେଶର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ଗୁଡିକ ପାଇଁ ଶିକ୍ଷଣୀୟ ହୋଇପାରିଛି । ଦଶନ୍ଧୀରୁ ଊର୍ଦ୍ଧ୍ୱ ସମୟ ଧରି କିଟ୍‌ରେ ବହୁ ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ୨୦୦୯ ପରେ କ୍ରୀଡା କ୍ଷେତ୍ର ବେଶ ସମ୍ପ୍ରସାରିତ ହୋଇଛି । ୨୦୨୦ରେ ପ୍ରଥମ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡା ଅନୁଷ୍ଠିତ ହୋଇଥିଲା । ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡା ୨୦୧୭, ୨୦୧୯ ଓ ୨୦୨୩ ପାଇଁ କିଟ୍ ନୋଡାଲ ସେଣ୍ଟର ସାଜିଥିଲା । ଏଠାରେ ଚୟନ ଶିବିର, ଉଚ୍ଚମାନର ତାଲିମ୍ ହାସଲ କରି କ୍ରୀଡାବିତ୍ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିଜକୁ ପ୍ରତିଷ୍ଠିତ ତଥା ପ୍ରତିପାଦିତ କରିପାରିଛନ୍ତି । ଏଦୃଷ୍ଟିରୁ ସମସ୍ତ ବିଶ୍ୱବିଦ୍ୟାଳୟ ପାଇଁ କିଟ୍ ଉଦାହରଣ ତଥା ପ୍ରେରଣାଦାୟୀ ହୋଇରହିବ ।

# ହେଡ, ଅଭିଶେକ୍ ହାଇଦ୍ରାବାଦକୁ ଜିତାଇଲେ

ହାଇଦ୍ରାବାଦ,୮।୫(ଏଜେନ୍ସି): ଘରୋଇ ମାହୋଲରେ ଧମାକା ଦେଖାଇଛି ସନ୍‌ରାଇଜର୍ସ ହାଇଦ୍ରାବାଦ । ୧୬୬ ରନ୍‌ର ବିଜୟଲକ୍ଷ୍ୟକୁ ମାତ୍ର ୯.୪ ଓଭରରେ ବିନା କୌଣସି ୱିକେଟ୍ ହରାଇ ୧୦ ୱିକେଟ୍‌ରେ ଜିତିବା ଆଇପିଏଲ୍ ଇତିହାସରେ ଆଉ ଏକ କୀର୍ତ୍ତିମାନ ଅଧ୍ୟାୟ ଯୋଡି ହୋଇଛି । ବୁଧବାର ହାଇଦ୍ରାବାଦରେ ଅନୁଷ୍ଠିତ ଆଇପିଏଲର ୫୭ତମ ମ୍ୟାଚରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟ ୨୦ ଓଭରରେ ୪ ୱିକେଟ୍ ହରାଇ ୧୬୫ ରନ୍ କରିଥିଲା ।

**ଆଇପିଏଲ୍ ମହାସମର**

ଜବାବରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଅଭିଶେକ ଶର୍ମାଙ୍କ ୭୫ ଓ ଟ୍ରେଭିସ ହେଟଙ୍କ ୮୯ ରନ୍ ସହାୟତାରେ ୯.୪ ଓଭରରେ ୧୬୭ ରନ୍ କରି ୧୦ ୱିକେଟ୍‌ରେ ବିଜୟ ହାସଲ କରିଛି । ଚଳିତ ଆଇପିଏଲ୍‌ରେ ଏହା ସନ୍‌ରାଇସର୍ଜର ସପ୍ତମ ବିଜୟ । ଏପର୍ଯ୍ୟନ୍ତ ସନ୍‌ରାଇଜର୍ସ ୧୨ ମ୍ୟାଚରୁ ୧୪ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି । ପରାଜିତ ଲକ୍ଷ୍ନୌ ୧୨ ମ୍ୟାଚରୁ ୧୨ ପଏଣ୍ଟ ସହ ଷଷ୍ଠ ସ୍ଥାନକୁ ଖସିଛି । ୩୦ ବଲ୍‌ରୁ ୮୯ ରନ୍ ସଂଗ୍ରହ କରିଥିବା ସନ୍‌ରାଇଜର୍ସର ଟ୍ରେଭିସ ହେଡଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

ଟସ୍ ଜିତି ଲକ୍ଷ୍ନୌ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଧୀମା ଆରମ୍ଭ ଓ ଆଗଧାଡିର ଖେଳାଳିଙ୍କ ଆରମ୍ଭ ଓ ବିଫଳତା ଯୋଗୁଁ ଦଳ ବଡ଼ ସ୍କୋର ଆଡେ ମୁହାଁଇ ପାରିନଥିଲା । କିନ୍ତୁ ମଧ୍ୟମକ୍ରମରେ ନିକୋଲାସ ପୁରନ୍ ତଥା ଆୟୁଷ ବଦୋନୀ ଜମାଣିଆ ଇନିଂସ ଖେଳି ଦଳକୁ ସମ୍ମାନଜନକ ସ୍ଥିତିରେ ପହଞ୍ଚାଇଥିଲେ । ଲୋକେଶ ରାହୁଲ ୩୩ ବଲ୍‌ରୁ ୨୯ ରନ୍, କ୍ୱିଣ୍ଟନ ଡିକକ୍ ୫ ବଲ୍‌ରୁ ୨, ମାର୍କସ ଷ୍ଟୋଇନିସ୍ ୫ ବଲ୍‌ରୁ ୩, କୁନାଲ ପାଣ୍ଡ୍ୟା ୨୧ ବଲ୍‌ରୁ ୨୪ ରନ୍ କରି ଆଉଟ୍ ହୋଇଥିଲେ । ତେବେ ନିକୋଲାସ ପୁରନ୍ ୨୬ ବଲ୍‌ରୁ ୪୮ ଓ ଆୟୁଷ ବଦୋନୀ ୩୦ ବଲ୍‌ରୁ ୫୫ ରନ୍ କରିବାରୁ ଲକ୍ଷ୍ନୌ ୨୦ ଓଭରରେ ୪ ୱିକେଟ୍ ହରାଇ ୧୬୫ ରନ୍ କରିଥିଲା । ବୋଲିଂରେ ହାଇଦ୍ରାବାଦର ଭୁବନେଶ୍ୱର କୁମାର ସର୍ବାଧିକ ୨ ୱିକେଟ୍ ସଫଳତା



ହାସଲ କରିଥିଲେ । ୧୬୬ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିଲା ସନ୍‌ରାଇଜର୍ସ ହାଇଦ୍ରବାଦ । ଇମ୍ପାକ୍ଟ ଖେଳାଳି ଅଭିଶେକ ଶର୍ମାଙ୍କ ସହ ଟ୍ରେଭିସ ହେଡ ପାଳି ଆରମ୍ଭ କରିଥିଲେ । ଦୁହେଁ ଏପରି ଖେଳିଲେ ଯେ, ମ୍ୟାଚ୍‌କୁ ୯.୪ ଓଭରରେ ଶେଷ କରିଦେଲେ । ଅଭିଶେକ ଶର୍ମା ୨୮ ବଲ୍‌ରୁ ୭୫ ତଥା ଟ୍ରେଭିସ୍ ହେଡ ୩୦ ବଲ୍‌ରୁ ୮୯ ରନ୍ ସଂଗ୍ରହ କରି ଲକ୍ଷ୍ନୌ ବୋଲରଙ୍କୁ ଆଦୌ ସୁଯୋଗ ଦେଇନଥିଲେ । ଅଭିଶେକ ୮ଟି ଚୌକା ଓ ୬ଟି ଛକା ମାରିଥିବା ବେଳେ ଟ୍ରେଭିସ୍ ହେଡ ୮ଟି ଲେଖାଏଁ ଚୌକା ଓ ଛକା ମାରି ଲକ୍ଷ୍ନୌ ବୋଲରଙ୍କୁ ଧରାଶାୟୀ କରିଥିଲେ । ଓଭର ପିଛା ପାଖାପାଖି ୧୮ ରନ୍ ସଂଗ୍ରହ କରି ସନ୍‌ରାଇଜର୍ସ ବିନା ୱିକେଟ୍‌ପତନରେ ମ୍ୟାଚ ଫିନିସ୍ କରିଥିଲା । ଏବିଶାଳ ବିଜୟ ସହ ସନ୍‌ରାଇଜର୍ସ ପ୍ଲେ ଅଫ୍‌ସ ଆଡେ ଆଉ ପାଦେ ଅଗ୍ରସର ହୋଇଛି ।

**ଆଜିର ମ୍ୟାଚ**
ପଞ୍ଜାବ–ବେଙ୍ଗାଲୁରୁ
ସମୟ: ରାତି ୭.୩୦
ସ୍ଥାନ: ଧର୍ମଶାଳା
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ |
| ରାଜସ୍ଥାନ | ୧୧ | ୮ | ୩ | ୧୬ |
| ସନ୍‌ରାଇଜର୍ସ | ୧୨ | ୭ | ୫ | ୧୪ |
| ଚେନ୍ନାଇ | ୧୧ | ୬ | ୫ | ୧୨ |
| ଦିଲ୍ଲୀ | ୧୨ | ୬ | ୬ | ୧୨ |
| ଲକ୍ଷ୍ନୌ | ୧୨ | ୬ | ୫ | ୧୨ |
| ବେଙ୍ଗାଲୁରୁ | ୧୧ | ୪ | ୭ | ୮ |
| ପଞ୍ଜାବ | ୧୧ | ୪ | ୭ | ୮ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ଗୁଜରାଟ | ୧୧ | ୪ | ୭ | ୮ |

## ଗୌରୀ ମହାନ୍ତି ଜାତୀୟ କରାଟେ ସଂଘ କାର୍ଯ୍ୟକାରୀ ସଦସ୍ୟ

ଭୁବନେଶ୍ୱର,୮।୫(ସବ୍ୟୁ): ଓଡ଼ିଶା ରାଜ୍ୟ କରାଟେ ଡୁ ସଂଘର ସାଧାରଣ ସମ୍ପାଦକ ଗୌରୀ ମହାନ୍ତି ଡେରାଡୁନ୍ ଠାରେ ଅନୁଷ୍ଠିତ ଜାତୀୟ କରାଟେ ସଂଘ କରାଟେ ଇଣ୍ଡିଆ ଅର୍ଗାନାଇଜେସନର ନିର୍ବାଚନରେ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ମୋଟ୍ ୩୪ଟି ରାଜ୍ୟ ସଂଘ ତଥା କେନ୍ଦ୍ର ଶାସିତ ଅଞ୍ଚଳକୁ ନେଇ ଗଠିତ କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍‌ର ଏହି ନିର୍ବାଚନରେ ୧୨ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି । ହାନସି ଭରତ ଶର୍ମା (ସଭାପତି), ସଞ୍ଜୀବ ଜାଙ୍ଗ୍ରା ସମ୍ପାଦକ, ମୁଟୁମ ବଙ୍କିମ୍ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବେଳେ ମହେଶ ଗୌଡା, ଜୟ ପ୍ରକାଶ ଓ କଲପେସ୍ ମକ୍ୱାନା, ଉପସଭାପତି ନିର୍ବାଚିତ ହୋଇଛନ୍ତି । କୀର୍ତ୍ତନ କୁନ୍ଦୁର, ଯଶପାଲ ସିଂ ଓ ନଗେଶ ବେଙ୍ଗଜାଙ୍ଗ ସହସମ୍ପାଦକ ଏବଂ ଗୌରୀ ମହାନ୍ତି, ସନ୍ଦୀପ ଗାଡେ ଓ ଆମ୍ବେଦକର ଗୁପ୍ତା କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ଜାତୀୟ ସଂଘର ୨୦୨୪ ରୁ ୨୦୨୮ ପର୍ଯ୍ୟନ୍ତ ଗଠିତ ଏହି କାର୍ଯ୍ୟକାରୀ କମିଟିରେ ଗୌରୀ ମହାନ୍ତି ଏକମାତ୍ର ମହିଳା ସଦସ୍ୟ ତଥା ଜାତୀୟ କରାଟେ ସଂଘ ଇତିହାସରେ ମଧ୍ୟ ପ୍ରଥମ ମହିଳା ସଦସ୍ୟ ଅଟନ୍ତି ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ଅଲିମ୍ପିକ୍ସ ପୂର୍ବରୁ କଳିଙ୍ଗରେ ପରାକ୍ରମ ଦେଖାଇବେ ନୀରଜ


ଭୁବନେଶ୍ୱର,୮।୫(ସବ୍ୟୁ): ନୀରଜ ଚୋପ୍ରାଙ୍କ ପରାକ୍ରମ ଦେଖିବେ ଦେଶବାସୀ । ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ନୀରଜ କଳିଙ୍ଗରେ ନିଜ ଦକ୍ଷତା ଦେଖାଇବେ । ୨୦୨୧ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ପରଠୁ ନୀରଜ ଆଉ ଭାରତରେ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିନଥିଲେ । ପାଖା ପାଖି ୩ ବର୍ଷ ପରେ ନୀରଜ ଭାରତରେ ଖେଳାଯାଉଥିବା ୨୭ତମ ଜାତୀୟ ଫେଡେରେସନ୍ କପ୍ ଆଥଲେଟିକ୍ସ ଚାମ୍ପିଅନ୍ସସିପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି । ଏହି ପ୍ରତିଯୋଗିତା ଚଳିତ ମାସ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବ । ନୀରଜଙ୍କ ପାଇଁ କଳିଙ୍ଗ ଷ୍ଟାଡିୟମ୍ ସର୍ବଦା ଶୁଭଙ୍କର । କାରଣ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଏହି କଳିଙ୍ଗ ଷ୍ଟାଡିୟମ୍‌ରେ ନୀରଜ ଉଚ୍ଚକୋଟୀର ପ୍ରଦର୍ଶନ ସହ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିଲେ । ପରେ ପରେ ଟୋକିଓରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଥିଲେ ନୀରଜ । ପୁଣି ଆଉଥରେ ଇତିହାସ ପଟ ପରିବର୍ତ୍ତନ କରିଛି । ୩ ବର୍ଷ ବ୍ୟବଧାନ ପରେ ନୀରଜ ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେବାକୁ ପୁଣି କଳିଙ୍ଗ ଆସୁଛନ୍ତି । ଜାତୀୟ ଫେଡେରେସନ୍ କପ୍ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରି ପ୍ୟାରିସ ପାଇଁ ପ୍ରସ୍ତୁତି ଶେଷ କରିବେ ।

ଘରୋଇ ମାହୋଲରେ ଶେଷଥର ପାଇଁ ନୀରଜ ୨୦୨୧ ଫେଡେରେସନ୍ କପ୍‌ରେ ଅଂଶଗ୍ରହଣ କରିଥିଲେ । ଫେଡେରେସନ୍ କପ୍ ଦୋହା ଡାଇମଣ୍ଡ ଲିଗ୍ ମିଟ୍‌ରେ ସେ ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତା ମେ' ୧୦ରେ ଦୋହାରେ ହେବ । ପୁରୁଷ ଜାଭେଲିନ୍ ଥ୍ରୋରେ ନୀରଜଙ୍କ ସହ ଓଡ଼ିଆ ପୁଅ କିଶୋର ଜେନା ରଣାଙ୍ଗନକୁ ଓହ୍ଲାଇବେ । ଅଲିମ୍ପିକ୍ସ ପରେ ବିଶ୍ୱ ଚାମ୍ପିଅନ୍‌ସିପ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡାରେ ନୀରଜ ଚାମ୍ପିଅନ୍ ହୋଇସାରିଛନ୍ତି ।


ନୀରଜ କହିଛନ୍ତି ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଦକ୍ଷତା ଓ ସାମର୍ଥ୍ୟ ତଉଲି ବାର ଭଲ ସୁଯୋଗ ଅଛି । ଅଲିମ୍ପିକ୍ସ ପାଇଁ ମୋର ପ୍ରଶିକ୍ଷଣ ମଧ୍ୟ ଭଲ ରହିଛି । ନିଜର ସାମର୍ଥ୍ୟ ଓ କୌଶଳ ସହ ଫିଟନେସ୍ ତଥା ଚାପ ମୁକ୍ତ ରହିବା ଉପରେ ମୁଁ ଅଧିକ ଗୁରୁତ୍ୱ ରହିଛି । ଦୀର୍ଘ ସମୟ ହେବ ଭାରତରେ ପ୍ରତିଯୋଗିତା ଖେଳି ନାହିଁ । କିନ୍ତୁ ପ୍ରଶିକ୍ଷଣ ଓ ଫିଟନେସ ଉପରେ ସର୍ବଦା କାର୍ଯ୍ୟ କରୁଛି । ଯେତେବେଳେ ଜଣେ କ୍ରୀଡାବିତ ଭାରତୀୟ ଜର୍ସି ପରିଧାନ କରେ ସେସମୟର ଅନୁଭବ ଭିନ୍ନ । ଅବିଶ୍ୱାସନୀୟ ଉତ୍ସାହ ମନେରେ ଭରି ଯାଏ ବୋଲି ନୀରଜ କହିଛନ୍ତି । ୨୬ ବର୍ଷୀୟ ନୀରଜ କହିଛନ୍ତି ୯୦ ମିଟର ମାର୍କ ମୋ ପାଇଁ ଟାର୍ଗେଟ ନୁହେଁ । କିନ୍ତୁ ଭଲ ପ୍ରଦର୍ଶନ




ଦେଖାଇବାକୁ ମୁଁ ଲକ୍ଷ୍ୟ ରଖିଛି । ସର୍ବଦା ୧୦୦% ଫିଟ୍ ରହିବା ଓ ପୂର୍ବ ଅପେକ୍ଷା ଭଲ ପ୍ରଦର୍ଶନ ଦେଖାଇବା ମୋର ମୂଳଲକ୍ଷ୍ୟ । ବିଶ୍ୱ ଚାମ୍ପିଅନ୍ସସିପ୍‌ରେ ୨ଟି ପଦକ ଜିତିଥିଲେ । ମୋର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୯.୯୪ ମିଟର ରହିଛି । ଏହି ସଫଳତା ଷ୍ଟକ୍‌ହାମ୍‌ରେ ମିଳିଥିଲା । ଜମାଣିଆ ପ୍ରଦର୍ଶନ ସହ ଡାଇମଣ୍ଡ ଲିଗ୍ ଟାଇଟଲ ଜିତିଥିଲି । ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ତଥା ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା ମୋ କ୍ୟାରିୟର ସ୍ୱର୍ଣ୍ଣିମ ଅଧ୍ୟାୟ ଥିଲା ବୋଲି ନୀରଜ କହିଛନ୍ତି । ଓଡ଼ିଶାର କିଶୋର ଜେନା ଓ ନୀରଜ ଚୋପ୍ରା ଏଥର ପ୍ୟାରିସ୍ ଅଲିମ୍ପିକ୍ସ ଜାଭେଲିନ୍ ଥ୍ରୋରେ ଦେଶର ପ୍ରତିନିଧିତ୍ୱ କରିବେ ।







Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


## ସେକ୍ରେଟାରିଏଟ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର,୮।୫(ସବ୍ୟୁ): ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ୍ ଆସୋସିଏସନ ଆନୁକୂଲ୍ୟରେ ସେକ୍ରେଟାରିଏଟ୍ ପ୍ରିମିୟର ଲିଗ୍ ଆରମ୍ଭ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରଣଜୀ ଖେଳାଳି ସତ୍ୟ ରଞ୍ଜନ ଶତପଥି ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆସୋସିଏସନ୍‌ର ଉପଦେଷ୍ଟା ଦୀପକ ମହାନ୍ତି (ଆଇଏଫ୍‌ଏସ୍ ଇସ୍ପାତ ଓ ଖଣି ବିଭାଗ) ଯୋଗଦେଇ କର୍ମକର୍ତ୍ତା ଓ ଖେଳାଳିମାନଙ୍କ ମଧ୍ୟରେ ଖେଳୁଆଡ ମାନସିକତା ଉପରେ ଆଲୋକପାତ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ଗ୍ଲାଡିଏଟର ଏବଂ ଜାଗୁଆର୍ସ ମଧ୍ୟରେ ଏକ ରୋମାଞ୍ଚକର ସ୍ଥିତିରେ ଶେଷ ହୋଇଥିଲା । ନିର୍ଦ୍ଧାରିତ ୧୦ ଓଭରରେ ଗ୍ଲାଡିଏଟର ୮୭ ରନ୍ କରିଥିଲା । ୮୮ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଜାଗୁଆର୍ସ ଇନିଂସର ଶେଷ ବଲରେ ବିଜୟ ହାସଲ କରିଥିଲା । ବିଜୟୀ ଜାଗୁଆର୍ସ ଦଳର ବିଶ୍ୱଜିତ ମହାନ୍ତି ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ । ସେହିପରି ଦ୍ୱିତୀୟ ମ୍ୟାଚରେ ଟାଇଟନ୍ସ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮୩ ରନ୍ କରିଥିଲା । ଏହାର ଜବାବରେ ସ୍ମାସର୍ସ ଦଳ ୧୦ ୱିକେଟ୍‌ରେ ବିଜୟୀ ଲାଭ କରିଥିଲା । ଅମ୍ପାୟାର ଲୁଲୁ ମହାପାତ୍ର ଓ ଅଇମୁଲ ହକ୍ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ଆସୋସିଏସନର କାର୍ଯ୍ୟକାରୀ ଅଧ୍ୟକ୍ଷ ଶଶାଙ୍କ ଶେଖର ମହାପାତ୍ର, ଯୁଗ୍ମ ସଚିବ ନୃସିଂହ ପୃଷ୍ଟି, କୋଷାଧ୍ୟକ୍ଷ ଗିରିଶ ଦିଗଲ, ସଭ୍ୟ ରାମାରାଓ, ତ୍ରିଲୋଚନ ବାରିକ, ବିପିନ ବିହାରୀ ରାଉଳ, ବିଏନ୍‌କେ ଦାସ, ମାରୁତି ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଥିଲେ ।

## ସପ୍ତମ ରାଜ୍ୟ ସିନିୟର୍ ପେଞ୍ଚାକ ସିଲାଟ: ଝାରସୁଗୁଡା ଚାମ୍ପିଅନ

ଭୁବନେଶ୍ୱର,୮।୫(ସବ୍ୟୁ): ଝାରସୁଗୁଡା ଠାରେ ଅନୁଷ୍ଠିତ ସପ୍ତମ ରାଜ୍ୟ ସିନିୟର୍ ପେଞ୍ଚାକ ସିଲାଟ ଚାମ୍ପିଅନସିପରେ ଝାରସୁଗୁଡା ଚାମ୍ପିଅନ ହୋଇଛି । ଝାରସୁଗୁଡାର ଉତ୍କଳ ଜ୍ୟୋତି କଲୋନୀରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୫ ଟି ଜିଲ୍ଲା ର ୧୮୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଓଡ଼ିଶାରୁ ୬୪ଜଣ ପ୍ରତିଭାବାନ ଖେଳାଳି ଆଗକୁ ଥିବା ନେସନାଲ ସିନିୟର୍ ଚାମ୍ପିଅନସିପ ପାଇଁ ମନୋନୀତ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ୨୫ଜଣ ରେଫରୀ ଯୋଗ ଦେଇଥିଲେ । ଉଦଘାଟନୀ ସମାରୋହରେ ହକି ଆସୋସିଏସନ୍ ଓଡିଶାର ଉପ ସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିୟ ଅତିଥି ଭାବରେ ପେଞ୍ଚକ ସିଲାଟ ଆସୋସିଏସନ୍ ରାଜ୍ୟ ସଭାପତି ତାପସ କୁମାର ରାୟ ଚୌଧୁରୀ ଓ ଝାରସୁଗୁଡା ଜିଲ୍ଲା କ୍ରିକେଟ୍ ସଂଘ ସମ୍ପାଦକ ମେହତାବ୍ ଖାଁନ ଯୋଗୋ ଦେଇ ଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡା ଜିଲ୍ଲା କ୍ରିକେଟ୍ ସଂଘ ସଭାପତି ପ୍ରଜ୍ୱଳ ପଟେଲ ଓ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ମେହବୁବ ମାହତାବ୍‌ଙ୍କ ସହିତ ପେଞ୍ଚକ ସିଲାଟ ଆସୋସିଏସନ୍ ରାଜ୍ୟ ଉପସଭାପତି ମନୋରଞ୍ଜନ ଭଞ୍ଜ ଓ ରାଜ୍ୟ ସମ୍ପାଦକ ଗୁରୁ ପ୍ରେମ୍ ସିଂହ ଥାପା ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ଏଥି ସହିତ ଝାରସୁଗୁଡା ଚାମ୍ପିଅନ , ସମ୍ବଲପୁର ପ୍ରଥମ ରନର୍ସଅପ ଓ ଖୋର୍ଦ୍ଧା ଦ୍ୱିତୀୟ ରନର୍ସଅପ ହେଇଥିଲା । ପେଞ୍ଚକ ସିଲାଟ ଆସୋସିଏସନ୍ ଓଡିଶାର ଚିଫ ପାର୍ଟନ ତଥା ଝାରସୁଗୁଡ଼ା ବିଧାଇକା ଦୀପାଲି ଦାସ ,ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା , ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ଆଦି ସମସ୍ତ ପ୍ରତିଯୋଗୀଙ୍କୁ ବିଜୟୀ ହେବାର ଶୁଭକାମନା ଜଣାଇଛନ୍ତି ।

**ସୂଚନା**
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541